


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-196 ◆SUNDAY ◆11 JANUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୯୬ ◆ରବିବାର ◆୧୧ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ହାଡ଼ଭଙ୍ଗା ଜାଡ଼; ଥରୁଛି ଓଡ଼ିଶା

■ ଭୁବନେଶ୍ୱର, ୧୦।୧ (ସମିସ): ଗତ କିଛିଦିନ ହେବ ହାଡ଼ଭଙ୍ଗା ଜାଡ଼ରେ ପୂରା ଓଡ଼ିଶା ଥରୁଛି। ବିଶେଷକରି ଶୁକ୍ରବାର ରାତିରେ ରାଜ୍ୟର ୨୮ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ପ୍ରବଳ ଶୀତ ଜାନୁଆରୀ ମାସରେ ଅନୁଭୂତ ହୋଇଥିବା କେଇ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି। ଶୁକ୍ରବାର ରାତିରେ ଝାରସୁଗୁଡ଼ାରେ ୪.୫ ଡିଗ୍ରୀ ରାତି ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଏହା ଜାନୁଆରୀ ମାସରେ ଗତ ୭୩ ବର୍ଷର ସବୁଠାରୁ ଥଣ୍ଡା ରାତି ବୋଲି ଜଣାପଡ଼ିଛି। ସେହିପରି ଭୁବନେସ୍ୱରରେ ୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଏହା ଗତ ୨୨ ବର୍ଷରେ ସବୁଠାରୁ ଥଣ୍ଡା ରାତି ବୋଲି ପାଣିପାଗ ବିଜ୍ଞାନୀଙ୍କ ସୂତ୍ରରୁ ଜଣାପଡ଼ିଛି। ସେହିପରି ଗତ ଗୁରବାର ରାତିରେ ରାଉରକେଲାରେ ରାତି ତାପମାତ୍ରା ୩.୬ ଡିଗ୍ରୀ ରହିଥିବା ▶ପୃଷ୍ଠା-୧୦

**୨୮ ସହରରେ ପାରଦ ୧୦ ଡିଗ୍ରୀ ତଳେ**

**୭୩ ବର୍ଷର ରେକର୍ଡ ଭାଙ୍ଗିଲା ଝାରସୁଗୁଡ଼ା**

**ଜାନୁଆରୀ ମାସରେ ସର୍ବନିମ୍ନ ୪.୫ ଡିଗ୍ରୀ ତାପମାତ୍ରା ରେକର୍ଡ**



**୩୬ରୁ ଅଧିକ ନିଖୋଜ**

## ଧସିଲା ଆବର୍ଜନା ପାହାଡ଼: ୪ ମୃତ

■ ମାନିଲା, ୧୦।୧ (ଏଜେନ୍ସି): ଫିଲିପାଇନ୍ସର ସେବୁ ସିଟିରେ ଲାଣ୍ଡଫିଲ ଅର୍ଥାତ ଆବର୍ଜନାର ପାହାଡ଼ ଧସିବା ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ହୋଇଛି। ୧୬ ମହଲା ଉଚ୍ଚର ଏହି ଆବର୍ଜନା ଗଦା ଅଚାନକ ଧସିବା ଫଳରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୬ରୁ ଅଧିକ ଲୋକ ତଳେ ଦବି ରହିଛନ୍ତି ବା ନିଖୋଜ ହୋଇଛନ୍ତି। ଫଳରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶାଙ୍କା କରାଯାଉଛି। ଏବେ ସେଠାରେ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତଳେ ଦବି ରହିଥିବା ବ୍ୟକ୍ତିଙ୍କୁ ଖୋଜିବା ଓ ଉଦ୍ଧାର କାର୍ଯ୍ୟ ପାଇଁ ୩୦୦ଜଣ ଉଦ୍ଧାରକାରୀଙ୍କୁ ନିୟୋଜିତ କରାଯାଇଛି। ବିନଲିଭ ଗାଁସ୍ଥିତ ଏକ ୱେଷ୍ଟ ସେଗ୍ରେସନ ଫ୍ୟାସିଲିଟିରେ ଏହି ଦୁର୍ଘଟଣା ଘଟିଥିଲା। ସେତେବେଳେ ଆବର୍ଜନାକୁ ଅଲଗା କରିବାକୁ ଶ୍ରମିକମାନେ କାର୍ଯ୍ୟ କରୁଥିଲେ। ପୁଲିସ ଦେଇଥିବା ସୂଚନା ଅନୁସାରେ ଏପର୍ଯ୍ୟନ୍ତ ୧୨ ଜଣଙ୍କୁ ଜୀବିତ ଅବସ୍ଥାରେ ବାହାର କରାଯାଇଛି। ଏଠାରେ ୧୧୨ ଜଣ କର୍ମଚରରୀ କାର୍ଯ୍ୟରତ ଥିଲେ।

### ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଧାନକିଣାରେ ମାଲମାଲ ଅବ୍ୟବସ୍ଥା

# ମିଲର୍ ଅଧା ଖୁସି; ଦହଗଞ୍ଜ ଚାଷୀ


■ ଭୁବନେଶ୍ୱର, ୧୦।୧ (ସମିସ): ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ଯାଏଁ, ରାଜ୍ୟର ସବୁଆଡ଼େ ଧାନକିଣାରେ ଚରମ ଅବ୍ୟବସ୍ଥା ଜଳଜଳ ଦିଶୁଛି। କେଉଁଠି ଚାଷୀ ଧାନ ଧରି ବସିଛି, ହେଲେ ସରକାର ଟୋକନ ଦେଉନାହାନ୍ତି। କେଉଁଠି ଚାଷୀଙ୍କୁ ଟୋକନ ଜାରି ହୋଇସାରିଛି; ମାତ୍ର ମଣ୍ଡି ଖୋଲୁନାହିଁ। ଏପରିକି ଅନେକ ସ୍ଥାନରେ ମିଲରମାନେ୍ ଧାନ ଉଠାଇବାକୁ ଯାଉନାହାନ୍ତି। ରାଜ୍ୟ ସରକାର ମଡେଲ ମଣ୍ଡିର ସ୍ୱପ୍ନ ଦେଖାଇଥିବା ବେଳେ ମଣ୍ଡିରେ ଖୋଲା ଆକାଶ ତଳେ ଚାଷୀ ରାତି ରାତି ବିତାଉଛନ୍ତି। ପୁଳାପୁଳା ସମସ୍ୟାରେ ଜର୍ଜରିତ ଚାଷୀକୁଳ ବାଧହୋଇ ଦଲାଲ୍‌ଙ୍କୁ ଧାନ କ୍ୱିଣ୍ଟାଲ ପିଛା ୧୫୦୦ରୁ ୧୮୦୦ ଟଙ୍କାରେ ବିକ୍ରି କରିଦେଉଛନ୍ତି। ସବୁ ଦେଖି-ଶୁଣି ସରକାର ଚାଷୀଙ୍କ ସମସ୍ୟାକୁ ଏକପ୍ରକାର ନଜରଅନ୍ଦାଜ କରିଦେଇଥିବା ବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷର ନିଆଁ କୁହୁଳିଲାଣି। ସରକାରୀ ପ୍ରତିଶ୍ରୁତି ପାଇ ମିଲର୍‌ମାନେ ଖୁସି ଥିବାବେଳେ ଦହଗଞ୍ଜ ହେଉଛନ୍ତି ଚାଷୀ। ସରକାର ଧାନ ନ କିଣିବା ପାଇଁ ଏତେ ▶ପୃଷ୍ଠା-୧୦

- ଧାନ ଧରି ବସିଛନ୍ତି; ଟୋକନ ମିଳୁନି
- ଟୋକନ ମିଳିଥିଲେ ବି ମଣ୍ଡି ଖୋଲୁନି
- ଏବେ ବି ୫ କେଜି ଯାଏଁ କଟ୍‌ନୀଛଟ୍‌ନୀ
- ଦଲାଲ୍‌ଙ୍କୁ ୧୮୦୦ରେ ଧାନ ବିକୁଛି ଚାଷୀ
- ଘୋଷଣାରେ ସୀମିତ ରହିଛି ମଡେଲ ମଣ୍ଡି



**ନବୀନଙ୍କ ଉଦ୍‌ବେଗ**

## ରାଜ୍ୟରେ ଭୁଶୁଡ଼ିପଡ଼ିଛି ଧାନ ସଂଗ୍ରହ ବ୍ୟବସ୍ଥା



■ ଭୁବନେଶ୍ୱର, ୧୦।୧ (ସମିସ): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଖୋଦ୍ ସରକାରଙ୍କ ଦ୍ୱାରା ଚାଷୀ ପ୍ରତାରିତ, ଅସହାୟ ଓ ହତାଶ ହୋଇପଡ଼ିଛନ୍ତି ବୋଲି କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। 'ଚାଷୀଙ୍କୁ ସମ୍ମାନ'ର ନାରା ଦେଉଥିବା ବିଜେପି ସରକାରର ସମସ୍ତ ଘୋଷଣା ମିଛ ପ୍ରତିଶ୍ରୁତିରେ ପରିଣତ ହୋଇଛି। ସମ୍ମାନ ବଦଳରେ ଏ ସରକାରରେ ଚାଷୀ ସବୁଠୁ ଅସମ୍ମାନିତ ଓ ପ୍ରତାରିତ ବୋଲି ବିଜେଡି ସୁପ୍ରିମୋ ନବୀନ କହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଅସହ୍ୟ ଥଣ୍ଡା-କାକର, ▶ପୃଷ୍ଠା-୧୦

**ବିଜେପି ସରକାରର ସବୁ ଘୋଷଣା ଏବେ ମିଛ ପ୍ରତିଶ୍ରୁତିରେ ପରିଣତ**

**ଚାଷୀ ଆନ୍ଦୋଳନକୁ 'ନୌଟଙ୍କି' କହୁଛନ୍ତି**

**ଡବଲ୍ ଇଞ୍ଜିନ୍ ସରକାରର ଚାଷୀଙ୍କୁ ସମ୍ମାନ ଏମିତି**

**ଚାଷୀଙ୍କ ହକ୍ ପାଇଁ ସ୍ୱର ଶାଣିତ କରିବ ବିଜେଡି**

## କ୍ଷେତରେ ଖସିପଡ଼ିଲା ବିମାନ

**୨ ପାଇଲଟଙ୍କ ସମେତ ୬ ଗୁରୁତର**

■ ରାଉରକେଲା, ୧୦।୧ (ସମିସ): ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ଇଣ୍ଡିଆ-ୱାନ୍ ଏୟାର ସେସ୍ୱା ଗ୍ରାଣ୍ଡ କାରାଭାନ୍ ଏକ୍ସ ବିମାନ ଶନିବାର ଅପରାହ୍‌ଣରେ ରାଉରକେଲାର ଜଳଦା ଅନ୍ତର୍ଗତ କଂସର ନିକଟବର୍ତ୍ତୀ ଗାଡିଆଟୋଲା ଅଞ୍ଚଳରେ ଜରୁରୀକାଳୀନ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରେ ଥିବା ୨ ପାଇଲଟ ଓ ୪ ଯାତ୍ରୀ ଆହତ ହୋଇଛନ୍ତି। କୋଲକାତା ଓ ରାଉରକେଲା ଏଟିସିରୁ ସୂଚନା ପାଇବା ପରେ ସ୍ଥାନୀୟ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରି ସୁରକ୍ଷା କଡ଼ାକଡ଼ି କରିଥିଲେ।

ସୂଚନାନୁଯାୟୀ, ବିମାନଟି ଇଣ୍ଡିଆ-ୱାନ୍ ଏୟାର ସେବା ଅଧୀନରେ ଭୁବନେଶ୍ୱରରୁ ରାଉରକେଲାକୁ ନିୟମିତ ଉଡ଼ାଣ କରୁଥିଲା। ପ୍ରତିଦିନ ଭଳି ବିମାନଟି ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନବନ୍ଦରରୁ ଶନିବାର ନିର୍ଦ୍ଧାରିତ ସମୟରେ ଉଡ଼ାଣ ଭରିଥିଲା। ମଝି ଆକାଶରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଅପରାହ୍‌ଣ ୧ଟା ୧୮ ମିନିଟରେ କୋଲକାତା ଏଟିସି ରାଡାର ଅସ୍ଥାୟୀ ଯୋଗାଯୋଗ ହରାଇଥିଲା। ପାଇଲଟ୍ ତୁରନ୍ତ ଏଟିସିକୁ ସୂଚନା ଦେବା ସହ ସତର୍କତାର ସହିତ ପ୍ରାୟ ୧ଟା ୪୦ ମିନିଟରେ ରାଉରକେଲାର ଜଳଦା ଅନ୍ତର୍ଗତ ▶ପୃଷ୍ଠା-୧୦



**ଭୁବନେଶ୍ୱରରୁ ରାଉରକେଲା ଯାଉଥିଲା ୯ ସିଟ୍‌ର ବିମାନ**

**ଜରୁରୀ ଅବତରଣ ବେଳେ ଦୁର୍ଘଟଣାର ସମ୍ମୁଖୀନ**

**ସିଲିକନ୍‌ର ପୁଲିସ ନିଯୁକ୍ତି ପରୀକ୍ଷା ପରିଚାଳନା**

## 'ପ୍ରଥମେ କ୍ଲିନ୍‌ଚିଟ୍, ପରେ ମାଷ୍ଟରମାଇଣ୍ଡ'

■ ଭୁବନେଶ୍ୱର, ୧୦।୧ (ସମିସ): ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀ ଘଟଣାରେ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ଏହି ଘଟଣାରେ ଏବେ ଏକ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଛି। ଏସ୍‌ଆଇ ଚାକିରି ପରୀକ୍ଷା ପରିଚାଳନା ପାଇଁ ସିଲିକନ୍ ଟେକ୍ ଲ୍ୟାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ କ୍ରାଇମ୍‌ବ୍ରାଞ୍ଚ କ୍ଲିନ୍‌ଚିଟ୍ ଦେଇଥିଲା ବୋଲି ଜଣାଯାଇଛି। ତେବେ କ୍ରାଇମବ୍ରାଞ୍ଚ ଭଳି ପାରିବାର ସଂସ୍ଥା କେଉଁ ଆଧାରରେ ସିଲିକନ୍‌କୁ କ୍ଲିନ୍‌ଚିଟ୍ ଦେଲା, ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ କୌଣସି ସଂସ୍ଥାକୁ ଦାୟିତ୍ୱ ଦେବା ପୂର୍ବରୁ ସରକାର ସଂପୃକ୍ତ ସଂସ୍ଥା ସଂପର୍କରେ ଆମୂଳଚୂଳ ତଥ୍ୟ ସଂଗ୍ରହ କରିଥା'ନ୍ତି। ଏସ୍‌ଆଇ ପରୀକ୍ଷା ପରିଚାଳନା ପାଇଁ ସିଲିକନ୍‌କୁ ବଛାଯିବା ପୂର୍ବରୁ ସଂସ୍ଥା ସଂପର୍କରେ ▶ପୃଷ୍ଠା-୧୦

**କ୍ରାଇମବ୍ରାଞ୍ଚର ଅନୁସନ୍ଧାନ**

**ଫୋନ୍ କଲ୍‌ରେ ତଥ୍ୟ ଯାଞ୍ଚ କରିଥିଲେ ତଦନ୍ତ ଅଧିକାରୀ**

**ଗୁଗଲ୍ ଓ ୨ ପୋର୍ଟାଲ ଦେଖି ଦିଆଯାଇଥିଲା କ୍ଲିନ୍‌ଚିଟ୍**

### 'ଆଇ-ପ୍ୟାକ୍'ରେ ଚଢ଼ଉକୁ ନେଇ ପଶ୍ଚିମବଙ୍ଗ ରାଜନୀତି ସରଗରମ

## ମମତାଙ୍କ ବିରୋଧରେ ସୁପ୍ରିମକୋର୍ଟ ଗଲା ଇଡି

■ କୋଲକାତା, ୧୦।୧ (ଏଜେନ୍ସି): ଆଇ-ପାକ୍ ଅଫିସରେ ଗତ ଗୁରୁବାର ଦିନ ଚଢ଼ଉ ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଧା ଉପୁଜାଇବାକୁ ବିରୋଧ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସମ୍ବିଧାନର ଧାରା ୩୨ ଅନୁଯାୟୀ ଇଡି ସର୍ବୋଚ୍ଚ ଅଦାଲତରେ ଏକ ପିଟିସନ ଦାୟର କରି ମମତା ଓ ରାଜ୍ୟ ପ୍ରଶାସନ ବିରୋଧରେ ଅଭିଯୋଗ ଆଣିବା ସହିତ କୋଇଲା ଦୁର୍ନୀତିର ସିବିଆଇ ଦ୍ୱାରା ତଦନ୍ତ କରାଇବାକୁ ଅନୁରୋଧ କରିଛି।

ଅନ୍ୟପକ୍ଷରେ ଇଡିର ଆବେଦନକୁ ବିରୋଧ କରି ମମତା ଆଜି ସୁପ୍ରିମ୍‌କୋର୍ଟରେ କେଭିଏଟ୍ ପିଟିସନ୍ ଦାୟର କରିଛନ୍ତି। ସୁପ୍ରିମ୍‌କୋର୍ଟରେ କରିଥିବା ଆବେଦନରେ ଇଡି ଦର୍ଶାଇଛି ଯେ, କୋଇଲା ଦୁର୍ନୀତି ମାମଲାର ନିରପେକ୍ଷ ତଦନ୍ତ ଚାଲୁଥିଲେ ହେଁ ରାଜ୍ୟ ପ୍ରଶାସନ ଏଥିରେ ବାଧା ଦେଉଛି। ତେଣୁ ସିବିଆଇ ଦ୍ୱାରା ଏହି ଦୁର୍ନୀତିର ତଦନ୍ତ କରାଯାଉ। ଏଥିରେ ଦର୍ଶାଯାଇଛି ଯେ ଏହି ମାମଲାରେ ଗତ ଗୁରୁବାର ଦିନ ଆଇ-ପାକ୍ ଅଫିସ୍ ଏବଂ ସଂସ୍ଥାର ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ ଚଢ଼ଉ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ଅଧିକାରୀଙ୍କ ସହ ସେଠାରେ ପହଞ୍ଚି ଇଡି ଅଧିକାରୀଙ୍କଠାରୁ ଫାଇଲ ଛଡ଼ାଇ ନେଇଥିଲେ। ଏହି ଫାଇଲ ସହିତ ଇଲେକଟ୍ରୋନିକ ଡିଭାଇସ ମଧ୍ୟ ଥିଲା ଏବଂ ଏଥିରେ ଦୁର୍ନୀତି ସଂପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ରହିଥିବା ଇଡି ଆବେଦନରେ ଦର୍ଶାଇଛି।

କଲିକତା ହାଇକୋର୍ଟରେ ଇଡି ପକ୍ଷରୁ ଏଭଳି ପିଟିସନ ଦାଖଲ କରାଯାଇଥିଲା ଏବଂ ମମତାଙ୍କ ବିରୋଧରେ ମାମଲା ଲାଗି ଅନୁମତି ଲୋଡ଼ାଯାଇଥିଲା। ମାତ୍ର ମାମଲାର ଶୁଣାଣି ବେଳେ କୋର୍ଟ ରୁମରେ ଅତ୍ୟଧିକ ଗହଳି ଯୋଗୁଁ ହାଇକୋର୍ଟ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଶୁଣାଣି ମୁଲତବୀ ରଖିଥିବାରୁ ▶ପୃଷ୍ଠା-୧୦

**କାଭିଏଟ୍ ପିଟିସନ ଦାଖଲ କଲେ ମମତା**

**ମମତାଙ୍କୁ ଶୁଭେନ୍ଦୁ ଅଧିକାରୀଙ୍କ ଓକିଲ ନୋଟିସ୍**

## ଖୋଲୁନି ଓଏସ୍‌ଏସ୍‌ସି ଓ ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍

**ଆବେଦନ ହେଉନି; ଆଶାୟୀ ନିରାଶ**

■ ଭୁବନେଶ୍ୱର, ୧୦।୧ (ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନୁରୂପ ଭାବେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ୩୨୫୦ ପଦରେ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି। ମାତ୍ର ଆବେଦନ ଆରମ୍ଭରୁ ହିଁ ଆବେଦନ ପ୍ରକ୍ରିୟା ଝୁଣ୍ଟିଛି। ଉଭୟ ୱେବସାଇଟ୍ ଅନେକ ସମୟରେ ଖୋଲୁ ନଥିବା ବେଳେ ମାତ୍ରାଧିକ ସମୟ ଅତ୍ୟନ୍ତ ଧିମା ଚାଲୁଛି। ଫଳରେ ଆବେଦନ ପାଇଁ ଲକ୍ଷାଧିକ ଆଶାୟୀ ଅପେକ୍ଷା କରି ରହିଛନ୍ତି।

ଓଏସ୍‌ଏସ୍‌ସି ପକ୍ଷରୁ ସିଜିଏଲ୍ ପାଇଁ ଆବେଦନ ପ୍ରକ୍ରିୟା ଗତ ୧୯ ତାରିଖରୁ ଆରମ୍ଭ ହୋଇଛି। ଆସନ୍ତା ୨୧ ତାରିଖ ଅର୍ଥାତ୍ ମାତ୍ର ୧୧ ଦିନ ପରେ ଆବେଦନ ଅବଧି ସରିବ। ମାତ୍ର ୱେବସାଇଟ୍ ମାତ୍ରାଧିକ ▶ପୃଷ୍ଠା-୧୦


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


**ବିଫଳ ପ୍ରେମିକର ବର୍ବର କାଣ୍ଡ**

## ଅନ୍ୟତ୍ର ବିବାହ ଠିକ୍ ହେବାରୁ ପ୍ରେମିକାକୁ ଛୁରି ଭୁସି ହତ୍ୟା

■ ରାଉରକେଲା, ୧୦।୧ (ସମିସ): ଅନ୍ୟତ୍ର ବିବାହ ଠିକ୍ ହେବାରୁ ପ୍ରତିଶୋଧପରାୟଣ ହୋଇ ପ୍ରେମିକାକୁ ଛୁରି ଭୁସି ହତ୍ୟା କରିଛି ପ୍ରେମିକ। ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ଅଞ୍ଚଳର ଏହି ଘଟଣା ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ବୀରମିତ୍ରପୁର ପୁଲିସ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁସାରେ, ଝିରପାଣି ଜେନା ବସ୍ତି ଅଞ୍ଚଳର ମୁକେଶ କୁଲୁ (୩୯)ଙ୍କର କୁଆଁରମୁଣ୍ଡା ଫାଣ୍ଡି ଅଧୀନ ଗୋବିରା ନିକଟସ୍ଥ ଖଡ଼ିଆଟୋଲି ଅଞ୍ଚଳର ଶିଖା ସ୍ୱପ୍ନା କୁଲୁ (୩୬)ଙ୍କ ସହ ପ୍ରେମସମ୍ପର୍କ ଥିଲା। ୨୦୧୨ରୁ ଦୁହେଁ ସଂପର୍କରେ ଥିଲେ। ୨୦୨୦ରେ ମୁକେଶ କୁଲୁର ବିବାହ ହୋଇଯାଇଥିଲା। ହେଲେ ମୁକେଶ ଓ ଶିଖା ସ୍ୱପ୍ନା ମଧ୍ୟରେ ପୂର୍ବପରି ସମ୍ପର୍କ କାଏମ ରହିଥିଲା। ମୁକେଶ ଝିରପାଣିରୁ ଗୋବିରାକୁ ଯାଆ ଆସ କରିବା ସହ ଶିଖା ସହ ସମ୍ପର୍କ ରଖୁଥିଲା। ମାତ୍ର ଶିଖାର ପରିବାରଲୋକେ ତାଙ୍କର ଅନ୍ୟତ୍ର ବିବାହ ଠିକ କରିଦେଇଥିଲେ। ଆସନ୍ତା ୧୨ ତାରିଖରେ ଶିଖାର ବିବାହ ହୋଇଥା'ନ୍ତା। ନିମନ୍ତ୍ରଣକାର୍ଡ ବଣ୍ଟା ସରିବା ସହ ବିବାହ ଓ ଭୋଜି ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ପ୍ରେମିକ ମୁକେଶ ଏଥିରେ ବ୍ୟତିବ୍ୟସ୍ତ ହୋଇ ବିବାହ ବନ୍ଦ କରିବାକୁ ଶିଖାକୁ ବାଧ କରିଥିଲା। ମାତ୍ର ଶିଖା ରାଜି ନ ହେବାରୁ ଶୁକ୍ରବାର ରାତିରେ ମୁକେଶ ଗୋବିରା ଯାଇ ଶିଖାକୁ ଶେଷଥର



କଥା ହେବା ପାଇଁ ଖଡିଆଟୋଲିରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ର ନିକଟକୁ ଡାକିଥିଲା। ଶିଖା ସେଠାକୁ ଆସିବା ପରେ ମୁକେଶ ପୁନର୍ବାର ବିବାହ ବନ୍ଦ କରିବାକୁ ତାକୁ କହିଥିଲା। ହେଲେ ଶିଖା ରାଜି ନ ହେବାରୁ ପ୍ରତିଶୋଧ ପରାୟଣ ହୋଇ ମୁକେଶ ଶିଖାର ପେଟରେ ଛୁରି ଭୁସି ଫେରାର୍ ହୋଇଯାଇଥିଲା। ଗାଁଲୋକେ ଶିଖାକୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଆଜି ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବୀରମିତ୍ରପୁର ଥାନାଧିକାରୀ ରାମ ପ୍ରସାଦ ନାଗ ଘଟଣାର ତଦନ୍ତ କରିବା ସହ ହତ୍ୟାକାରୀ ମୁକେଶ କୁଲୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଭାରତରେ ତାଲିବାନ ରାଷ୍ଟ୍ରଦୂତ ନୁର୍ ଅହମ୍ମଦ

ନୂଆଦିଲ୍ଲୀ, ୧୦ା୧(ଏଜେନ୍ସି): ଆଫଗାନିସ୍ତାନର ତାଲିବାନ ସରକାର ନୁର ମହମ୍ମଦ ନୁରଙ୍କୁ ନୂଆଦିଲ୍ଲୀାରେ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ଦେଇଛି। ନୁରଙ୍କ ପୂର୍ବରୁ ଫରିଦ ମାମୁଣ୍ଡେଜ ଭାରତରେ ଆଫଗାନିସ୍ତାନର ରାଷ୍ଟ୍ରଦୂତ ଥିଲେ। ସେ ଆସରଫ ଘନିଙ୍କ ସରକାର ସମୟରେ ଭାରତରେ ଆଫଗାନ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ତାଲିବାନ କ୍ଷମତାକୁ ଆସିବା ପରେ ତାଙ୍କ ସ୍ଥିତି ଦୁର୍ବଳ ହୋଇଯାଇଥିଲା ଓ ଦୂତାବାସର କାର୍ଯ୍ୟ ପ୍ରାୟତଃ ବନ୍ଦ ହୋଇ ଯାଇଥିଲା। ଏହାପରେ ଦୀର୍ଘ ସମୟ ପର୍ଯ୍ୟନ୍ତ, ଆଫଗାନିସ୍ତାନରୁ ଭାରତକୁ କୌଣସି ନୂଆ କୂଟନୀତିଜ୍ଞ ଆନୁଷ୍ଠାନିକ ଭାବେ ପଠାଯାଇ ନଥିଲା। ତେଣୁ ନୁରଙ୍କ ନିଯୁକ୍ତି ଭାରତ- ଆଫଗାନିସ୍ତାନ ସମ୍ପର୍କରେ ଏକ ନୂଆ ପ୍ରାରମ୍ଭ ଭାବେ ଦେଖାଯାଉଛି। ତାଲିବାନ କ୍ଷମତାକୁ ଆସିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୀମିତ ଥିଲା। ଏବେ ଭାରତ ସହିତ ଆଫଗାନିସ୍ତାନ ସିଧାସଳଖ ଯୋଗାଯୋଗ ରକ୍ଷା କରିବାକୁ ଚାହୁଁଛି।

# ହମାସ୍ ଏକ ଆତଙ୍କବାଦୀ ସଂଗଠନ: ମମଦାନୀ

ନ୍ୟୁୟର୍କ, ୧୦ା୧(ଏଜେନ୍ସି): ନ୍ୟୁୟର୍କ ସିଟି ମେୟର ଜୋହରାନ ମମ୍‌ଦାନୀ ଶେଷରେ ହମାସକୁ ନେଇ ନିଜର ମତ ରଖିଛନ୍ତି। ସେ ହମାସକୁ ଏକ ଆତଙ୍କବାଦୀ ସଂଗଠନ ବୋଲି କହିଛନ୍ତି। ଗୁରୁବାର ରାତିରେ କୁଇନ୍ସର ସିନାଗଗ୍‌ରେ ଆୟୋଜିତ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ହମାସ ସମର୍ଥନରେ ଦିଆଯାଇଥିବା ସ୍ଲୋଗାନକୁ ସେ ନିନ୍ଦା କରି ଏହି କଥା କହିଛନ୍ତି। ପାଲେଷ୍ଟାଇନ୍ ଆସେମ୍ବ୍ଲି ଫର ଲିବରେସନ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଉଥିଲା। କିନ୍ତୁ ଏହି ପ୍ରଦର୍ଶନ ବେଳେ ପାଲେଷ୍ଟାଇନକୁ ସମର୍ଥନ କରୁଥିବା ବିକ୍ଷୋଭକାରୀମାନେ ହମାସକୁ ସମର୍ଥନ କରି ସ୍ଲୋଗାନମାନ ଦେଇଥିଲେ। ବିକ୍ଷୋଭକାରୀଙ୍କ ଏଭଳି ଆଚରଣକୁ ମମ୍‌ଦାନୀ ନିନ୍ଦା କରିଛନ୍ତି। ନ୍ୟୁୟର୍କ ସିଟିରେ ଏଭଳି କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ନ୍ୟୁୟର୍କର ଅନ୍ୟ ନେତାମାନେ ମଧ୍ୟ ଏଭଳି ବିକ୍ଷୋଭକୁ ନିନ୍ଦା କରିଛନ୍ତି।

# ୧୭ରୁ 'ବନ୍ଦେ ଭାରତ' ସ୍ଲିପର ଟ୍ରେନ

ନୂଆଦିଲ୍ଲୀ, ୧୦ା୧(ଏଜେନ୍ସି): କୋଲକାତାରୁ ଗୌହାଟି ମଧ୍ୟରେ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଜାନୁଆରୀ ୧୭ରୁ ଚାଲିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ମାଲଦା ଟାଉନ୍‌ରେ ଏହାର ଉଦ୍‌ଘାଟନ କରିବେ। ଏହି ୬ ଦିନ କାମାକ୍ଷା ଓ ହାଓଡା ଜଙ୍କସନ୍‌ରେ ଚାଲିବ। ସେହିପରି ୬ଟି ନୂଆ ଅମୃତ ଭାରତ ଏକ୍ସପ୍ରେସ ମଧ୍ୟ ଲଞ୍ଚ୍ କରାଯିବ ବୋଲି ସେ କହିଛନ୍ତି। ଜାନୁଆରୀ ୧୭ ଓ ୧୮ରେ ଏହି ଟ୍ରେନ୍‌ଗୁଡିକର ସେବା ଉପଲବ୍ଧ ହେବ। ଦିଲ୍ଲୀରେ ଅତି ବିଶିଷ୍ଟ ରେଳ ସେବା ପୁରସ୍କାର ସମାରୋହରେ ଯୋଗ ଦେଇ ବୈଷ୍ଣବ ଏହି ଘୋଷଣା କରିଛନ୍ତି। ାବନ୍ଦେ ଭାରତ ସ୍ଲିପରର ପ୍ରାରମ୍ଭିକ ଭଡ଼ା ୨, ୩୦୦ ଟଙ୍କା ରଖାଯାଇଛି। ଟ୍ରେନର ତୃତୀୟ ଏସି ଭଡ଼ା ୨, ୩୦୦, ଦ୍ୱିତୀୟ ଏସି ଭଡ଼ା ୩, ୦୦୦, ପ୍ରଥମ ଏସି ଭଡ଼ା ୩, ୬୦୦ ଟଙ୍କା ରଖାଯାଇଛି। ସ୍ଲିପର ଟ୍ରେନ୍‌କୁ ୧୦୦୦ କିମିରୁ ଅଧିକ ଦୂରତା ପାଇଁ ଡିଜାଇନ୍ କରାଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ୧୨ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ ପ୍ରସ୍ତୁତ ହେବ।

# ନାବାଳିକାଙ୍କୁ ଅପହରଣ ପରେ ଗଣଦୁଷ୍କର୍ମ; ୮ ଅଭିଯୁକ୍ତ ଗିରଫ

ସୁରତ, ୧୦ା୧(ଏଜେନ୍ସି): ଗୁଜରାଟର ନବସାରୀ ଜିଲ୍ଲାର ଭାନସଦା ଟାଉନ୍‌ର ୨୦କିମି ଦୂରରେ ଏକ ଗାଁରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇ ଗଣଦୁଷ୍କର୍ମ କରାଯାଇଛି। ୮ ଜଣ ଏହି କାଣ୍ଡ ଘଟାଇଛନ୍ତି। ଅଭିଯୁକ୍ତଙ୍କ ବୟସ ୧୬ରୁ ୨୧ ବର୍ଷ ବୋଲି କୁହାଯାଇଛି। ସବୁ ୮ ଜଣ ଅଭିଯୁକ୍ତଙ୍କୁ ନବସାରୀ ସ୍ଥାନୀୟ କ୍ରାଇମ ବ୍ରାଞ୍ଚ୍ ଗିରଫ କରିଛି। ପୀଡିତାଙ୍କ ଘର ପାଖରେ ଅଭିଯୁକ୍ତମାନେ ରୁହନ୍ତି। ଝିଅ ଘରୁ ବାହାରକୁ ଯାଇଥିବା ବେଳେ ୩ ଜଣ ଅଭିଯୁକ୍ତ ଅପହରଣ କରି ୩ କିମି ଦୂରରେ ଥିବା ଏକ ଗାଁକୁ ନେଇଯାଇଥିଲେ। ଅନ୍ୟ ୫ଜଣ ସେଠାରେ ପହଞ୍ଚି ନାବାଳିକାଙ୍କୁ ଏକ କୋଠରୀକୁ ନେଇଯାଇ ଦୁଷ୍କର୍ମ କରିଥିଲେ। ଝିଅକୁ ନ ପାଇ ପରିବାର ଲୋକେ ତାକୁ ଖୋଜିଥିଲେ। କିନ୍ତୁ ପରଦିନ ସକାଳେ ସେମାନେ ନାବାଳିକାଙ୍କୁ ଘର ବାହାରେ ଏକ ଚାରି ଚକିଆ ଗାଡ଼ିରେ ପାଇଥିଲେ। ସବୁ ଅଭିଯୁକ୍ତ ନାବାଳିକାଙ୍କ ପରିଚତ ବୋଲି ପୁଲିସ କହିଛରେ

# ଅଯୋଧ୍ୟା ରାମ ମନ୍ଦିରରେ ନମାଜ ପଢ଼ିବାକୁ ଉଦ୍ୟମ; ୩ ଅଟକ

ଅଯୋଧ୍ୟା, ୧୦ା୧(ଏଜେନ୍ସି): ଅଯୋଧ୍ୟର ରାମ ମନ୍ଦିରରେ ଦୁଇଜଣ ପୁରୁଷ ଓ ଜଣେ ଝିଅ ଶନିବାର ସକାଳେ ପ୍ରବେଶ କରି ନମାଜ ପଢ଼ିବାକୁ ଉଦ୍ୟମ କରିଥିଲେ। ସୁରକ୍ଷାକର୍ମୀମାନେ ସେମାନଙ୍କୁ ତୁରନ୍ତ ଅଟକାଇଥିଲେ। ଏହି ୩ଜଣ ନିଜକୁ କାଶ୍ମୀରର ବାସିନ୍ଦା ବୋଲି ପରିଚୟ ଦେଇଛନ୍ତି। । ଏମାନେ ଅଯୋଧ୍ୟା କାହିଁକି ଆସିଲେ ସେ ନେଇ ପଚରାଉଚରା କରାଯାଉଛି। ଡି-୧ ଦ୍ୱାର ଦେଇ ଦୁଇଜଣ ଯୁବକ ଓ ଜଣେ ଝିଅ ରାମ ମନ୍ଦିରରେ ପ୍ରବେଶ କରିଥିଲେ। ଏମାନ କାଶ୍ମୀରି ପୋଷାକ ପରିଧାନ କରିଥିଲେ। ସୁରକ୍ଷାକର୍ମୀମାନେ ତାଙ୍କୁ ଅଟକାଇବା ବେଳେ ସେମାନେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ।

# ନୀତୀଶଙ୍କୁ 'ଭାରତ ରତ୍ନ' ଦାବି

ନୂଆଦିଲ୍ଲୀ, ୧୦ା୧(ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାରଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ସହ ସମ୍ମାନିତ କରିବାକୁ ଦାବି ହୋଇଛି। ଏହି ଦାବି କରିଛନ୍ତି କେନ୍ଦ୍ର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ତଥା ହିନ୍ଦୁସ୍ଥାନ ଆବାମୀ ମୋର୍ଚ୍ଚା (ଏଚ୍‌ଏଏମ୍) ନେତା ଜିତନ ରାମ ମାନ୍‌ଝୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ନୀତୀଶଙ୍କୁ ଏହି ସମ୍ମାନ ଦେବାକୁ ସେ ଦାବି କରିଛନ୍ତି। ଏହା ପୂର୍ବରୁ ଜେଡିୟୁ ନେତା କେସି ତ୍ୟାଗୀ ମଧ୍ୟ ନୀତୀଶଙ୍କୁ ଦେଶର ଏହି ସର୍ବୋଚ୍ଚ ସମ୍ମାନ ଦେବା ପାଇଁ ଦାବି କରିଥିଲେ। ଏବେ ଏହି ଦାବିକୁ ମାନ୍‌ଝୀ ସମର୍ଥନ କରିଛନ୍ତି।

# ଅଣାୟତ୍ତ ହେଉଛି ଇରାନ; ଗୁଳିରେ ୨୧୭ ମୃତ

ତେହରାନ, ୧୦ା୧ (ଏଜେନ୍ସି): ଅହେତୁକ ଦରଦାମ ବୃଦ୍ଧି ଏବଂ ଟିକସ ବୋଝକୁ ବିରୋଧ କରି ଇରାନରେ ଆରମ୍ଭ ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ଭୟଙ୍କର ରୂପ ଧାରଣ କରିଛି। ଏହା ହିଂସ୍ରକ ହୋଇ ସାରା ଦେଶକୁ ବ୍ୟାପିଯାଇଛି। ମହଙ୍ଗା ମାଡ଼ରୁ ମୁକ୍ତି ପାଇଁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ କ୍ରମେ ରାଜନୈତିକ ରୂପ ନେଇଛି। ବିକ୍ଷୋଭକାରୀ ଦେଶରୁ ଇସଲାମିକ ଶାସନ ହଟାଇବା ପାଇଁ ଦାବି କରୁଥିବାବେଳେ ସରକାର ଦମନ ନୀତି ଚଳାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ସତ୍ତ୍ୱେ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲାହ ଅଲ୍ ଖାମନେଇ ଆନ୍ଦୋଳନକାରୀଙ୍କୁ ଦମନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷାକର୍ମୀଙ୍କୁ ପଛଘୁଞ୍ଚା ନ ଦେବାକୁ କହିଛନ୍ତି। ଏପରି ସମୟରେ ରାତାରାତି ଇରାନର ସ୍ଥିତି ବଦଳି ଯାଇଛି। ଇରାନର ବିତାଡ଼ିତ ରାଜା ରେଜା ପହଲବି ସହର ପ୍ରମୁଖ କେନ୍ଦ୍ରଗୁଡ଼ିକୁ କବ୍‌ଜା ପାଇଁ ପ୍ରସ୍ତୁତ ରହିବାକୁ ଆନ୍ଦୋଳନକାରୀଙ୍କୁ ଆହ୍ୱାନ ଦେଇଛନ୍ତି। ଶନିବାର ଏବଂ ରବିବାର ପ୍ରମୁଖ ସ୍ଥଳକୁ ଲକ୍ଷ୍ୟ ରଖି ଆନ୍ଦୋଳନକୁ ଜୋରଦାର କରିବାକୁ କହିଛନ୍ତି। ସେ ତେହେରାନ ଫେରିବା ନେଇ ମଧ୍ୟ ସଙ୍କେତ ଦେଇଛନ୍ତି। ମାତ୍ର ଆନ୍ଦୋଳନକାରୀଙ୍କୁ ରୋକିବା ପାଇଁ ସୁରକ୍ଷାବାହିନୀ ସମସ୍ତ ପ୍ରକାରର ପ୍ରୟାସ କରୁଛି। ଗୁଳି ଚଳାଇ ଅନେକ ବିକ୍ଷୋଭକାରୀଙ୍କ ଜୀବନ ନେଇଛି। ଏ ପର୍ଯ୍ୟନ୍ତ ପୁଲିସ ଗୁଳିରେ ୨୧୭ ଜଣ ପ୍ରାଣ ହରାଇଲେଣି ବୋଲି ଦାବି କରାଯାଇଛି।



ଇରାନର ସର୍ବୋଚ୍ଚ ନେତା ଖାମନେଇଙ୍କ ଫଟୋରେ ନିଆଁ ଲଗାଇ ସିଗାରେଟ ଟାଣୁଛନ୍ତି ବିକ୍ଷୋଭକାରୀ

- ୫୦ ବର୍ଷ ପରେ ଇରାନ ଫେରିବେ ପହଲଭି
- ଇରାନ ସରକାରରେ ମତଭେଦ


ବିଭିନ୍ନ ସ୍ଥାନରେ ସୁରକ୍ଷାବାହିନୀ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ତେଣୁ ମୃତ୍ୟୁସଂଖ୍ୟା ଅଧିକ ରହିଥିବା ଆଶଙ୍କା କରାଯାଉଛି। ତେହେରାନର ଏକ ଡାକ୍ତରଙ୍କ ଆଧାରରେ ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି ଯେ କେବଳ ରାଜଧାନୀର ୬ ଡାକ୍ତରଖାନାରେ ୨୧୭ ଜଣଙ୍କ ମୃତ୍ୟୁ ହୋଇଛି। ଗୁଳି ବାଜିବାରୁ ଅଧିକାଂଶ ପ୍ରାଣ ହରାଇଛନ୍ତି। ଏହା ପୂର୍ବରୁ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଜୋରଦାର ବିକ୍ଷୋଭ ହୋଇଥିଲା। ଏହାକୁ ବନ୍ଦ କରିବା ପାଇଁ ପୁଲିସ ଗୁଳିମାଡ଼ କରିଥିଲା।

ଏହା ମଧ୍ୟରେ ରିଭୋଲ୍ୟୁସନାରୀ ଗାର୍ଡର ଜଣେ ଅଧିକାରୀ ସରକାରୀ ଟିଭି ଚ୍ୟାନେଲରେ ଲୋକଙ୍କୁ ଚେତାବନୀ ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନରୁ ଶିଶୁଙ୍କୁ ଦୂରେଇ ରଖିବା ପାଇଁ ମାତାପିତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି ନ କଲେ ଶିଶୁଙ୍କ ଦେହରେ ଗୁଳି ବାଜିଲେ ଅଭିଯୋଗ ନ କରିବାକୁ କହିଛନ୍ତି। ରିପୋର୍ଟ ଅନୁଯାୟୀ, ପ୍ରଥମେ ବିକ୍ଷୋଭକୁ ନେଇ ସରକାର କି ନୀତି ଆପଣାଇବେ ତାହା ସ୍ପଷ୍ଟ ହୋଇ ନ ଥିଲା। ଆଣ୍ଟି-ରାଇଟ୍ସ ପୁଲିସର ଜଣେ ଅଧିକାରୀ କହିଥିଲେ ଯେ ଏବେ ସୁରକ୍ଷାବାହିନୀ ଭ୍ରମରେ ରହିଛି। ଆଗାମୀ ଦିନରେ କ'ଣ ହେବ ତାହା କେହି ଜାଣି ନାହାନ୍ତି। ମାତ୍ର ଶୁକ୍ରବାର ଆନ୍ଦୋଳନକୁ ଦମନ କରିବା ପାଇଁ ସମ୍ପୂର୍ଣ୍ଣ ଶକ୍ତି ପ୍ରୟୋଗ କରାଯିବ ବୋଲି ନିର୍ଦ୍ଦେଶ ଆସିଛି। ଏବେ ସାରା ଦେଶରେ ଇଣ୍ଟରନେଟ ଏବଂ ଫୋନ ସେବା ବନ୍ଦ ରହିଛି। ଏପରି ସମୟରେ ଇସଲାମିକ ଶାସନକୁ ବିରୋଧ ପାଇଁ ଯୁବ ପିଢି ନୂଆ ଧାରା ଆରମ୍ଭ କରିଛନ୍ତି। ସେମାନେ ସର୍ବୋଚ୍ଚ ନେତା ଏବଂ ୧୯୭୯ରେ ଇସଲାମିକ କ୍ରାନ୍ତି ଆରମ୍ଭ କରିଥିବା ଅୟାତୁଲାହ ଅଲ ଖାମନେଇଙ୍କ ଫଟୋ ଜାଳି ସେଥିରୁ ସିଗାରେଟ ଲଗାଇ ଫଟୋ ଛାଡୁଛନ୍ତି। କାରଣ ଇସଲାମିକ ଶାସନରେ ମହିଳାଙ୍କୁ ଅଧିକ ନିର୍ଯାତନା ଦିଆଯାଇଛି। ବୁର୍ଖା ନ ପିନ୍ଧିଲେ ଜେଲ୍‌ରେ ନେଇ ନିର୍ଯାତନା ଦିଆଯାଉଛି। ଏହି ନିର୍ଯାତନା ସହି ନ ପାରି ଅନେକ ମହିଳାଙ୍କ ଜୀବନ ମଧ୍ୟ ଯାଇଛି। ତେଣୁ ଲୋକେ ଇସଲାମିକ ଶାସନରୁ ମୁକ୍ତି ଚାହୁଁଛନ୍ତି। ମାତ୍ର ସରକାର ଦମନ ନୀତି ଆପଣାଉଥିବାରୁ ଆଗାମୀ ଦିନରେ ମୃତାହତଙ୍କ ସଂଖ୍ୟା ଅହେତୁକ ବଢ଼ିବ ବୋଲି କୁହାଯାଉଛି। ସେହିପରି ଇରାନ ନୋବେଲ ଶାନ୍ତି ପୁରସ୍କାର ବିଜେତା ଅଭିଯୋଗ କରିଛନ୍ତି ସରକାର ଯୋଗାଯୋଗ ବ୍ୟବସ୍ଥାକୁ ବନ୍ଦ କରି ସାମୂହିକ ହତ୍ୟାକାଣ୍ଡ ଚଳାଇଛନ୍ତି।

ପୂର୍ବରୁ ଇସ୍ରାଏଲ ସହ ସଂଘର୍ଷ, ଅନ୍ତର୍ଜାତୀୟ କଟକଣା, ବିପର୍ଯ୍ୟସ୍ତ ଅର୍ଥ ବ୍ୟବସ୍ଥା, ବିଦ୍ୟୁତ ଏବଂ ପାଣି ସଙ୍କଟର ଭଳି ସମସ୍ୟାର ଇରାନ ଜର୍ଜରିତ ହେଉଛି। ସରକାରଙ୍କ ଭିତରେ ମଧ୍ୟ ମତଭେଦ ରହିଛି। ରାଷ୍ଟ୍ରପତି ମାସୁଦ ପେଜସକିଆନ ନରମ ଆଭିମୁଖ୍ୟ ଗ୍ରହଣ କରୁଥିବାବେଳେ ତାଙ୍କର ଅନେକ ମନ୍ତ୍ରୀ କଠୋର କାର୍ଯ୍ୟାନୁଷ୍ଠାନ ସପକ୍ଷରେ ଅଛନ୍ତି।

# ପୁଟିନଙ୍କୁ ଅପହରଣ କରିବେ ଟ୍ରମ୍ପ?

ୱାସିଂଟନ, ୧୦ା୧: ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଭଳି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଆମେରିକା ଆକ୍ରମଣ କରି



ଅପହରଣ କରିବ କି? ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏମିତି ଦାବି କରିଛନ୍ତି। ଏସଂପର୍କରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଲେ, 'ଏନେଇ ମୁଁ ଜେଲେନସ୍କି ସହ ଏକମତ ନୁହେଁ'। ସେ କହିଲେ ଯେ ଏହାର କୌଣସି ଆବଶ୍ୟକତା ନାହିଁ। ତେବେ ୟୁକ୍ରେନ ଯୁଦ୍ଧରେ ରାଷ୍ଟ୍ରପତି ପୁଟିନଙ୍କ ଆଭିମୁଖ୍ୟ ନେଇ ସେ ଖୁସି ନୁହନ୍ତି ବୋଲି କହିଛନ୍ତି।

## ମାଦୁରୋଙ୍କ ଭଳି ଆମେରିକା ନେତାନ୍ୟାହୁଙ୍କୁ ମଧ୍ୟ ଅପହରଣ କରୁ: ପାକିସ୍ତାନ

**ଇସଲାମାବାଦ:** ପାକିସ୍ତାନ ପୁଣିଥରେ ଇସ୍ରାଏଲ ବିରୋଧୀ ଆଭିମୁଖ୍ୟ ପୋଷଣ କରି ମନ୍ତବ୍ୟ ଦେଇଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ଅପହରଣ କରିବାକୁ ଦାବି କରିଛନ୍ତି। ଏକ ଟିଭି ଚ୍ୟାନେଲକୁ ସାକ୍ଷାତାକାର ଦେଇ ସେ କହିଛନ୍ତି ଯେ, ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଯେଉଁଭଳି ଭାବେ ଅପହରଣ କରାଗଲା, ଠିକ୍ ସେହିପରି ନେତ୍ୟାନାହୁଙ୍କୁ ମଧ୍ୟ ଆମେରିକା ଅପହରଣ କରୁ। ତୁର୍କୀ ମଧ୍ୟ ଏହି କାର୍ଯ୍ୟ କରିପାରିବ ଓ ଏଥିପାଇଁ ପାକିସ୍ତାନ ପ୍ରାର୍ଥନା କରୁଛି ବୋଲି ସେ କହିଛନ୍ତି। ସେ ନେତାନ୍ୟାହୁଙ୍କୁ ମାନବିକତାର ସବୁଠାରୁ ବଡ଼ ଶତ୍ରୁ ବୋଲି ଅବିହିତ କରିଛନ୍ତି। ଗାଜାରେ ପାଲେଷ୍ଟାଇନ ନାଗରିକଙ୍କ ଉପରେ ଯେଉଁଭଳି ଅତ୍ୟାଚାର ହେଉଛି, ତାହା ଇତିହାସରେ କେବେବି ଦେଖାଯାଇନାହିଁ। ଗତ ୪୦୦୦ କିମ୍ବା ୫୦୦୦ ବର୍ଷ ମଧ୍ୟରେ କେହି ପାଲେଷ୍ଟାଇନ୍ ନାଗରିକ ଉପରେ ଏଭଳି ଅତ୍ୟାଚାର କରିନାହାନ୍ତି ବୋଲି ସେ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ପାଲେଷ୍ଟାଇନକୁ ସମର୍ଥନ କରୁଥିବା ବେଳେ ଆରମ୍ଭରୁ ଇସ୍ରାଏଲ ବିରୋଧ କରିଆସିଛି।

# ଗ୍ରୀନ୍‌ଲାଣ୍ଡ ଉପରେ ଚୀନ, ରୁଷିଆର ଆଖି: ଆମେରିକା

ୱାସିଂଟନ, ୧୦ା୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନ୍‌ଲାଣ୍ଡ ଆମେରିକା ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ସେ ନେଇ ବୁଝାଇବାକୁ ପ୍ରୟାସ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ତୈଳ ଓ ଗ୍ୟାସ କମ୍ପାନୀର ଶୀର୍ଷ ଅଧିକାରୀମାନଙ୍କ ବୈଠକରେ ଯୋଗ ଦେଇ ସେ କହିଥିଲେ ଯେ, ଯଦି ଆମେରିକା ଗ୍ରୀନ୍‌ଲାଣ୍ଡକୁ ଦଖଲ ନକରେ, ତେବେ ଚୀନ୍ ଓ ରୁଷ ଏହାକୁ ଦଖଲ କରିନେବେ। ଗ୍ରୀନଲାଣ୍ଡକୁ ହାସଲ କରିବା କେବଳ ମାତ୍ର ଜମି କିଣିବା ମାମଲା ନୁହେଁ। ଏହା ଚୀନ ଓ ରୁଷ ଭଳି ଦେଶଗୁଡିକୁ ଦୂରେଇ ରଖିବା ମଧ୍ୟ। ଆମେ ଏଭଳି ଦେଶଗୁଡିକୁ ଆମର ପଡୋଶୀ ଭାବେ ଦେଖିବାକୁ ଚାହୁଁନାହୁଁ। ଆମେ ଗ୍ରୀନ୍‌ଲାଣ୍ଡକୁ ସହଜ ଉପାୟରେ ହାସଲ କରିବାକୁ ଚାହୁଁଛୁ। ଯଦି ଏପରି ନହୁଏ, ତେବେ ଆମକୁ କଠୋର ଉପାୟ ଅବଲମ୍ବନ କରିବାକୁ ହେବ। ସେମାନଙ୍କର ପସନ୍ଦ ହେଉ କି ନ ହେଉ ଆମକୁ ଗ୍ରୀନ୍‌ଲାଣ୍ଡ ବିଷୟରେ ଆମକୁ କିଛି ନା କିଛି କରିବାକୁ ହେବ ବୋଲି ସେ କହିଛନ୍ତି। ତେବେ ସେ ଡେନମାର୍କ ବିଷୟରେ ସକାରାତ୍ମକ କଥା କହିଛନ୍ତି। ମୁଁ ଡେନମାର୍କକୁ ପସନ୍ଦ କରିଥାଏ ଓ ଏହି ସ୍କାଣ୍ଡିନାଭିଆନ ଦେଶର ମୁଁ ଜଣେ ବଡ଼ ପ୍ରଶଂସକ। ଡେନମାର୍କ ସହିତ ଆମର ବହୁତ ଭଲ ସମ୍ପର୍କ ରହିଛି। ତେବେ ଗ୍ରୀନ୍‌ଲାଣ୍ଡକୁ ସେ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ସହିତ ଯୋଡିବାକୁ ପ୍ରୟାସ କରିଛନ୍ତି। ଗ୍ରୀନ୍‌ଲାଣ୍ଡ ନିକଟରେ ଚୀନ୍ ଓ ରୁଷିଆ ଜାହାଜଗୁଡିକର ଗତିବିଧି ବୃଦ୍ଧି ପାଉଥିବା କଥା ସେ କହିଛନ୍ତି। ଗ୍ରୀନଲାଣ୍ଡକୁ ନେଇ ଟ୍ରମ୍ପଙ୍କ ଏହି ଆକ୍ରମଣାତ୍ମକ ଆଭିମୁଖ୍ୟକୁ ଡେନମାର୍କ ସମାଲୋଚନା କରିଛି। ଯଦି ଆମେରିକା ଏଭଳି ଦୁଃସାହସ କରେ ତେବେ ଆମେ ଗୁଳିରେ ହିଁ ଜବାବ ଦେବୁ ବୋଲି ଡେନମାର୍କ କଡ଼ା ଜବାବ ଦେଇ କହିଛି। ସୂଚନାଯୋଗ୍ୟ ଯେ, ଗ୍ରୀନଲାଣ୍ଡ ହେଉଛି ଡେନମାର୍କର ଏକ ସ୍ୱୟଂଶାସିତ ଅଞ୍ଚଳ।

# ଦୁଇ ରୁଷ ନାଗରିକଙ୍କୁ ଛାଡ଼ିଲା ଆମେରିକା

ୱାସିଂଟନ, ୧୦ା୧(ଏଜେନ୍ସି): ଆମେରିକା ଜବତ କରିଥିବା ରୁଷ ତୈଳ ଟ୍ୟାଙ୍କର 'ମାରିନାରା'ରୁ ଦୁଇଜଣ ରୁଷୀୟ ନାଗରିକଙ୍କୁ ମୁକ୍ତ କରିଛି। ଏହି ଦୁଇଜଣଙ୍କୁ ମୁକ୍ତ କରିବାକୁ ରୁଷ ଆମେରିକା ଉପରେ ଚାପ ପକାଇଥିଲା। ରୁଷୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜାଖାରୋଭ ଏ ନେଇ ସୂଚନା ଦେଇଛନ୍ତି। ରୁଷର ଅନୁରୋଧକ୍ରମେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଦୁଇ ନାଗରିକଙ୍କୁ ମୁକ୍ତି କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ସେ କହିଛନ୍ତି। ଏହି ଜାହଜଟି ଜାନୁଆରୀ ୭ରେ ଉତ୍ତର ଆଟଲାଣ୍ଟିକ ମହାସାଗରରେ ଆମେରିକା ଦ୍ୱାରା ଜବତ କରାଯାଇଥିଲା। ଏହି ଟ୍ୟାଙ୍କର ତଥା ଜାହଜରେ ଥିବା ୩ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କୁ ଏପର୍ଯ୍ୟନ୍ତ ମୁକ୍ତ କରାଯାଇନାହିଁ। ରିପୋର୍ଟ ଅନୁଯାୟୀ, ମାରିନାରାରେ ମୋଟ ୨୮ ଜଣଥିଲେ। ଏଥିରେ ୟୁକ୍ରେନର ୧୭ଜଣ, ଜର୍ଜିଆର ୬ ଜଣ, ଭାରତର ୩ ଜଣ ଓ ରୁଷିଆର ୨ ଜଣ ନାଗରିକ ଥିଲେ। ସେପଟେ ଆମେରିକା କ୍ୟାରିବିୟାନ ସାଗରରେ 'ଓଲିନା' ନାମକ ଆଉ ଏକ ତୈଳ ଟ୍ୟାଙ୍କର ଜବତ କରିଛି ଓ କ୍ରୁ ସଦସ୍ୟଙ୍କୁ ଗିରଫ କରିଛି। ଗତ ୩ ଦିନ ମଧ୍ୟରେ ଆମେରିକା ୫ମ ଏଭଳି ତୈଳ ଟ୍ୟାଙ୍କର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରତିବନ୍ଧର ଉଲ୍ଲଂଘନ ଅଭିଯୋଗରେ ତୈଳ ଟ୍ୟାଙ୍କରଗୁଡିକ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଆମେରିକାର ଏହି ପ୍ରତିବନ୍ଧ କାରଣରୁ ବିଭିନ୍ନ ଦେଶ ଏବେ ତୈଳ କ୍ରୟ କରିପାରୁନାହାନ୍ତି।

# ୪.୬ ଡିଗ୍ରୀରେ ଥରୁଛି ଦିଲ୍ଲୀ

ନୂଆଦିଲ୍ଲୀ, ୧୦ା୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ସକାଳେ ଚଳିତ ଶୀତଋତୁର ସବୁଠାରୁ ଥଣ୍ଡା ସକାଳ ଅନୁଭୂତ ହୋଇଛି। ତାପମାତ୍ରା ୪.୨ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଘନ କୁହୁଡି ସହିତ ଶୀତ ଦୈନନ୍ଦିନ ଜୀବନକୁ ଅସ୍ତବ୍ୟସ୍ତ କରିଛି। ଏଥିସହ ବିମାନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଶୁକ୍ରବାର ଅସ୍ୱାଭାବିକ ବର୍ଷା ପରେ ରାଜଧାନୀ ଓ ଆଖପାଖ ଅଞ୍ଚଳରେ ତାପମାତ୍ରା ହ୍ରାସ ହୋଇଥିଲା। ଦିଲ୍ଲୀ- ଏନ୍‌ସିଆରରେ ଥଣ୍ଡାର ପ୍ରକୋପ ଜାରି ରହିବା ସମ୍ଭାବନା ରହିଛି। ପୁଣି ସକାଳ ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘନ କୁହୁଡି ଜାରି ରହିବ ବୋଲି କୁହାଯାଇଛି। ଶୁକ୍ରବାର ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୧୯.୭ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ରେକର୍ଡ କରାଯାଇଛି ଓ ଏହା ହାରାହାରିଠାରୁ ୨.୩ ଡିଗ୍ରୀ କମ୍ ଥିଲା। ଆଗାମୀ ଦିନରେ ଉତ୍ତର ଓ ଉତ୍ତର-ପଶ୍ଚିମ ଭାରତରେ ଶୀତ ଲହରି ଜାରି ରହିବ ବୋଲି କୁହାଯାଉଛି। ଯଦିଓ ଏପର୍ଯ୍ୟନ୍ତ କୌଣସି ତୀବ୍ର ଶୀତ ଲହରୀ ପୂର୍ବାନୁମାନ କରାଯାଇନାହିଁ। ପଞ୍ଜାବ, ହରିୟାଣା, ରାଜସ୍ଥାନ, ବିହାର ଓ ମଧ୍ୟ ପ୍ରଦେଶରେ ଥଣ୍ଡା ପୂର୍ବପରି ଜାରି ରହିଛି। ହିମାଚଳ, ଉତ୍ତରାଖଣ୍ଡରେ ତୁଷାରପାତ ସହ ପ୍ରବଳ ଶୀତ ଅନୁଭୂତ ହୋଇଛି। ସେହିପରି ତାମିଲନାଡୁ, ପୁଡୁଚେରୀ ଭଳି ଦକ୍ଷିଣ ରାଜ୍ୟରେ ପ୍ରବଳ ବର୍ଷା ସତର୍କତା ଜାରି କରାଯାଇଛି।

# 'ଜି-ରାମ-ଜି' ବିରୋଧରେ ଦେଶବ୍ୟାପୀ କଂଗ୍ରେସ ଆନ୍ଦୋଳନ

ନୂଆଦିଲ୍ଲୀ, ୧୦ା୧(ଏଜେନ୍ସି): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ମନରେଗା) ରେ ସାମ୍ପ୍ରତିକ ପରିବର୍ତ୍ତନକୁ ବିରୋଧ କରି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଶନିବାରଠାରୁ ୪୫ ଦିନବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଛି। ଦେଶର ୬ଟି ରାଜ୍ୟ ଏହି ଏହାକୁ ବିରୋଧ କରିଛନ୍ତି। କର୍ଣ୍ଣାଟକ, ତେଲଙ୍ଗାନା ଓ ପଞ୍ଜାବ ଆନୁଷ୍ଠାନିକ ଭାବେ ନୂତନ ଆଇନ୍‌କୁ ବିରୋଧ କରି ପ୍ରସ୍ତାବ ପାରିତ କରିଛନ୍ତି। ସେହିପରି ତାମିଲନାଡୁ, କେରଳ ଓ ପଶ୍ଚିମବଙ୍ଗ ମଧ୍ୟ ଦୃଢ ଆପତ୍ତି ପ୍ରକାଶ କରିଛନ୍ତି। ଭିବି- ଜି ରାମ ଜି ଆଇନକୁ ବିରୋଧ କରିବା ସହ ଏହି ରାଜ୍ୟଗୁଡିକ ଚିନ୍ତା ପ୍ରକଟ କରିଛନ୍ତି। ଏହି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା, ଚାହିଦା-ଚାଳିତରୁ ଯୋଗାଣ- ଚଳିତ ଢାଞ୍ଚାକୁ ସ୍ଥାନାନ୍ତର, ରାଜ୍ୟଗୁଡିକ ଉପରେ ଆର୍ଥିକ ବୋଝ ବୃଦ୍ଧି କରିବା ସହ ପୂର୍ଣ୍ଣ କେନ୍ଦ୍ରୀୟ ନିୟନ୍ତ୍ରଣ ଲାଗୁ କରିବାକୁ ବିରୋଧ କରାଯାଇଛି। ବିରୋଧୀ ଦଳଗୁଡିକ ଯୁକ୍ତି ବାଢ଼ିଛନ୍ତି ଯେ, ଏହି ପରିବର୍ତ୍ତନଗୁଡିକ ରାଜ୍ୟ ସ୍ୱାୟତ୍ତତାକୁ ଦୁର୍ବଳ କରିବ ଓ ଗ୍ରାମୀଣ ନିଯୁକ୍ତି ଅଧିକାରକୁ ବିପଦରେ ପକାଇବ। କର୍ଣ୍ଣାଟକ ମନ୍ତ୍ରୀ ପ୍ରିୟଙ୍କା ଖଡ଼ଗେ କହିଛନ୍ତି ଯେ, ଏହି ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟକୁ ଆଗାମୀ ୫ ବର୍ଷ ମଧ୍ୟରେ ପାଖାପାଖି ୨୦, ୦୦୦ କୋଟି ଟଙ୍କା ଆବଶ୍ୟକ ହେବ। ଏହାକୁ ବିରୋଧ କରି କୋର୍ଟରେ ଚ୍ୟାଲେଞ୍ଜ କରିବାକୁ ସେ ଘୋଷଣା କରିଛନ୍ତି। କିନ୍ତୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଅନୁସାରେ ଭିବି ଜି ରାମ ଜି ଆଇନ କାର୍ଯ୍ୟକାରୀ ହେଲେ ରାଜ୍ୟଗୁଡିକ ୧୭, ୦୦୦ କୋଟି ଟଙ୍କା ଲାଭ ପାଇବେ ବୋଲି ଆକଳନ କରାଯାଇଛି।

# ଏସ୍‌ଆଇଆର୍‌ରେ ୧୨ଟି ରାଜ୍ୟରେ କଟିଲେଣି ୬.୫ କୋଟି ଭୋଟର

ନୂଆଦିଲ୍ଲୀ, ୧୦ା୧: ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାରେ ୬ କୋଟି ୫୦ ଲକ୍ଷ ଭୋଟରଙ୍କ ନାମ କଟିଲାଣି। ଉତ୍ତର ପ୍ରଦେଶରେ ସର୍ବାଧିକ ପ୍ରାୟ ୩ କୋଟି ଭୋଟରଙ୍କ ନାମ କଟିଥିବା ବେଳେ ତାମିଲନାଡୁରେ ୯୭ ଲକ୍ଷ, ଗୁଜରାଟରେ ୭୩ ଲକ୍ଷ ଏବଂ ପଶ୍ଚିମ ବଙ୍ଗରେ ସାଢ଼େ ୫୩ ଲକ୍ଷ ଭୋଟରଙ୍କ ନାମ କଟିଛି। ଏତେ ସଂଖ୍ୟକ ଭୋଟରଙ୍କ ନାମ କଟିଯାଇଥିବାରୁ ସଂପୃକ୍ତ ରାଜ୍ୟରେ କ୍ଷମତାସୀନ ଥିବା ଦଳମାନେ ଚିନ୍ତିତ ହୋଇପଡ଼ିଛନ୍ତି। କଟିଯାଇଥିବା ଭୋଟରମାନଙ୍କ ମଧ୍ୟରୁ କିପରି ଅଧିକାଂଶ ନାମ ଯୋଡ଼ାହେବ, ସେଥିଲାଗି ଏହି ଦଳଗୁଡ଼ିକ ଉଦ୍ୟମ ଚଳାଇଛନ୍ତି।

ଏସ୍‌ଆଇଆର୍ ପୂର୍ବରୁ (ଅକଟୋବର) ଏହି ୧୨ଟି ରାଜ୍ୟରେ ଭୋଟର ସଂଖ୍ୟା ୫୦ କୋଟି ୯୦ ଲକ୍ଷ ଥିବା ବେଳେ ଭୋଟର ଚିଠା ପ୍ରକାଶ ପାଇବା ପରେ ଏହି ସଂଖ୍ୟା ୪୪ କୋଟି ୪୦ ଲକ୍ଷକୁ ଖସିଆସିଛି। ଏସଂପର୍କରେ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଯେଉଁମାନଙ୍କ ନାମ କଟିଛି ସେମାନଙ୍କମଧ୍ୟରେ ଅଧିକାଂଶ ହେଉଛନ୍ତି ଅନୁପସ୍ଥିତ, ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର, ମୃତ୍ୟୁ ଏବଂ ଡୁପ୍ଲିକେଟ୍ ଭୋଟର। ତେବେ କିଛି ଭୋଟରଙ୍କୁ ସନ୍ଦିଗ୍ଧ ତାଲିକାରେ ମଧ୍ୟ ରଖାଯାଇଛି। ାସେ କହିଲେ ଯେ ଗ୍ରାମାଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଭୋଟର ତାଲିକାକୁ ନେଇ ଉତ୍ସାହ ଥିବା ବେଳେ ସହରାଞ୍ଚଳରେ ଏନୁମେରେସନ ଫର୍ମ ସଂଗ୍ରହ ସଂଖ୍ୟା କମ୍ ରହିଛି। ଉତ୍ତର ପ୍ରଦେଶର ଉଦାହରଣ ଦେଇ ସେ କହିଛନ୍ତି ଯେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ଭୋଟରଙ୍କ ନାମ କଟିଛି। ରାଜ୍ୟରେ ୧୫ କୋଟି ୪୪ ଲକ୍ଷ ଥିବା ବେଳେ ସେମାନଙ୍କ ମଧ୍ୟରୁ ଏହି ପ୍ରକ୍ରିୟାରେ ୨ କୋଟି ୮୯ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯାଇଛି। ଏହାସହିତ ରାଜ୍ୟର ଭୋଟର ସଂଖ୍ୟା ୧୨ କୋଟି ୫୫ ଲକ୍ଷକୁ ହ୍ରାସ ପାଇଛି। ଏହା ହେଉଛି ମୋଟ ଭୋଟର ସଂଖ୍ୟାର ୧୮.୭୦ ପ୍ରତିଶତ। ଏଥିମଧ୍ୟରୁ ସହରାଞ୍ଚଳରେ ଭୋଟରଙ୍କ ସଂଖ୍ୟା ସର୍ବାଧିକ କଟିଛି। ଏଥିରେ ରହିଛି ରାଜଧାନୀ ଲକ୍ଷ୍ନୌ ଏବଂ ଗାଜିଆବାଦ। ଲକ୍ଷ୍ନୌରେ ୩୦ ଭାଗ ଭୋଟର କଟିଥିବା ବେଳେ ଗାଜିଆବାଦରେ ୨୮ ପ୍ରତିଶତ ଭୋଟର ବାଦ୍ ପଡ଼ିଛନ୍ତି। ବଲରାମପୁର, କାନପୁର, ପ୍ରୟାଗରାଜ, ମିରଟ, ଗୌତମ ବୁଦ୍ଧ ନଗର, ହାପୁର, ସହାରନପୁର ଏବଂ ଆଗ୍ରାରେ ଏଭଳି ପରିସ୍ଥିତି ଦେଖାଦେଇଛି।

ଏହାକୁ ନେଇ ରାଜ୍ୟ ବିଜେପି ଚିନ୍ତାରେ ପଡ଼ିଯାଇଛି। ଗତ ବିଧାନସଭା ନିର୍ବାଚନରେ ବିଜେପି ପ୍ରାର୍ଥୀମାନେ ଯେଉଁଠାରେ ୫ ହଜାରରୁ ୨୦ ହଜାର ଭୋଟ ବ୍ୟବଧାନରେ ଜିତିଥିଲେ, ସେଠାରେ ଦଳ ୧ ଲକ୍ଷରୁ ଅଧିକ ଭୋଟର ହରାଇଥିବା କୁହାଯାଉଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପୂର୍ବରୁ କିପରି ଅଧିକରୁ ଅଧିକ ସଂଖ୍ୟକ ଭୋଟରଙ୍କ ନାମ ପୁଣି ସ୍ଥାନ ପାଇବ ତାହାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟ ବିଜେପି ସଭାପତିଙ୍କ ସହିତ ବୈଠକ କରି ରଣନୀତି ପ୍ରସ୍ତୁତ କରିଛନ୍ତି।

ାସେହିଭଳି ପଶ୍ଚିମ ବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସ ମଧ୍ୟ ଚିନ୍ତାରେ। ରାଜ୍ୟରେ ୫୩ ଲକ୍ଷ ଭୋଟରଙ୍କ ନାମ କଟିଛି। ଏଥିରେ ଅଧିକାଂଶ ଅଞ୍ଚଳ ମମତାଙ୍କ ତୃଣମୂଳର ଭୋଟ ବ୍ୟାଙ୍କ ବୋଲି କୁହାଯାଉଛି। ଏହାକୁ ନେଇ ଚିନ୍ତାରେ ଥିବା ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ସୁପ୍ରିମ କୋର୍ଟ ଯାଇଛନ୍ତି।



ଶନିବାର ଶ୍ରୀମନ୍ଦିର ଆଗରେ ଭକ୍ତଙ୍କ ଭିଡ଼

## ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍

# ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

ପୁରୀ,୧୦।୧(ସମିସ): ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ, କ୍ୟାମେରା ନେବା ଉପରେ କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଥିଲେ ହେଁ ଏହି କଟକଣାକୁ ଅନେକ ନାଲିଆଖି ଦେଖାଉଛନ୍ତି। ଫଳରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତରର ସମ୍ବେଦନଶୀଳ ଫଟୋ ବାହାରେ ବୁଲୁଛି। ଗତମାସ ୧୭ ତାରିଖରେ ଶ୍ରୀମନ୍ଦିର ଗର୍ଭଗୃହ ଏବଂ ରତ୍ନସିଂହାସନରେ ମହାପ୍ରଭୁଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ୨୨ ଦିନ ପରେ ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିରକୁ ନେଇ କୌଣସି କଟକଣା ହେଲେ କିଛିଦିନ ଧରପଗଡ଼ ହୋଇଥାଏ। ଧୀରେ ଧୀରେ ତା' ଉପରୁ ନଜର ହଟିବା ପରେ ପୁଣି ପୂର୍ବାବସ୍ଥାକୁ ସ୍ଥିତି ଫେରିଆସେ। ମୋବାଇଲ କଟକଣା ବର୍ତ୍ତମାନ ସେହିଭଳି ସ୍ଥିତିରେ ରହିଥିବା ଚର୍ଚ୍ଚା ହେଉଥିବାବେଳେ ବଡ଼ ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରବେଶ ପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ସମ୍ଭାବ୍ୟ ଆଶଙ୍କା କରି ଗତ କିଛିବର୍ଷ ହେବ ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସଜି) ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ଯେ ବଡଦେଉଳର ସୁରକ୍ଷା ବ୍ୟବସ୍ଥା ଧର୍ମକୁ ଆଖିଠାର ତାହା ମୋବାଇଲ କଟକଣାକୁ ଦେଖିଲେ ଜଣାପଡୁଛି। କାରଣ ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ। ମୋହିତ ନାମକ ଜଣେ ଯୁବକ ତାଙ୍କ ଇନଷ୍ଟାଗ୍ରାମ ଆଇଡିରେ ଅପ୍‌ଲୋଡ଼ କରିଛନ୍ତି ଶ୍ରୀମନ୍ଦିର ଭିତର ଫଟୋ। ଆନନ୍ଦ ବଜାରରେ ଫଟୋ ଉଠାଇଥିବା ଜଣାପଡୁଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚାରିଦ୍ୱାରରେ ମାଳ ମାଳ ସୁରକ୍ଷାକର୍ମୀ ଯାଞ୍ଚ କରୁଥିବାବେଳେ କିଭଳି ମୋବାଇଲ ମନ୍ଦିର ଭିତରକୁ ଯାଉଛି ସେ ନେଇ ପ୍ରଶ୍ନ ଉଠାଇଛନ୍ତି ଭକ୍ତ। ଅନ୍ୟପଟେ ଶ୍ରୀମନ୍ଦିରର ପ୍ରଚଳିତ ଆଇନରେ ସଂଶୋଧନ ସହିତ ଶ୍ରୀମନ୍ଦିର ଚାରି ଦ୍ୱାରରେ ଅତ୍ୟାଧୁନିକ ସ୍କାନିଙ୍ଗ ମେସିନ୍ ଲଗାଇବା ପାଇଁ ଦାବି କରାଯାଉଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଗୋଟେ ଇନ୍‌ଷ୍ଟାଗ୍ରାମ ଆଇଡିରେ ଫଟୋ ଅପ୍‌ଲୋଡ଼ ହୋଇଥିବା ଦେଖିବାକୁ ମିଳିଛି। ଏହି ଫଟୋ କିଏ ଅପ୍‌ଲୋଡ଼ କରିଛି, ଏହା ପଛର କ'ଣ ସତ୍ୟତା ରହିଛି ସବୁ ଯାଞ୍ଚ କରାଯିବ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶୀତରେ ସନ୍ନିପାତ ଶିମିଳିପାଳ



ବାରିପଦା, ୧୦।୧ (ସମିସ): ଶୀତରେ ସନ୍ନିପାତ ଶିମିଳିପାଳ। ଶିମିଳିପାଳ ଜାତୀୟ ଉଦ୍ୟାନରେ ଆଜି ପୁଣି ତାପମାତ୍ରା ବିଯୁକ୍ତ ୧ ଡିଗ୍ରୀ ରହିଛି। ଉପର ବାରହାକାମୁଡ଼ା (ୟୁବିକେ)ରେ ବୁଧବାର ଓ ଗୁରୁବାର ତାପମାତ୍ରା ଶୂନ ଡିଗ୍ରୀ ରହିଥିବା ବେଳେ ଶୁକ୍ରବାର ଓ ଶନିବାର ଲଗାତାର ଭାବେ ତାପାମାତ୍ରା ବିଯୁକ୍ତ ୧ଡିଗ୍ରୀରେ ରହିଛି। ଏହା ପ୍ରଭାବରେ ବିଭିନ୍ନ ସ୍ଥାନରେ ତୁହିନର ଆସ୍ତରଣ ଜମି ରହିଛି। ତାହାକୁ ସଂଗ୍ରହ କରିବା ବେଳେ ହାତରେ ବରଫର ଛିଦ୍ର ଲାଗି ରହୁଛି। ଶିମିଳିପାଳରେ ପାରଦ ବିଯୁକ୍ତକୁ ଖସିଯିବା ପ୍ରଥମ ଘଟଣା ବୋଲି କୁହାଯାଉଛି। ମୟୂରଭଞ୍ଜ, ବିଶେଷକରି ଶିମିଳିପାଳ ଅଭୟାରଣ୍ୟ ବୁଲି ଆସୁଥିବା ପର୍ଯ୍ୟଟକଙ୍କୁ ଏହା କାଶ୍ମୀରର ଅନୁଭୂତି ଦେଉଥିବା ବେଳେ ଜିଲ୍ଲାବାସୀଙ୍କ ପାଇଁ କିନ୍ତୁ ଏତେ ଥଣ୍ଡା ଅସହ୍ୟ ହୋଇପଡ଼ିଛି।

**ଆଜି ବି ପାରଦ 'ବିଯୁକ୍ତ ୧' ଡିଗ୍ରୀ**

ମୟୂରଭଞ୍ଜରେ ଏବର୍ଷ ଏତେମାତ୍ରାରେ ଶୀତ ଅନୁଭୂତ ହେବାକୁ ପରିବେଶବିତ୍‌ମାନେ ଜଳବାୟୁ ପରିବର୍ତ୍ତନ ସହ ଯୋଡୁଛନ୍ତି। ସେମାନଙ୍କ କହିବା କଥା, ଚଳିତ ବର୍ଷ ଖରାଦିନେ ଉତ୍ତପ୍ତ ସହର ଭାବେ ବାରିପଦା ରେକର୍ଡ କରିଥିବା ବେଳେ ୬ ମାସ ଧରି ଅନବରତ ବର୍ଷା ଲାଗି ରହିଥିଲା। ସେହିପରି ଏବେ ଶୀତଦିନେ ବି ଜିଲ୍ଲାରେ ପ୍ରତିଦିନ ଥଣ୍ଡା ନୂଆ ନୂଆ ରେକର୍ଡ କରୁଛି। ଏଥିପାଇଁ ଅବାଧ ଗଛକଟା ଓ ଖଣି ଖନନ ଦାୟୀ। ଏଥିଯୋଗୁଁ ଜଳବାୟୁରେ ଲଗାତାର ପରିବର୍ତ୍ତନ ଘଟିବା ସହ ଜିଲ୍ଲାରେ ବାୟୁର ମାନ ମଧ୍ୟ ପ୍ରଦୂଷିତ ହୋଇଚାଲିଛି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶଚାନ୍ଦ ଗୋଗିନେନୀଙ୍କ ସୂଚନାନୁଯାୟୀ, ଆଜି ଶିମିଳିପାଳ ଅଭୟାରଣ୍ୟର ଗୁଡୁଗୁଡିଆରେ ୧ଡିଗ୍ରୀ, ଚହଲାରେ ୩ଡିଗ୍ରୀ, ବରେହିପାଣିରେ ୪ଡିଗ୍ରୀ, ରାମତୀର୍ଥରେ ୮ଡିଗ୍ରୀ, ସାତକୋଶିଆରେ ଏବଂ କିଆଝରୀରେ ୯ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି, ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୩ରୁ ୧୦ଡିଗ୍ରୀ ପାଖାପାଖି ରହିଛି। ଏହି ହାଡ଼ଭଙ୍ଗା ଜାଡ଼ ଯୋଗୁଁ ପୂରା ଜିଲ୍ଲା ହେମାଳ ହୋଇଯାଇଛି। ଛୋଟଛୋଟ ଶିଶୁ, ବରିଷ୍ଠ ନାଗରିକ, ଗୃହପାଳିତ ପଶୁ ଓ ବନ୍ୟଜନ୍ତୁ ଏଥିଯୋଗୁଁ କଲବଲ ହେଉଛନ୍ତି।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଗୁଳି

ରାଉରକେଲା,୧୦।୧(ସମିସ): ସୁନ୍ଦରଗଡ଼ ସଦର ଥାନା ଅଧୀନ କରମଡ଼ିହଠାରେ ଏକ ଗ୍ୟାସ୍ ଗୋଦାମ ମାଲିକଙ୍କ ଉପରକୁ ଆଜି ୨ଜଣ ଦୁର୍ବୃତ୍ତ ଦୁଇ ରାଉଣ୍ଡ ଗୁଳି ଚାଳନା କରି ଫେରାର୍ ହୋଇଯାଇଛନ୍ତି। ଗୋଦାମ ମାଲିକଙ୍କ ପେଟରେ ଗୋଟିଏ ଗୁଳି ବାଜିଥିବା

**ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି**

ବେଳେ ଅନ୍ୟ ଗୁଳିଟି ତାଙ୍କ ଛାତି ହୋଇ ଖସି ଯାଇଥିଲା। ଗୋଦାମ ମାଲିକ ହେଉଛନ୍ତି ଅରୁଣ କୁମାର ନାୟକ। ସେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ଅବସର ପରେ ସେ ସୁନ୍ଦରଗଡ଼ର କରମଡିହ ନିକଟରେ ଏକ ରୋଷେଇ ଗ୍ୟାସ୍ ଡିଲରସିପ୍ ନେଇ ଦୋକାନ କରିଥିଲେ। ଆଜି ରାତିରେ ଅରୁଣ ତାଙ୍କର ଗ୍ୟାସ ଗୋଦାମ ବନ୍ଦ କରୁଥିବା ବେଳେ ୨ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ଗୋଟିଏ ଗୁଳି ତାଙ୍କ ପେଟରେ ବାଜିବାରୁ ସେ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ପରେ ତାଙ୍କୁ ପ୍ରଥମେ ସୁନ୍ଦରଗଡ଼ ଜିଲ୍ଲା ସଦର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

ଖବର ପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶରେ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଛାନଭିନ ଆରମ୍ଭ କରିଥିଲେ। ତେବେ ଗୁଳିକାଣ୍ଡ କାହିଁକି ଘଟିଲା, ଗୁଳିକାଣ୍ଡ ପଛର କାରଣ କ'ଣ ସେ ବିଷୟରେ କିଛି ସ୍ପଷ୍ଟ ସୂଚନା ମିଳିପାରିନି।

# ଓଡ଼ିଶାର ବିକାଶ ଯାତ୍ରାରେ ସମ୍ବଲପୁର ନୂଆ ଅଧ୍ୟାୟ ଯୋଡ଼ିବ: ମୁଖ୍ୟମନ୍ତ୍ରୀ

ସମ୍ବଲପୁର, ୧୦।୧ (ସମିସ): ସମ୍ବଲପୁରକୁ ଦୁଇଦିନିଆ ଗସ୍ତରେ ଆସି ଆଜି ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁର୍ଲା ପିଏମ୍‌ଶ୍ରୀ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୯୪୮ କୋଟି ଟଙ୍କାର ୨୫ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ତନ୍ମଧ୍ୟରେ ୫୭ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୧୪ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୮୯୦

**୯୪୮ କୋଟି ଟଙ୍କାର ୨୫ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୧୧ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ସଡ଼କ, ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗୋଦାମ ଗୃହ, ଅଟଳ ବସ୍‌ଷ୍ଟାଣ୍ଡ, ଛାତ୍ରୀନିବାସ, ପର୍ଯ୍ୟଟନ ବିକାଶ, ପାନୀୟ ଜଳ ଭଳି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସାମିଲ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ



ଯେ ସମ୍ବଲପୁର ଜିଲ୍ଲାର ବିକାଶ ଯାତ୍ରାରେ ଏସବୁ ପ୍ରକଳ୍ପଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ଏହି ସମସ୍ତ ପ୍ରକଳ୍ପ ସମ୍ବଲପୁର ଜିଲ୍ଲାରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ। ଆଗାମୀ ଦିନରେ ଏସବୁ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସହରର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯାଧବ, ପୁଲିସ ଆଇଜି ହିମାଂଶୁ ଲାଲ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଡ଼ିଲା ୨୫ ଇ-ବସ୍

ସମ୍ବଲପୁର, ୧୦।୧ (ସମିସ): ଆଜିଠାରୁ ସମ୍ବଲପୁରରେ ଆରମ୍ଭ ହୋଇଛି ଇ-ବସ୍ ସେବା। ମହାନଦୀ ରିଭର୍‌ଫ୍ରଣ୍ଟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁଜ ପତାକା ଦେଖାଇ ୨୫ଟି ଇ-ବସ୍ ସେବାର ଆରମ୍ଭ କରିଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ସମ୍ବଲପୁରକୁ ଆଉ ୨୫ଟି ଇ-ବସ୍ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଅଇଁଠାପାଲିଠାରେ ବସ୍ ଟର୍ମିନାଲ ଓ ବସ୍‌ର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବସ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଓ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ଅଇଁଠାପାଲିଠାରେ ଦେଢ଼ ଏକର ଜାଗାରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନସପୋର୍ଟ ବା କ୍ରୁଟ୍ ପକ୍ଷରୁ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ ମଧ୍ୟ ଆଜି ଉଦ୍‌ଘାଟନ କରାଯାଇଛି। ଏଥିସହ ଆଗାମୀ ୧୦ବର୍ଷ ପର୍ଯ୍ୟନ୍ତ ଟର୍ମିନାଲ ଏବଂ ବସ୍‌ଗୁଡ଼ିକ ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ସହ ଦିବ୍ୟାଙ୍ଗମାନେ କିଭଳି ବସ୍‌ରେ ପ୍ରବେଶ କରିପାରିବେ, ତାହାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ।


PARADEEP PARIVAHAN LIMITED
(CIN: L52241OR2000PLC006379)

Regd Office: Room no.204, Above OBC, Bank Street, Port Town, Paradeep, Jagatsinghpur 754142, Odisha, India Phone no. 06722-223416, 0674-2590169, Mail: ho@paradeepparivahan.com
Corporate Office: A-29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail:info@paradeepparivahan.com
Web Site: www.paradeepparivahan.com

NOTICE

Notice is hereby given that the 01/2025-26 Extra-Ordinary General Meeting ("EGM") of the members of Paradeep Parivahan Limited ("the Company") is scheduled on Saturday, January 31, 2026, at 11:30 a.m. (IST) at the corporate office of the company at Plot No-A/29, Near Airport, Palaspalli, Bhubaneswar-751020, Odisha, India.
Notice of the EGM setting out the business to be transacted, along with other documents if any; have been sent in electronic mode on January 9, 2026 to the members whose e-mail IDs are registered with the Company or Depository Participant(s).
Members are hereby informed that, the Notice of the EGM and other documents required to be attached thereto, are sent in electronic mode only to those members whose email address is registered with the Company/Depository Participant(s)/Registrar and Transfer agents. The aforesaid documents will also be available on the Company's website at https://www.paradeepparivahan.com/ under section "Investors", on the website of BSE Limited at www.bseindia.com, and on the website of the Company's Registrar and Transfer Agent Bigshare Services Pvt. Ltd at https://ivote.bigshareonline.com.
Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India, members are provided with the facility to cast their votes on resolution(s) set forth in the Notice using electronic voting. The facility for voting through Ballot Paper shall also be made available at the EGM and the members attending the EGM, who have not cast their vote by remote e-voting and otherwise not barred from attending the meeting, shall be able to exercise their right to vote at the EGM through Ballot Paper. The members who have already cast their vote by remote e-voting may attend the EGM but shall not be entitled to cast their vote again. In order to enable its members, who do not have access to e-voting facility, please send your assent or dissent in writing in respect of the resolutions as set out in the Notice.
All members are hereby informed that:
1. The special business as set out in the Notice of EGM may be transacted through voting by electronic means;
2. Date of completion of dispatch of Notice of EGM: January 9, 2026;
3. The remote e-voting shall commence on Wednesday, January 28, 2026 at 9:00 a.m. (IST) and end on Friday, January 30, 2026 at 5.00 p.m. (IST);
4. The remote e-voting shall not be allowed beyond Friday, January 30, 2026 at 5.00 p.m. (IST);
5. The cut-off date for determining the eligibility to vote through remote e-voting or at the EGM will be Saturday, January 24, 2026;
6. A person who has acquired shares and become a member of the Company after the dispatch of notice of EGM and holding shares as of cut-off date, may obtain the login ID and password by sending a request at https://ivote.bigshareonline.com.
7. The facility for voting, either through electronic voting system or ballot or polling paper shall also be made available at the venue of the EGM and Members who have not already casted their vote by remote e-voting shall be able to exercise their right at the EGM. The Members who have casted their vote by remote e-voting prior to the EGM may also attend the meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Saturday, January 24, 2026 only shall be entitled to avail the facility of remote e-voting or voting through" electronic voting system" or ballot form at the EGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting or e-voting at the EGM by following the below process for obtaining the e-voting credentials:
a) In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com.
b) In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com
11. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email to ivote@bigshareonline.com or call at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information.


By Order of the Board of Directors
For PARADEEP PARIVAHAN LIMITED
SD/-
Pravat Kumar Nandi
Director
DIN: 01957949

Place: Bhubaneswar
Date: 07.01.2026


# ଥାନା ଆଗରେ ବିଷ ପିଇବାକୁ ଯୁବତୀଙ୍କ ଉଦ୍ୟମ

ଭାପୁର, ୧୦।୧(ସମିସ): ବିବାହ ପାଇଁ ପ୍ରେମିକ ରାଜି ନ ହେବାରୁ ଥାନା ଆଗରେ ବିଷ ପିଇବାକୁ ଯୁବତୀଙ୍କ ଉଦ୍ୟମ। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଏପରି ଏକ ହାଇଡ୍ରାମା ଦେଖିବାକୁ ମିଳିଥିଲା। ସୂଚନାନୁଯାୟୀ, ଫତେଗଡ଼ ଥାନା ଶାଳପଡ଼ା ପଞ୍ଚାୟତ ନୂଆଗାଁ ଗ୍ରାମର ନିରଞ୍ଜନ ପଣ୍ଡାଙ୍କ ପୁଅ ଶିବପ୍ରସାଦ ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳରେ ରହି ରୋଷେଇ କରି ପରିବାର ପ୍ରତିପୋଷଣ କରନ୍ତି। ସେଠାରେ ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହ ୭ବର୍ଷ ପୂର୍ବେ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ସତ୍ୟନଗର ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। ମାତ୍ର କୌଣସି କାରଣରୁ ସେମାନଙ୍କ ସମ୍ପର୍କରେ ଭଟ୍ଟା ଆସିବାରୁ ଶିବପ୍ରସାଦ ବିବାହ କରିବାକୁ ଅରାଜି ହୋଇଥିଲେ। ଏ ନେଇ ଯୁବତୀଜଣଙ୍କ ଫତେଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଶିବପ୍ରସାଦ ଓ ତାଙ୍କ ବାପାଙ୍କୁ ଡକାଇଥିଲା। ଏହି ସମୟରେ ଥାନା ସମ୍ମୁଖରେ ଯୁବତୀଜଣଙ୍କ ବିଷ ବୋତଲ ଧରି ପିଇବାକୁ ଉଦ୍ୟମ କରିଥିଲେ। ପୁଲିସ ତତ୍‌କ୍ଷଣାତ ତାଙ୍କଠାରୁ ବିଷ ବୋତଲ ଛଡ଼ାଇ ଦେଇଥିଲା। ଶିବ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଏକାଧିକଥର ଶାରୀରିକ ସଂପର୍କ ରଖିଥିଲେ ବୋଲି ଯୁବତୀଜଣଙ୍କ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଫତେଗଡ଼ ପୁଲିସ ଜିରୋ-ଏଫ୍‌ଆଇଆର୍ ରୁଜୁ କରି ଉଭୟଙ୍କୁ ଭୁବନେଶ୍ୱର ମଞ୍ଚେଶ୍ୱର ଥାନାକୁ ପଠାଇ ଦେଇଛି। ମଞ୍ଚେଶ୍ୱର ପୁଲିସ ଏନେଇ ଏକ ମାମଲା ରୁଜୁ କରି ଯୁବତୀଙ୍କ ଡାକ୍ତରୀମାଇନା କରାଇଛି। ଅଭିଯୁକ୍ତ ଶିବକୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟେ ଯୁବତୀ ଏବଂ ଶିବପ୍ରସାଦ ପୂର୍ବରୁ ମନ୍ଦିରରେ ବିବାହ କରିଥିବା ସୂଚନା ମିଳିଛି।

# ଆଜିଠୁ ଖୋଲିବ ଭିତରକନିକା




ରାଜନଗର, ୧୦।୧(ସମିସ): ବଉଳା କୁମ୍ଭୀରଙ୍କ ଭୂ-ସ୍ୱର୍ଗ ଭାବେ ପରିଚିତ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରଙ୍କ ଗଣନା ପାଇଁ ଚଳିତ ମାସ ୮ରୁ ୧୦ତାରିଖ ଯାଏଁ ଭିତରକନିକା ବନ୍ଦ ରହିଥିଲା। ଏଥିପାଇଁ ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହି ସମୟରେ ପରିଭ୍ରମଣ ପାଇଁ ନିଷିଦ୍ଧ କରାଯାଇଥିଲା। ବଉଳା କୁମ୍ଭୀରଙ୍କ ଗଣନା ଶେଷ ହେବା ପରେ ଆସନ୍ତାକାଲିଠାରୁ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




ଇଳା ପଣ୍ଡା
୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବୁଜ, କେଜି, ଶୈଫାଳିକା,
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟ ସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ପା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in

# କଳାହାଣ୍ଡିର ଲୋକକଳା, ପରମ୍ପରା ଓ ସଂସ୍କୃତି ଉଜ୍ଜୀବିତ ରହୁ

## ଷ୍ଟାର୍ ନାଇଟରେ ଝୁମିଲେ ଦର୍ଶକ

**କୋକସରା, ୧୦।୧(ସମିସ)**

୪ ହଜାର ବର୍ଷ ପୂର୍ବରୁ କୋକସରା ମାଟିରୁ ହିଁ କଳାର ମାଟି ଜନ୍ମ ହୋଇଛି। କଳାହାଣ୍ଡି ସର୍ବଗୁଣେ ସମ୍ପନ୍ନ, କଳାହାଣ୍ଡିରେ କ'ଣ ନାହିଁ, ସବୁ କଛି ରହିଛି, ସବୁ କଳା ରହିଛି। କୋକସରା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ କହିଛନ୍ତି। ବ୍ଲକ

### କୋକସରା ବ୍ଲକ

ଅଧକ୍ଷା ରିତା ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣି ଭୋଇ, କୋକସରା ବିଡିଓ ଡ଼. ହିମାଞ୍ଚଳ ମାଝୀ, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚଲ ସାହୁ, ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ଲକସ୍ତରୀୟ



ଉତ୍ସବରେ ଯେଉଁ ଯୋଗମାୟା ପୀଠ ଗୁର୍ଜିମୁଣ୍ଡା ଓ ପୁରାତନ ସଂସ୍କୃତିକୁ ମଞ୍ଚ ମାଧ୍ୟମରେ ଉପସ୍ଥାପନ କରିଥିବା ବ୍ଲକ ପ୍ରଶାସନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ କଳାହାଣ୍ଡିର ଲୋକ କଳା, ପରମ୍ପରା ଓ ସଂସ୍କୃତି ଉଜ୍ଜୀବିତ ହୋଇ ରହିଥାଉ ବୋଲି କହିଥିଲେ। ପରେ ଢେମସା ଓ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ପଶ୍ଚିମ ଓଡ଼ିଶାର ଲୋକପ୍ରିୟ କଳାକାର ଉମାକାନ୍ତ ବାରିକ ଓ ଟିମ୍‌ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ଶୀତୁଆ ରାତିରେ ବିମୋହିତ ହୋଇ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ବ୍ଲକ ପ୍ରଶାସନ ପକ୍ଷରୁ ମହୋତ୍ସବକୁ ସଫଳ କରିଥିବା କମିଟିର କର୍ମକର୍ତ୍ତା ଓ କୋକସରା ପଞ୍ଚାୟତ ସମିତିର ଜନ ପ୍ରତିନିଧି, ବ୍ଲକର ଅଧିକାରୀ, କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ପରିଚଳନାରେ ଅଧାପକ ମୋହନ ଚରଣ ବିଶି, ଶିକ୍ଷକ ଦେବାନନ୍ଦ ରାଉତ, ପଙ୍କଜ ମୁଖ ଚୌଧୁରୀ, ଶିକ୍ଷୟିତ୍ରୀ ଭାରତୀ ହୋତା, ପ୍ରଜ୍ଞା ବିନୋଦିନି, ଛାତ୍ରୀ ଅନ୍ୱେଷାଶ୍ରୀଷ୍ଟି ପଣ୍ଡା, ଅନନ୍ୟା ଚିନ୍ଦା, ଅର୍ପିତା ପଟ୍ଟନାୟକ ସହଯୋଗ କରିଥିଲେ। ଜିଲ୍ଲାର କଳାକାର ସମେତ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର କଳାକାରଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ କୋକସରା ବ୍ଲକର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସମେତ ବ୍ଲକ ପ୍ରଶାସନ, ଜନପ୍ରତିନିଧି ଉତ୍ସବ କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ମ.ରାମପୁର ବ୍ଲକ୍‌ସ୍ତରୀୟ ଉତ୍ସବ ଉଦ୍‌ଯାପିତ

**ମ.ରାମପୁର, ୧୦।୧(ସମିସ):** ମ.ରାମପୁର ବ୍ଲକସ୍ତରିୟ କଳାହାଣ୍ଡି ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମ.ରାମପୁରର ଇଷ୍ଟ ଦେବୀ ମା'ଡୋକରୀଙ୍କ ଠାରେ ପୂଜାର୍ଚ୍ଚନା କରାଯିବା ପରେ ମଶାଲ ଶୋଭାଯାତ୍ରାରେ ବାହାରିଥିଲା। ଘଣ୍ଟ, ଶଙ୍ଖ, ହୁଳହୁଳି, ସିଂବଜା, ଆଦିବାସୀ ନୃତ୍ୟ, ଘୁମୁରା, କିର୍ତ୍ତନ, ଢାବ ନୃତ୍ୟର ଧ୍ୱନୀରେ ମ.ରାମପୁର ସହର ପ୍ରକମ୍ପିତ ହୋଇଥିଲା। ହଜାର ହଜାର ଲୋକଙ୍କ ସହ ମଶାଲ ଯାତ୍ରା ଉତ୍ସବ ପଡ଼ିଆକୁ ପହଞ୍ଚି ଥିଲା। ପରେ ଉଦ୍‌ଘାଟନି ସଭା ଅନୁଷ୍ଠିତ ହୋଇଥିଲା। ମ.ରାମପୁର କଣ୍ଠଶିଳ୍ପୀ ସନ୍ତୋଷ ଦୁବେଙ୍କ ଟିମ୍ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଏବଂ ସମ୍ମାନିତ ଅତିଥି ଭାବେ ମ.ରାମପୁର ତହସିଲଦାର ମିମାଂସା ସାହୁ, ଉପାଧ୍ୟକ୍ଷ ଶମ୍ଭୁନାଥ ପଧାନ, ଜିଲ୍ଲା ପରିଷଦ ସଦସ୍ୟା ମଞ୍ଜୁଲତା ଧରୁଆଁ ଯୋଗଦେଇ ଥିବା ବେଳେ ବିଡ଼ିଓ ଶରତ କୁମାର ସେଠୀ ସଭାରେ ପୋରାହିତ୍ୟ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ମନ୍ଦାକିନୀ ସିଂ ଦେଓ ଉତ୍ସବ ଘୋଷଣା କରିଥିଲେ। ମଞ୍ଚ ପରିଚାଳନା ସତ୍ୟ ସାହୁ ଓ ଶିବ ପଟ୍ଟନାୟକ କରିଥିଲେ। ଅତିଥିମାନେ ବିଭିନ୍ନ ବିଭାଗ ପକ୍ଷରୁ ଖୋଲା ଯାଇଥିବା ଷ୍ଟଲ ପରିଦର୍ଶନ କରିଥିଲେ। ପରେ



ବିଭିନ୍ନ ଛାତ୍ର ଛାତ୍ରୀ ଓ ସର୍ବସାଧାରଣ ମଧ୍ୟରେ ପ୍ରତିଯୋଗିତା ଓ ସାଂସ୍କୃତିକ ପ୍ରତିଯୋଗିତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁଷ୍ପେନ୍ଦ୍ର ସିଂଦେଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ମୁଖ୍ୟବକ୍ତା ପଦ୍ମଲୋଚନ ମିଶ୍ର, ସମ୍ମାନିତ ଅତିଥି ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ମ.ରାମପୁର ସରପଞ୍ଚ ବିଣାପାଣି ସାହୁ ଯୋଗ ଦେଇଥିବା ବେଳେ ବିଡ଼ିଓ ଶରତ ଚନ୍ଦ୍ର ସେଠୀ ପୋରାହିତ୍ୟ କରିଥିଲେ। ସତ୍ୟ ସାହୁ ଓ ସୁଧୀର ନାୟକ ସଭା ପରିଚାଳନା କରିଥିଲେ। ବିକାଶ ସିଂ ଦେଓ, ପ୍ରଦିପ ପାଣିଗ୍ରାହୀ, ଭଗବାନ ଭୋଇ, ପ୍ରେମ ଶାଗର ନାଏକ, ଏବିଡିଓ ଲକ୍ଷ୍ମଣ ପଧାନ, ଏଇଇ ବଳବିନ୍ଦର ସିଂହ ଯାଦବ, ନୟନ ନାଏକ ସମସ୍ତ ପଞ୍ଚାୟତ ନିର୍ବାହୀଅଧିକାରୀ, ମ.ରାମପୁର ବ୍ଲକ ଓ ପଞ୍ଚାୟତସ୍ତରୀୟ ଅଧିକାରି ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ପରେ ବଲାଙ୍ଗିର ଓ କନ୍ଧମାଳରୁ ଆସିଥିବା ନୃତ୍ୟ ଦଳ ନୃତ୍ୟ ପରିବେଷଣ କରିଥିଲେ।

## ଏନ୍‌ଏସିସ୍ତରୀୟ ଉତ୍ସବ ଉଦ୍‌ଘାଟିତ | ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**କେସିଙ୍ଗା, ୧୦।୧(ସମିସ):** କେସିଙ୍ଗା ବ୍ଲକରେ କଳାହାଣ୍ଡି ଉତ୍ସବ 'ଘୁମୁରା'ର ଉଦ୍‌ଯାପନୀ ପରେ ଶନିବାର କେସିଙ୍ଗା ଏନ୍‌ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଘାଟିତ ହୋଇଛି। ସକାଳୁ କେସିଙ୍ଗାର ଇଷ୍ଟଦେବୀ ମାଁ ବୁଢ଼ା ଡଙ୍ଗର ମନ୍ଦିରରୁ ବିଶାଳ ମଶାଲ ଯାତ୍ରା କେସିଙ୍ଗା ସହର ପରିକ୍ରମା ପରେ ଉତ୍ସବସ୍ଥଳ ବିଦ୍ୟାପୀଠ ଖେଳ ପଡ଼ିଆ ଠାରେ ସ୍ଥାପନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବ ଓ ମଶାଲ ଯାତ୍ରାରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ଏସ୍‌ଡିପିଓ ସନ୍ଦୀପ ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଉପନଗରପାଳ ସରସ୍ୱତୀ ସାହାଙ୍କ ସମେତ ସମସ୍ତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ। ପରେ ୱାକାଥନ, ଲୋକଗୀତ, ଲୋକନୃତ୍ୟ, ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଉଦ୍‌ଘାଟନୀ ଉତ୍ସବର ସାଂସ୍କୃତିକ ସନ୍ଧ୍ୟା ନଗରପାଳ ନୃପରାଜ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ମୁଖ୍ୟଅତିଥି ଭାବରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ସମ୍ମାନିତ ଅତିଥି ଭାବରେ କେସିଙ୍ଗା




ଏସ୍‌ଡିପିଓ ଏବଂ ଉପନଗରପାଳ ସରସ୍ୱତୀ ସାହାଙ୍କ ସମେତ ସମସ୍ତ ୧୨ଜଣ ୱାର୍ଡ କାଉନସିଲର ପ୍ରମୁଖ ମଞ୍ଚାସିନ ଥିଲେ।ପରେ ଅତିଥିମାନେ ଶିକ୍ଷା, ସମାଜ ସେବା, କ୍ରୀଡ଼ା, ସାହିତ୍ୟ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଦଳଗତ ନୃତ୍ୟ ପରିବେଷଣ ସାଙ୍ଗକୁ ମୟୂରୀ ଏକାଡେମୀ ଭବାନୀପାଟଣା ପକ୍ଷରୁ ଚିତା କର୍ଷକ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଅଞ୍ଚଳର ବରିଷ୍ଠ ଉଦ୍‌ଘୋଷକ ବି ଚନ୍ଦ୍ରଶେଖର ଆଚାରୀ।

### ■ ଲାଞ୍ଜିଗଡ଼ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

## ସର୍ବେଶ୍ୱର ଭୋଇଙ୍କ ମେଲୋଡି କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**ଲାଞ୍ଜିଗଡ଼, ୧୦।୧ (ସମିସ):** ଦୁଇଦିନ ବ୍ୟାପି ଚାଲିଥିବା ଲାଞ୍ଜିଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'-୨୦୨୬ ଉଦଯାପିତ ହୋଇଯାଇଛି। ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲ ଖେଳ ପଡ଼ିଆ ଜଳପୁରୁଷ କାର୍ଜୀ ମାଝୀ ମଞ୍ଚରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ.ବଳଭଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ତହସିଲଦାର ଡ଼.ବନମାଳୀ ମେହେର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ତପନ କୁମାର ଭୋଇ ଓ ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିଲେ। ସୂର୍ଯ୍ୟକାନ୍ତ ଭୁଏ ଓ ଗୋପାଳଦାସ ମହାନନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିନତମାମ ବିଭିନ୍ନ



କାର୍ଯ୍ୟକ୍ରମ ସହିତ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆକାଶବାଣୀ ସ୍ୱୀକୃତି ପ୍ରାପ୍ତ କଣ୍ଠଶିଳ୍ପୀ ପ୍ରମୋଦ କୁମାର ପରିଡ଼ା ଓ ସର୍ବ ଭାରତୀୟ କରାଟେ ପ୍ରତିଯୋଗିତାରେ ୩ ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା କରାଟେ ଛାତ୍ର ହିତେଶ କୁମାର ମହାଖୁଡଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମ୍ମନ୍ୱିତ ଶିଶୁ ବିଭାଗ, ମିଶନ ଶକ୍ତି ବିଭାଗ, କୃଷି ବିଭାଗ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଆକର୍ଷଣୀୟ ଷ୍ଟଲମାନ କରାଯାଇଥିଲା। ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ଲୋକଗାୟକ ସର୍ବେଶ୍ୱର ଭୋଇଙ୍କ ମେଲୋଡି କାର୍ଯ୍ୟକ୍ରମକୁ ବିଳମ୍ବିତ ରାତିଯାଏଁ ଲୋକେ ଉପଭୋଗ କରିଥିଲେ। ବିଶ୍ୱନାଥପୁର ପୁଲିସ ଏବଂ ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ଉତ୍ସବସ୍ଥଳରେ ଆଇନଶୃଙ୍ଖଳା ଓ ଆପାତକାଳୀନ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଥିଲା।

### ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟ

## ଏନଏସ୍‌ଏସ ପକ୍ଷରୁ ଶୀତକାଳୀନ ଶିବିର ଉଦ୍‌ଘାଟିତ




**ଭବାନୀପାଟଣା, ୧୦।୧ (ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର ଉଦ୍‌ଘାଟିତ ହେଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଡ.ରାଧାରାଣୀ ନାୟକଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଶିବିର ୯ ତାରିଖ ଠାରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ। ଶିବିରରେ ମୋଟ ୫୦ ଜଣ ଛାତ୍ରୀ ଭାଗ ନେଇଛନ୍ତି। ମହାବିଦ୍ୟାଳୟର ଅଧକ୍ଷ ଡ.ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରୋଗ୍ରାମ କୋଅର୍ଡିନେଟର ଡ.ଚିତ୍ତରଞ୍ଜନ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପାଠପଢ଼ା ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଚେତନତା ମୂଳକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ପ୍ରେରଣା ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଏନଏସ୍‌ଏସ୍ ଜିଲ୍ଲା ନୋଡାଲ ଅଧିକାରୀ ଜୟନ୍ତ କୁମାର ଦନସନା ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କୁ ସମାଜରେ ତାଙ୍କ ଅବଦାନ ସମ୍ପର୍କରେ ଉଦ୍‌ବୋଧନ ତଥା ପ୍ରେରଣା ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଧୀରେଶ ଚନ୍ଦ୍ର ନନ୍ଦ ଏବଂ ହେମନ୍ତ କୁମାର ମାଝୀ ଯୋଗଦାନ କରିଥିଲେ।ଡ .ରାଧାରାଣୀ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଛାତ୍ରୀ ଅର୍ଚ୍ଚନା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ସମସ୍ତେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଦ୍ୟୁତ୍ ବିଭାଗର ମନମାନି

**କେସିଙ୍ଗା, ୧୦।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ମାସିକ ମେଣ୍ଟେନାନ୍ସ କାମ ଅଛି କହି ଶୁକ୍ରବାର ଦିନ ଡ଼ାକବାଜି ଯନ୍ତ୍ରରେ ସହରରେ ବୁଲି ବୁଲି ସକାଳ ୯ ରୁ ଦିନ ୧ ପର୍ଯ୍ୟନ୍ତ ଲାଇନ କଟିବ ବୋଲି ଘୋଷଣା କରି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ଅଗୁଆ ସୂଚନା ପାଇ ବିଦ୍ୟୁତ୍ ଉପଭୋକ୍ତା, ହୋଟେଲ, ଛୋଟ ଛୋଟ ବ୍ୟବସାୟୀମାନେ ଭୋରୁ ଉଠି ନିଜ କାମ ସାରିଥିବା ବେଳେ କିଛି ବ୍ୟବସାୟୀ ଦୋକାନ ଖୋଲି ନଥିଲେ।୯ ଟା ବେଳେ ଲାଇନ କଟିବାର ଥିଲା ହେଲେ ଲାଇନ କଟିଲା ନାହିଁ କାହିଁକି ଲାଇନ ଗଲା ନାହିଁ କେହି ଜାଣି ନାହାନ୍ତି। ହେଲେ ବିଦ୍ୟୁତ୍ ବିଭାଗର ମାନମାନୀ ଘୋଷଣା ପାଇଁ ଛୋଟ ଛୋଟ ବ୍ୟବସାୟୀ ଆଜି ଦିନକର ଜୀବିକା ହରାଇଲେ ତାକୁ କିଏ ଭରଣ କରିବ ତାହାର ଉତ୍ତର କାହା ପାଖରେ ନାହିଁ। ଅଯଥାରେ ବିଦ୍ୟୁତ୍ କାଟ ଘୋଷଣା କରି ବିଦ୍ୟୁତ୍ ନ କାଟି ଲୋକଙ୍କୁ ହଇରାଣ କରୁଥିବାରୁ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି।


### ଟେମରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଝାରକୁଣ୍ଡାମାଲକୁ ହରାଇ ବ୍ରଦର୍ସ-୧୧ ଚାମ୍ପିଅନ୍




**କୋକସରା, ୧୦।୧(ସମିସ) :** କୋକସରା ବ୍ଲକ ଟେମରା ଲଙ୍କେଶ୍ୱରୀ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଟେମରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ବ୍ରଦର୍ସ ୧୧ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଫାଇନାଲ ଖେଳ ଝାରକୁଣ୍ଡାମାଲ ଓ ବ୍ରଦର୍ସ ୧୧ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ସ୍କୋର କରି ପାରି ନଥିଲେ। ପରେ ଟ୍ରାଇ ବେକରେ ଧାରାକୁଣ୍ଡାମାଲ ଦଳକୁ ହରାଇ ବ୍ରଦର୍ସ-୧୧ଟୁର୍ଣ୍ଣାମେଣ୍ଟର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଖେଳ ଶିକ୍ଷକ ତାପସ ଦାସ ଖେଳ ପରିଚାଳନା କରିଥିବା ବେଳେ ଭୁପେନ୍ଦ୍ର ଗୋପାଳ ଓ ସଞ୍ଜୀବ ଦୁର୍ଗା ସହଯୋଗ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଯୁବ ଶିଳ୍ପପତି ପ୍ରଶାନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଯୁବନେତା ରାଜେନ୍ଦ୍ର ନାଏକ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ କ୍ଷିତିରାମ ପାତ୍ର, ସୁଧୀର କୁମାର ପାତ୍ର, ଜୟଲାଲ ନାଏକ, ଚୌବନ ରଣା, ପରମେଶ୍ୱର ପୁଝାରୀ, କ୍ଷିରସିନ୍ଧୁ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ହୃଷିକେଶ ଦୁର୍ଗା ଓ ଅଖିଳ ପଟେଲ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଲଙ୍କେଶ୍ୱରୀ ୟୁଥ୍ କ୍ଲବ୍ ର ପ୍ରଦୀପ କୁମାର ସାହୁ, ଆଶିଷ ରଞ୍ଜନ ମାଝୀ, ମୁକେଶ କୁମାର ସାହୁ, କୁମୁଦ କାନ୍ତ ମାଝୀ, କେଦାର ଦଳପତି ପ୍ରମୁଖ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



(ରଘୁନାଥ ପୁର, ମେଇନ ରୋଡ଼, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)

କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

**ଶୋକ ସନ୍ତପ୍ତ: ସାହୁ ପରିବାର**

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୁ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଟିଙ୍କୁ, ବନି, ଶନି, ସନତ,ଟିଣ୍ଟୁ, ଓମ୍, ପ୍ରେମ, ଅନ୍ୱିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

ସ୍ୱ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫


### ମୌଳିକ ସୁବିଧାରୁ ବଞ୍ଚିତ ଦୁର୍ଗମ ଆଦିବାସୀ ଗାଁ ରାଏମାଲ୍

## ରାସ୍ତା ନାହିଁ, ଆବାସ ଯୋଜନା ସ୍ୱପ୍ନ

**ଥୁଆମୂଳରାମପୁର, ୧୦।୧(ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଆଦିବାସୀ ଅଧୁଷିତ ଅଞ୍ଚଳ ଭାବେ ପରିଚିତ। ସ୍ୱାଧୀନତାର ୭୮ ବର୍ଷ ବିତିସାରିଥିଲେ ମଧ୍ୟ ଏବେ ବି ବ୍ଲକରେ ରହିଛି ଅନେକ ଦୁର୍ଗମ ଇଲାକା। ଯାହାକୁ ଅନ୍ଧାରୀ ଇଲାକା ସବୁ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଇଲାକା ଗୁଡିକରେ ସରକାରଙ୍କ ମାଳମାଳ ଯୋଜନାରୁ କଣିକାଏ ଛିଟା ପଡ଼ିପାରିନି। ସତେ ଯେମିତି ଏସବୁ ଗାଁକୁ ବିକାଶ ବାଟବଣା ହୋଇପଡ଼ିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଜୁଳି ଭଳି ମୌଳିକ ସୁବିଧାରୁ ବଞ୍ଚିତ ଏସବୁ ଗାଁଏଭଳି ଏକ ଗାଁ ହେଉଛି ରାଏମାଲ୍। ନାକୁରୁଣ୍ଡି ପଞ୍ଚାୟତ ଅଧିନ ଏହି ଗାଁକୁ ରାସ୍ତା ଖଣ୍ଡେ ନାହିଁ ବୋଲି ଅଦୃଶ୍ୟ ହୋଇପଡ଼ିଛି ବିକାଶ। ବିକାଶ ଯିବାକୁ ବାଟ ନଥିବା ବେଳେ ମୌଳିକ ସୁବିଧା ଯେ କିପରି ପହଞ୍ଚିବ ତାହା ଏକ ବଡ ପ୍ରଶ୍ନ ପାଲଟିଣି ଏହି ଗାଁ ପାଇଁ। ବକ୍ସାଇଟ ଭଳି ଖଣିଜ ସମ୍ପଦଭରା କେଲୁଆମାଳିର ପାଦଦେଶର ଥିବା ପ୍ରାୟ ୨୨ ଆଦିବାସୀ ପରିବାର ବସବାସ କରୁଥିବା ଏହି ଗାଁରେ ପାନୀୟଜଳ ପାଇଁ କେବଳ ଗୋଟିଏ ମାତ୍ର ନଳକୂପ ଭରସା।ଆଉ ଏକ ନଳକୂପରୁ ପାଣି ବାହରାରୁଛି ହେଲେ ତାହା ବ୍ୟବହାର ଯୋଗ୍ୟ ନୁହଁ ବୋଲି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ପାନୀୟଜଳ ସମସ୍ୟା ସୁଧାରିବାକୁ ଯାଇ ଦୁଇ ଦୁଇଟି ସୌର ପ୍ରକଳ୍ପ ସ୍ଥାପନ କରାଯାଇଛି ହେଲେ ଦୁଇଟି ଯାକ ପ୍ରକଳ୍ପ ଆରମ୍ଭର ମାତ୍ର କିଛି ଦିନ କିଛି ମାସ ପରେ ଅଚଳ ହୋଇ ପଡ଼ିରହିଛି। ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଆଜି ଖତ ଖାଉଛି। ଆବାସ ଯୋଜନା ଏହି ଗାଁ ପାଇଁ ସାତସପନ ପାଲଟିଛି। ସରଳ ନିରୀହ ଗରିବ ଆଦିବାସୀଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା ପାଇଁ ନା ଅଛନ୍ତି ଜନ ପ୍ରତିନିଧି ନା ପ୍ରଶାସନିକ ଅଧିକାରୀ। ଏହି ଗାଁର କୌଣସି ପରିବାରକୁ ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରୁ ଘର ଖଣ୍ଡିଏ ନ ମିଳିବା ବିଡମ୍ବନାର



ବିଷୟ। ଏପଟେ ସରକାର ପ୍ରତ୍ୟେକ ଯୋଗ୍ୟ ଗରିବ ହିତାଧିକାରୀଙ୍କ ଚୟନ କରି ସରକାରୀ ଯୋଜନାରେ ସାମିଲ କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ସେଇ ଅଧିକାରୀ ଏବଂ କର୍ମଚାରୀଙ୍କ ଅବହେଳା ଯୋଗୁଁ ପ୍ରକୃତ ହିତାଧିକାରୀ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହୁଛନ୍ତି। ହେଲେ ଗତ ବର୍ଷ ଏକ ସର୍ଭେରେ ଏହି ଗାଁର କିଛି ପରିବାରର ନାମ ଚୟନ କରାଯାଇଛି ବୋଲି ବ୍ଲକ ଆବାସ ଯୋଜନା ସଂଯୋଜକ ରାଜେନ୍ଦ୍ର ନାରାୟଣ ଦେବ ସୂଚନା ଦେଇଛନ୍ତି। ତଥାପି ବି ଅନେକ ପରିବାର ଏହି ଚୟନ ପ୍ରକ୍ରିୟାରୁ ବଞ୍ଚିତ ରହିଥିବା ଜଣାପଡ଼ିଛି।ଗାଁର ଛୋଟ ଛୋଟ ଛୁଆ ଅଙ୍ଗନବାଡି ହେଉ କି ବିଦ୍ୟାଳୟ ପାଠ ପଢ଼ିବା ପାଇଁ ଜଙ୍ଗଲର ଦୁର୍ଗମ ପାଦଚଲା ରାସ୍ତା ଦେଇ ପ୍ରାୟ



ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ ଟୁରିଭେଜିଗୁଡା ଏବଂ ମୋହନଗିରି ବିଦ୍ୟାଳୟକୁ ଯିବାକୁ ପଡ଼ିଥାଏ।ଏପରି ବିପଦ ସଙ୍କୁଳ ଜଙ୍ଗଲିଆ ରାସ୍ତାରେ ଛୁଆଙ୍କୁ କିପରି ଛାଡିବେ ଯାହା ଅଭିଭାବକ ଚିନ୍ତାର କାରଣ ହୋଇଛି। ଫଳରେ ଏଠାକାର କୋମଳମତୀ ଶିଶୁଙ୍କ ଭବିଷ୍ୟତ ନଷ୍ଟ ହେବାକୁ ବସିଛି। ଗାଁରେ ଅନେକ ବୃଦ୍ଧ ବୃଦ୍ଧା ଭିନ୍ନକ୍ଷମ ବ୍ୟକ୍ତି ସାମାଜିକ ସୁରକ୍ଷା ଯୋଜନାରୁ ମଧ୍ୟ ବଞ୍ଚିତ ଥିବା ଅଭିଯୋଗ ସାମ୍ନାକୁ ଆସିଛି। ଗାଁକୁ ବିଜୁଳି ସଂଯୋଗ ହୋଇନଥିବା ବେଳେ ଜଙ୍ଗଲ ନିକଟରେ ଅବସ୍ଥିତ ଗାଁ ସବୁବେଳେ ଅନ୍ଧାରରେ ରହୁଛି। ବ୍ଲକ ତଥା ଜିଲ୍ଲା ପ୍ରଶାସନ ଏହି ଗାଁକୁ ଆଉ ଅବହେଳା ନକରି ଗମନାଗମନ ସହିତ ସମୂହ ବିକାଶ ପ୍ରତି ଗୁରୁତ୍ୱ ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

## ଆର୍‌ଏସ୍‌ପି କର୍ମଚାରୀଙ୍କ ଜୀବନସାଥୀଙ୍କ କାରଖାନା ଗସ୍ତ



**ରାଉରକେଲା, ୧୦।୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଦ୍ୱାରା କର୍ମଚାରୀମାନଙ୍କ ଜୀବନସାଥୀଙ୍କ ପାଇଁ 'ପ୍ରଗତିର ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ନିମନ୍ତେ କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। ଏହି ପ୍ରୟାସ ଅଧୀନରେ ଷ୍ଟିଲ ମେଲ୍ଟିଂ ସପ୍-୨, କାକ୍ସିଂ ପ୍ଲାଣ୍ଟ-୨ ଓ ଅଗ୍ନି ସେବା ବିଭାଗର ୨୦ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ କଞ୍ଚା ମାଲ ପରିଚାଳନା ବିଭାଗ, ବ୍ଲାଷ୍ଟ ଫର୍ଣ୍ଣେସ-୫, ଷ୍ଟିଲମେଲ୍ଟିଂ ସପ୍-୨, ନୂତନ ପ୍ଲେଟ୍ ମିଲ, ହଟସ୍ଟ୍ରିପ ମିଲ ୨ ଏବଂ ଅଗ୍ନିସେବା ବିଭାଗ ପରିଦର୍ଶନରେ ନିଆଯାଇଥିଲା। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଏଚ୍‌ଆର - ଆରଏମ୍ ଆଣ୍ଡ ଟି ବିଭାଗର ଏଜିଏମ୍ ଦେବାଶିଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା। ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ। ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ କଞ୍ଚାମାଲଠାରୁ ଆରମ୍ଭ କରି ଚୂଡ଼ାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା। ମାନବସମ୍ବଳ ବିଭାଗର ସିନିୟର ମ୍ୟାନେଜର ସଙ୍ଗୀତା ସିନ୍ଧୁର ବିଭାଗୀୟ ଦଳଙ୍କ ସହଯୋଗରେ ଏହି ଗସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଣାଇଗଡ଼ରେ ବ୍ରାହ୍ମଣ ସମାଜ ସମାବେଶ



**ବଣାଇଁ, ୧୦।୧(ସମିସ):** ବଣାଇଗଡ଼ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବଣାଇଗଡ଼ ଅଞ୍ଚଳରେ ପରିଚାଳିତ ବ୍ରାହ୍ମଣ ସମାଜ ପକ୍ଷରୁ ଏକ ବ୍ରାହ୍ମଣ ସାମୂହିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାଜର ବରିଷ୍ଠ ସଦସ୍ୟ ଶ୍ରୀନିବାସ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ସମାବେଶ ଆୟୋଜିତ ହୋଇଥିଲା। ସମାବେଶରେ ସୁନ୍ଦରଗଡ଼ରୁ ଯୋଗଦେଇଥିବା ବ୍ରାହ୍ମଣ ପ୍ରତିନିଧି ମଣ୍ଡଳୀର ପଣ୍ଡିତ ଗୌରାଚନ୍ଦ୍ର ଠାକୁର ବ୍ରାହ୍ମଣ ସମାଜର ସଂସ୍କାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପଣ୍ଡିତ ରଜନୀକାନ୍ତ ପୁରୋହିତ ଗୁରୁକୁଳ ସ୍ଥାପନାର ଆବଶ୍ୟକତା ଉପରେ ମତ ରଖିଥିଲେ। ସେହିଭଳି ବରିଷ୍ଠ ବ୍ରାହ୍ମଣ ଦୟାନିଧି ଦିବାଡ଼ି ଓ ଯୁବ ବ୍ରାହ୍ମଣ ବିଶ୍ୱ ରଞ୍ଜନ ପୁରୋହିତ ବ୍ରାହ୍ମଣମାନଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟିକରି ବ୍ୟକ୍ତିଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠିବା ପାଇଁ ଆହ୍ୱାନ କରିଥିଲେ। ସମାବେଶର ମୁଖ୍ୟଅତିଥି ଭାବେ ଗୋବିନ୍ଦ ଚନ୍ଦ୍ର ସୁଆର ଯୋଗଦେଇ ଥିଲେ। ଏହି ଅବସରରେ ପଦ୍ମଚରଣ ଆଚାର୍ଯ୍ୟ, ଭୋଳାନାଥ ମିଶ୍ର, କମଳେଶ ପ୍ରସାଦ ମିଶ୍ର, ମୁକୁନ୍ଦଦେବ ଶତପଥୀ, ପ୍ରଦୀପ ମିଶ୍ର, ଗୁଣନିଧି ମିଶ୍ର, ନାରାୟଣ ଚନ୍ଦ୍ର ତ୍ରିପାଠୀ, ଆବାହକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ନରେନ୍ଦ୍ର କୁମାର ମିଶ୍ର ଓ ଶ୍ରଦ୍ଧାନନ୍ଦ ଷଡ଼ଙ୍ଗୀ, ଯୁଧିଷ୍ଠିର ତ୍ରିପାଠୀ, ସୁଦାମ ତ୍ରିପାଠୀ, ସତ୍ୟନାରାୟଣ ଷଡ଼ଙ୍ଗୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଶୁକଦେବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାବେଶରେ ଗୁଡ଼ିଆଳି, ଜଗନ୍ନାଥପୁର, ବଣାଇଗଡ଼, ଜକେଇକେଲା, ପାଣ୍ଡୁରିଶିଳା, କେନ୍ଦ୍ରିକେଲା, ଉପରପଡ଼ା, ବରାମୁଣ୍ଡା, ସାନଗଗୁଆ, ଲଲେଇ, ଟାଙ୍କଜୋଡ଼ା, ତୁମକେଲା, ଇନ୍ଦ୍ରପୁର ଆଦି ଅଞ୍ଚଳରୁ ସତାଧିକ ବ୍ରାହ୍ମଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷ କୁମାର ଷଡ଼ଙ୍ଗୀ, ରୋହିତସ ମିଶ୍ର, ସିପୁନ ମିଶ୍ର, ସରୋଜ ମିଶ୍ର ସହାୟତା କରିଥିଲେ।

## ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

**କୁତ୍ରା, ୧୦।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ କଟଙ୍ଗଠାରେ ଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ୩୬ତମ ବାର୍ଷିକ ପୁରସ୍କାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଦେଓମନି ପ୍ରଧାନ ଯୋଗଦେଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଛାତ୍ରଛାତ୍ରୀଙ୍କୁ ନେଇ ଏକ ନାଟକ 'ଛାୟା ବିଧାନସଭା' ମଞ୍ଚସ୍ଥ



ହୋଇଥିଲା। ମଞ୍ଚସ୍ଥ ନାଟକର ପରିଚାଳନା ଡ. ନିତ୍ୟାନନ୍ଦ ବେହେରା ପ୍ରଧାନଶିକ୍ଷକ କଟଙ୍ଗ, ଉକ୍ତ ନାଟକର ନିର୍ଦ୍ଦେଶକ ରବୀନ୍ଦ୍ର ପଣ୍ଡା, ମହେନ୍ଦ୍ର ସିଂହ ଦାୟିତ୍ୱ ତୁଲାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଆଲିଶା ଟପ୍ପୋ, ପ୍ୟାରେଲାଲ ସାହୁ, ଭିକାରୀ ଦାସ ସହଯୋଗ କରିଥିଲେ। ଗ୍ରାମର ହେମନ୍ତ କୁମାର ସିଂ, ହରିଶଚନ୍ଦ୍ର ଅମାତ୍, ଚମ୍ପତି ବାଙ୍କରା ଓ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠଶିକ୍ଷକ ମହେନ୍ଦ୍ର ସିଂହ ସମସ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ଲୋକନାଟକ ମହୋତ୍ସବ ଉଦ୍‌ଯାପିତ

# ମୃତ୍ୟୁଞ୍ଜୟ ଶ୍ରେଷ୍ଠ ଅଭିନେତା, ସ୍ୱର୍ଣ୍ଣପ୍ରଭା ଶ୍ରେଷ୍ଠ ଅଭିନେତ୍ରୀ





**ରାଉରକେଲା, ୧୦।୧(ସମିସ)**

କଲ୍‌ଚରାଲ ଏକାଡେମୀର ଆୟୋଜିତ ୩୮ତମ ଲୋକନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। 'ଏକ ନୂଆ ସକାଳର ଅପେକ୍ଷାରେ' ନାଟକରେ ପଙ୍କଜ ଭୂମିକାରେ ଅଭିନୟ କରିଥିବା ମୃତ୍ୟୁଞ୍ଜୟ ବରାଳ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଥିଲା ବେଳେ ସରିତା ଭୂମିକାରେ ଅଭିନୟ କରିଥିବା ସ୍ୱର୍ଣ୍ଣପ୍ରଭା ପାଢ଼ୀ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଥିଲେ। ଏହି ଉଦ୍‌ଯାପନୀ ସନ୍ଧ୍ୟାର ରଙ୍ଗକର୍ମୀ, ରାଉରକେଲା ନାଟ୍ୟ ସଂସ୍ଥା ପକ୍ଷରୁ ପ୍ରଦର୍ଶନୀମୂଳକ ନାଟକ 'ମାସୁଲ୍' ମଞ୍ଚସ୍ଥ ହୋଇଥିଲା। ଅବ୍‌ଦୁଲ ଜମାଲ ଖାଁ ଏବଂ ଶିବଲାଲ୍ ସାଗର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅକ୍ଷୟ କୁମାର ସାମଲ ସଞ୍ଚାଳନ କରିଥିଲେ। ସଭାପତି ପଶୁପତି ନାଥ ଚାଟାର୍ଜୀ ସ୍ୱାଗତଭାଷଣ ଦେବା ସହିତ ପରିଚୟ ପ୍ରଦାନ କରିଥିଲେ। ବିଚାରକ ଅବ୍‌ଦୁଲ ଜମାଲ ଖାଁ ଏବଂ ଶିବଲାଲ୍ ସାଗରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଡା. ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଏହାପରେ ଲୋକନାଟକ ବିଶେଷାଙ୍କ 'ନବପତ୍ର' ଉନ୍ମୋଚିତ ହୋଇଥିଲା। ଲୋକନାଟକ ବିବରଣୀ ପାଠ କରିଥିଲେ ସାଧାରଣ ସମ୍ପାଦକ କାଶୀନାଥ ପାତ୍ର। ପୁରସ୍କାର ବିଷୟରେ ଡ. ଶ୍ରୀକାନ୍ତ ମହାନ୍ତି ଘୋଷଣା କରିଥିଲା ବେଳେ ଗୋକୁଳାନନ୍ଦ ଦାଶ ସହଯୋଗ କରିଥିଲେ। ଡ. ପ୍ରଭାତ ମଲ୍ଲିକ, ଡା. କୃପାସିନ୍ଧୁ ନାୟକ, ସୁଜିତ ନାୟକ, ଅକ୍ଷୟ ପଣ୍ଡା, ବଳରାମ ରାଉଳ, କିଶୋର ଚନ୍ଦ୍ର ବେହେରା, ନୃସିଂହ ରାଉତ, ସୁକାନ୍ତ ମହାପାତ୍ର, ପ୍ରତାପ କୁମାର ପଣ୍ଡା, ଡ. ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବତନ ସଭାପତି ବିଚିତ୍ରାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରେଷ୍ଠ ଶିଶୁ କଳାକାର ଭାବେ କୁମାରୀ ଶିବାଙ୍ଗୀ ଦାସ, ଦ୍ୱିତୀୟ ଶ୍ରେଷ୍ଠ ଶିଶୁ କଳାକାର ଶ୍ରୀକାନ୍ତ ରାଉଳ, ତୃତୀୟ ଶ୍ରେଷ୍ଠ ଭାବେ ସନ୍ଧ୍ୟାରାଣୀ ରାଉତ, ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବେ ଏକ ନୂଆ ସକାଳର ଅପେକ୍ଷାରେ ନାଟକର କୁମାରୀ ତପସ୍ୱିନୀ ସେଠୀ, ହୁଲର ପୁଷ୍ପଲତା ବିଶୋଇ ଦ୍ୱିତୀୟ ଏବଂ ସୁଆଦ୍ ସୁଆଦ ବଲି ଖାଏଲି କେନ୍ଦୁ, ନାଟକର ସରିତା ଶର୍ମା ତୃତୀୟ ପାର୍ଶ୍ୱ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା - ସନ୍ତୋଷ କୁମାର ପାତ୍ର, ପଞ୍ଚାନନ ପାତ୍ର, ତିଲକା, ହୁଲ୍, ପରିଚୟ, ରାଉରକେଲା ଦ୍ୱିତୀୟ ଏବଂ ତୃତୀୟ- ଚିନ୍ମୟ ତ୍ରିପାଠୀ, ଶ୍ରେଷ୍ଠ ମଞ୍ଚଶିଳ୍ପୀ ଭାବେ ଭୀଷ୍ମନାରାୟଣ ସ୍ୱାଇଁ, ପ୍ରଥମ ଜନ୍ମେଜୟ ମହାନ୍ତି ଦ୍ୱିତୀୟ ଏବଂ ଭବେଶ ପ୍ରଧାନ ତୃତୀୟସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଶକ୍ତି ପ୍ରସାଦ ମିଶ୍ର, ହୁଲ୍, ପରିଚୟ, ରାଉରକେଲାର ଶ୍ରୀକାନ୍ତ ଗୁରୁ ଦ୍ୱିତୀୟ ଏବଂ ଭୋକର ଅନେକ ରଙ୍ଗ ନାଟକର ବିନୟ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଦ୍ୱିତୀୟ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବର୍ତ୍ତିକା, ହୁଲ୍. ପରିଚୟ, ରାଉରକେଲାର ପ୍ରଜ୍ଞାପାରମିତା ପାଣିଗ୍ରାହୀ, ସୁରଭୀ, ସୁଆଦ୍ ସୁଆଦ ବଲି ଖାଏଲି କେନ୍ଦୁ, ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ, ଖଡ଼ିଆଳର ନିବେଦିତା ରାଉତରାୟ ତୃତୀୟ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଭାବେ ନିର୍ଲିପ୍ତ, ହୁଲ୍, ପରିଚୟ, ରାଉରକେଲାର ନରେନ ଦାସ ଏବଂ ଶେଷଦେବ, ଏକ ନୂଆ ସକାଳର ଅପେକ୍ଷାରେ, ନୂଆ ପରିଚୟ, ଭୁବନେଶ୍ୱରର ବିକ୍ରମ କେଶରୀ ଜେନା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ 'ଏକ ନୂଆ ସକାଳର ଅପେକ୍ଷାରେ' ବିକ୍ରମ କେଶରୀ ଜେନା, ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ବିଜୟ କୁମାର ଭୋଳ, ଏବଂ ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ କମ୍ପାନୀ ସରକାର, ଉତ୍କଳୀ ସାଂସ୍କୃତିକ ଶିଳ୍ପୀ, ରାଉରକେଲାର ବିଲୋଚନ ପାତ୍ର ପୁରସ୍କୃତ ହୋଇଥିଲେ। ଏକ ନୂଆ ସକାଳର ଅପେକ୍ଷାରେ, ନୂଆ ପରିଚୟ, ଭୁବନେଶ୍ୱର ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ପୁରସ୍କୃତ ହୋଇଥିଲା ବେଳେ ପ୍ରଥମ- ଦ୍ୱିତୀୟ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ହୁଲ୍, ପରିଚୟ, ରାଉରକେଲା ପୁରସ୍କୃତ ହୋଇଥିବା ଜଣାପଡ଼ିଛି।

## ଆର୍‌ଏସ୍‌ପିର ହଟ୍‌ଷ୍ଟ୍ରିପ୍ ମିଲ୍-୨ରେ ଡିଜିଟାଲ୍ ଆପ୍ଲିକେସନ୍ ଉଦ୍‌ଘାଟିତ



**ରାଉରକେଲା, ୧୦।୧(ସମିସ):** ଡିଜିଟାଲ୍ ପରିବର୍ତ୍ତନ ଏବଂ ବର୍ଦ୍ଧିତ କାର୍ଯ୍ୟକ୍ଷମତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ହଟ୍‌ଷ୍ଟ୍ରିପ୍ ମିଲ୍-୨(ଏଚ୍‌ଏସ୍‌ଏମ୍-୨) ଦ୍ୱାରା ନିଜସ୍ୱ ବିକଶିତ ଡିଜିଟାଲ୍ ଆପ୍ 'ଏଚ୍‌ଏସ୍‌ଏମ୍-୨ଇକୋନେକ୍ଟ'ର ଶୁଭାରମ୍ଭ କରାଯାଇଛି। ଏଚଏସଏମ-୨ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଚ୍‌ଏସ୍‌ଏମ୍ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର ଏହି ଡିଜିଟାଲ୍ ଆପ୍ଲିକେସନ୍‌ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଚ୍‌ଏସ୍‌ଏମ୍-୨(ବୈଦ୍ୟୁତିକ) ବିଭାଗର ଜିଏମ ତଥା ଏଚଓଏସ୍ ରଞ୍ଜିତ କୁଜୁର, ଏଚ୍‌ଏସ୍‌ଏମ୍-୨(ଅପରେସନ୍ସ) ବିଭାଗର ଜିଏମ ତଥା ଏଚଓଏସ୍ ଦୀପକ କୁମାର ଯାଦବ ଏବଂ ଏଚ୍‌ଏସ୍‌ଏମ୍-୨(ମେକାନିକାଲ) ବିଭାଗର ଜିଏମ ତଥା ଏଚଓଏସ ସୁବ୍ରତ କାନୁନଗୋଙ୍କ ସହିତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ଏହି ଆପ୍ ଏଚ୍‌ଏସ୍‌ଏମ୍-୨ରେ ଯୋଗାଯୋଗ, ରକ୍ଷଣାବେକ୍ଷଣ ସମନ୍ୱୟ ଏବଂ ସୂଚନା ଉପଲବ୍ଧତାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ଉଲ୍ଲେଖନୀୟ ଯେ ଏହି ଆପ୍ଲିକେସନ୍‌କୁ ଏଚ୍‌ଏସ୍‌ଏମ୍-୨(ବୈଦ୍ୟୁତିକ) ବିଭାଗର ଏଜିଏମ୍ ଜ୍ୟୋତିର୍ମୟ ଜେନାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ନିଜସ୍ୱ ଧାରଣା ଏବଂ ଡିଜାଇନ୍ ଦ୍ୱାରା ବିକଶିତ କରାଯାଇଛି, ଯାହା କାରଖାନାର ନବସୃଜନ, ଉତ୍ତରଦାୟିତ୍ୱ ଏବଂ ବ୍ୟବସ୍ଥା-ଚାଳିତ କାର୍ଯ୍ୟ ସଂସ୍କୃତି ଉପରେ ଦୃଢ଼ ଗୁରୁତ୍ୱକୁ ପ୍ରତିଫଳିତ କରେ। ଏକ ବ୍ୟାପକ ଡିଜିଟାଲ୍ ପ୍ଲାଟଫର୍ମ ଭାବରେ ବିକଶିତ, 'ଏଚଏସଏମ-୨ଇକୋନେକ୍ଟ' ଆପ୍ ଏଚ୍‌ଏସ୍‌ଏମ୍-୨ର ଦୈନନ୍ଦିନ କାର୍ଯ୍ୟକ୍ଷମ ଏବଂ ରକ୍ଷଣାବେକ୍ଷଣ ଆବଶ୍ୟକତା ସହିତ ଘନିଷ୍ଠ ଭାବରେ ସଂଯୁକ୍ତ। ଏହି ଆପ୍ଲିକେସନ୍‌ରେ ସରକାରୀ ବ୍ୟବହାର ପାଇଁ ଏକ ୱାଟସ୍‌ଆପ୍ ପରି ଇଣ୍ଟରଫେସ୍ ସହିତ ଏକ ସୁରକ୍ଷିତ ଏବଂ ସଂରଚିତ ଆଭ୍ୟନ୍ତରୀଣ ଯୋଗାଯୋଗ ମଡ୍ୟୁଲ୍ ରହିଛି, ଯାହା ଅନୌପଚାରିକ ଚ୍ୟାନେଲଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ କରିଥାଏ। ଏଥିରେ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପର ବ୍ୟବସ୍ଥାଗତ ପ୍ରବେଶ, ଟ୍ରାକିଂ ଏବଂ ଭବିଷ୍ୟତ ସନ୍ଦର୍ଭ ପାଇଁ ଏକ କ୍ଷେତ୍ରୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ମଡ୍ୟୁଲ୍ ମଧ୍ୟ ଅନ୍ତର୍ଭୁକ୍ତ। ରକ୍ଷଣାବେକ୍ଷଣ ଦକ୍ଷତାକୁ ଆହୁରି ସୁଦୃଢ଼ କରିବା ପାଇଁ, ଏହି ଆପ୍ଲିକେସନ୍ ବିଭିନ୍ନ କ୍ଷେତ୍ରରେ ବିସ୍ତୃତ ବୈଷୟିକ ସୂଚନାଧାରଣ କରିଥିବା ଏକ ବ୍ୟାପକ ମୋଟର ଡାଟାବେସ୍ ରଖିଛି, ଯାହା ଦ୍ରୁତ ସମସ୍ୟା ନିବାରଣ ଏବଂ ପ୍ରଭାବଶାଳୀ ରକ୍ଷଣାବେକ୍ଷଣ ଯୋଜନାକୁ ସହାୟତା କରେ। 'ଏଚ୍‌ଏସ୍‌ଏମ୍-୨ଇକୋନେକ୍ଟ' ର ଶୁଭାରମ୍ଭ ଉନ୍ନତ ଦକ୍ଷତା, ସ୍ୱଚ୍ଛତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ଡିଜିଟାଲ୍ ସମାଧାନ ବ୍ୟବହାର କରିବା ପାଇଁ ଏଚ୍‌ଏସ୍‌ଏମ୍-୨ ର ପ୍ରତିବଦ୍ଧତାକୁ ସୁଦୃଢ଼ କରେ। ଏହି ଆପ୍ଲିକେସନ୍ ଦୈନନ୍ଦିନ କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ପରିଚାଳନା ପାଇଁ ଏକ ଅବିଚ୍ଛେଦ୍ୟ ଉପକରଣ ହେବ ବୋଲି ଆଶା କରାଯାଉଛି, ଯାହା ଏଚ୍‌ଏସ୍‌ଏମ୍-୨ କାର୍ଯ୍ୟର ଉତ୍ପାଦକତା, ସୁରକ୍ଷା ଏବଂ ନିର୍ଭରଯୋଗ୍ୟତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ।

## ପ୍ରଗତି ଉତ୍କଳ ସଂଘର ସ୍କୁଲସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ



ରାଉରକେଲା, ୧୦।୧(ସମିସ): ପ୍ରଗତି ଉତ୍କଳ ସଂଘ ପ୍ରାୟୋଜିତ ଦ୍ୱିଦିବସୀୟ ସ୍କୁଲସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ସଂଘ ପରିସରରେ ଆରମ୍ଭ ହୋଇଛି। ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ତଥା ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଚେସ୍ ଆସୋସିଏସନର ପ୍ରାକ୍ତନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସଂଘର ଉପଦେଷ୍ଟା ତଥା ଚେସ୍ ର ଜାତୀୟ ଖେଳାଳି ଶାନ୍ତନୁ କୁମାର ପରିଚ୍ଛା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ପାଠ ସହ ଖେଳ, ମୁଖ୍ୟତଃ ଚେସ୍ ଖେଳର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବିଦ୍ୟାଳୟର ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୪୦ରୁ ଊର୍ଦ୍ଧ୍ୱର୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ବିଜେତା ଓ ଉପବିଜେତାଙ୍କୁ ଟ୍ରଫି ସହ ନଗଦ ଅର୍ଥ ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ବିଚାରକ ଭାବେ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଦିନେଶ କୁମାର ବେହେରା, ପ୍ରଦୀପ କୁମାର ବିଷୋୟୀ, ଜୀବନ ରାମମଣି ବେହେରା, ଶିଶିର ରଞ୍ଜନ ମଲ୍ଲିକ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଥିବାବେଳେ ସଂଘର ସର୍ବଶ୍ରୀ ରଶ୍ମୀରଞ୍ଜନ ବୋଇତାଇ, ଘନଶ୍ୟାମ ଧଳ, ନାରାୟଣ ଚନ୍ଦ୍ର ମହନ୍ତ, ଇନ୍ଦ୍ରମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଦେଇଥିଲେ।

## ଆର୍‌ଏସ୍‌ପିର ସାମଗ୍ରୀ ପୁନରୁଦ୍ଧାର ବିଭାଗ ଦ୍ୱାରା ଦୁଇଟି ରେକର୍ଡ



**ରାଉରକେଲା, ୧୦।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସାମଗ୍ରୀ ପୁନଃରୁଦ୍ଧାର ବିଭାଗ ସପ୍ତାହକ ମଧ୍ୟରେ ସ୍ଲାଗ୍ ପ୍ରେରଣରେ ଦୁଇଟି ନୂତନ ମାଇଲଖୁଣ୍ଟ ହାସଲ କରି ପୁଣିଥରେ ଉତ୍କର୍ଷପୂର୍ଣ୍ଣ କାର୍ଯ୍ୟ ଦକ୍ଷତା ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଇଛି। ଏଥିସହିତ ବିଭାଗ ନିଜର ଦକ୍ଷତା, ସମନ୍ୱୟ ଏବଂ ଦଳଗତ ମନୋଭାବରେ ଆଉ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଚଳିତ ଜାନୁଆରୀ ୩ ତାରିଖରେ ବିଭାଗ ୭, ୫୧୮.୧୨ ଟନ୍ ସ୍ଲାଗ୍ ପ୍ରେରଣ କରି ଏକ ଦିବସୀୟ ନୂତନ ରେକର୍ଡ ସ୍ଥାପନ କରିଛି। ଉତ୍କର୍ଷତାର ଧାରାକୁ ବଜାୟ ରଖି, ଏମଆରଡି ଦଳ ଗତ ଜାନୁଆରୀ ୭ ତାରିଖରେ ଗୋଟିଏ ଦିନରେ ସର୍ବାଧିକ ୨୭୭ ଟ୍ରିପ୍ ଏବଂ ୭୯୮୧.୫୮ ଟନ୍ ସ୍ଲାଗ୍ ପ୍ରେରଣ କରି ଆଉ ଏକ ସଫଳତାର ଶିଖର ଛୁଇଁଛି। ଏହି ସଫଳତାଗୁଡ଼ିକ ଚାହିଦାପୂର୍ଣ୍ଣ କାର୍ଯ୍ୟକ୍ଷମ ପରିସ୍ଥିତିରେ ମଧ୍ୟ ଏମଆରଡି ଦଳର ସ୍ଥିରତା, ଅନୁକୂଳନଶୀଳତା ଏବଂ ଦୃଢ଼ କାର୍ଯ୍ୟକାରିତାକୁ ସ୍ପଷ୍ଟକରେ। ଏଥିରେ ବରିଷ୍ଠ ପ୍ରବନ୍ଧନ ଏବଂ ବିଭାଗୀୟ ମୁଖ୍ୟଙ୍କ ଦୃଢ ନେତୃତ୍ୱ, ନିରନ୍ତର ସମର୍ଥନ ଏବଂ ପ୍ରୋତ୍ସାହନ, ଦଳକୁ ପ୍ରତିଦିନ ଉଚ୍ଚଲକ୍ଷ୍ୟ ହାସଲ କରିବା ଦିଗରେ ପ୍ରେରଣା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟଙ୍କ ପରଲୋକ



**ବଣାଇଁ, ୧୦।୧(ସମିସ):** ବଣାଇଁଗଡ଼ ସାମ୍ବାଦିକ ଜିତେନ୍ଦ୍ରିୟ ଆଚାର୍ଯ୍ୟଙ୍କ ପିତା ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟଙ୍କର ୭୦ ବର୍ଷ ବୟସରେ ଗତ ଗୁରୁବାର ପରଲୋକ ହୋଇଯାଇଛି। ସେ ପୂର୍ବରୁ ଜାତୀୟ ରାଜପଥ କାର୍ଯ୍ୟାଳୟରେ କାର୍ଯ୍ୟକରି ୨୦୧୪ରେ ଅବସର ନେଇଥିଲେ। ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାପରେ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ସତ୍ୟଭାମା ଆଚାର୍ଯ୍ୟ ଦୁଇ ପୁତ୍ର ଜିତେନ୍ଦ୍ରିୟ ଆଚାର୍ଯ୍ୟ, ରାଜେନ୍ଦ୍ର ଆଚାର୍ଯ୍ୟ, ଝିଅ, ଜ୍ୱାଇଁ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ବଣାଇଁ ବାଲିଆ ତୋଟା ବ୍ରାହ୍ମଣୀ ନଦୀ ଶଯ୍ୟାରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା ଏବଂ ତାଙ୍କର ଜ୍ୟେଷ୍ଠପୁତ୍ର ଜିତେନ୍ଦ୍ରିୟ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ।

# ସାର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**କୁତ୍ରା, ୧୦।୧(ସମିସ)**

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମରେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ଡ. ମୁରଲିଧର ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳାର ସହ ଅଧ୍ୟୟନ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପିନାଥ ଖାଖା, କୁତ୍ରା ତହସିଲଦାର ଶାଶ୍ୱତ ରଞ୍ଜନ ଦାସ, ସୁନ୍ଦରଗଡ଼ ଅତିରିକ୍ତ ଶିକ୍ଷାଧିକାରୀ ସାରଙ୍ଗଧର ବରିହା, କୁତ୍ରା ଗୋଷ୍ଠୀ ଶିକ୍ଷାଧିକାରୀ ଅନନ୍ତ କୁମାର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ରାଉଳ, ଜେଏସଡବ୍ଲୁ ଶିବା ସିମେଣ୍ଟର ସୁନିଲ ନାଥ, ଜେଏସଡବ୍ଲୁ ସିଏସଆରର ମୁଖ୍ୟ ସଂଗ୍ରାମ ରାଉତ, ଅଧୀକ୍ଷକ ଅଲେଖ ଦଲାଇ, ଓଆଇସିଏଲ ଏଚଆର ମୁଖ୍ୟ ରାଜୀବ କୁମାର, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନିରାଣୀ ସୋରେନ, ବିଦ୍ୟାଳୟର ପ୍ରତିଷ୍ଠାତା ବଇଲୋ କିଶାନ ଓ ତୁନମୁରା ସରପଞ୍ଚ ତରଣୀ ସେନ ବରିହା ପ୍ରମୁଖ ଯୋଗଦେଇ ଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମନଭାଙ୍ଗୀ ନାଏକ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସଫଳତା ଓ ଆଗାମୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାର।। ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶେଷକରି ପରିବେଷ ସୁରକ୍ଷ।। ସଚେତନତା ଉପରେ ଆଧାରିତ କ୍ଷୁଦ୍ର ନାଟକ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ମଞ୍ଚ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ପୋଷ୍ଟ ଅଫିସ୍





ମହମ୍ମଦ ହିଫ୍‌ଜୁର ରହେମାନ୍

ଦେବାଶିଷ ବାବୁ ନିଜ କାମ ପାଇଁ ପୋଷ୍ଟ ଅଫିସ୍ ଯାଉଥିଲେ। କାଉଣ୍ଟର ଆଗରେ ଲମ୍ବା ଧାଡ଼ି। କିନ୍ତୁ ଗୋଟିଏ କଥା ସେ ସବୁଦିନ ମାର୍କ କରୁଥିଲେ। ତାହା ଥିଲା, ଜଣେ ବୟସ୍କ ବ୍ୟକ୍ତି ସବୁଦିନ ଧାଡ଼ିରେ ଆସି ଠିଆ ହୁଅନ୍ତି। କାଉଣ୍ଟରରେ ପହଞ୍ଚିବା କ୍ଷଣି ଡାକ କର୍ମଚାରୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରି ସେଠାରୁ ଭଗାଇ ଦେଉଥିଲେ। ବୃଦ୍ଧ ବ୍ୟକ୍ତି ଜଣକ ନିରାଶ ହୋଇ ଡାକଘର ଦ୍ୱାର ମୁହଁରେ ଆସି ବସୁଥିଲେ। ଏଇଟା ସବୁ ଦିନର ବ୍ୟାପାର ହୋଇଯାଇଥିଲା।

ଦେବାଶିଷ ଏହି ସବୁ ଦୃଶ୍ୟ ଦେଖୁଥିଲେ ମଧ୍ୟ ଅନ୍ୟମାନଙ୍କ ଭଳି କିଛି କହୁନଥିଲେ। କିନ୍ତୁ ମନ ଭିତରେ ପ୍ରତିକ୍ରିୟା ହେଉଥିଲା। ସେଦିନ ଗୁରୁବାର ଥିଲା। ସବୁ ଦିନ ପରି ଏହି ବୃଦ୍ଧ ଜଣକ ମଧ୍ୟ ଧାଡ଼ିରେ ଠିଆ ହୋଇଥିଲେ। କାଉଣ୍ଟରରେ ପହଞ୍ଚିବା କ୍ଷଣି ସେ ତାଙ୍କର ପାସବୁକ୍ ଡାକ କର୍ମଚାରୀଙ୍କୁ ବଢ଼ାଇ ଦେଲେ। କର୍ମଚାରୀ ପୁଣି ରାଗିଯାଇ ବୁଢ଼ା ଉପରକୁ ପାସ୍‌ବୁକ୍ ଫୋପାଡ଼ି ଦେଲେ। କିନ୍ତୁ ବୁଢ଼ାଠାରେ କୌଣସି ପ୍ରତିକ୍ରିୟା ନଥିଲା। ସେ ପାସ୍‌ବୁକ୍‌କୁ ତଳୁ ଗୋଟାଇଲେ। ଏହାକୁ ତାଙ୍କ ଗାମୁଛାରେ ସଫା କରି ସାଙ୍ଗରେ ଆଣିଥିବା ବ୍ୟାଗରେ ପୂରାଇ ବାହାରି ଗଲେ।

ଡାକ କର୍ମଚାରୀ ଏହି ବୁଢ଼ା ସହିତ ଯେମିତି ଦୁର୍ବ୍ୟବହାର କଲେ, ତାହା ଦେବାଶିଷଙ୍କୁ ଭାରି ବାଧିଲା। ସେ ସହିବା ଅବସ୍ଥାରେ ନଥିଲେ। ତାଙ୍କ ପାଳି ଆସିବାରୁ ସେ କାଉଣ୍ଟର ଲୋକଟିକୁ ପଚାରିଲେ: "କ'ଣ ହେଇଛି? ସେ ବୁଢ଼ା ଲୋକଟି କିଏ?? ଆପଣ ତାଙ୍କୁ ଏମିତି କାହିଁକି ବ୍ୟବହାର କରୁଛନ୍ତି???" ଦେବାଶିଷ ବାବୁଙ୍କ ପ୍ରଶ୍ନ ବାଣ କିନ୍ତୁ କିଛି ପ୍ରଭାବିତ କଲା ଭଳି ଲାଗୁନଥିଲା।

ଦେବାଶିଷ ଆଉଥରେ ପଚାରିବାକୁ କର୍ମଚାରୀ ଜଣକ କହିଲେ; "କୁହନ୍ତୁନି ସେ ପାଗଳାଟା। ସବୁଦିନ ପାସ୍‌ବୁକ ଧରି ଆସୁଛି। କହୁଛି, ପୁଅ ଟଙ୍କା ପଠାଇଛି, ଦିଅ। ସବୁ ଦିନ ଆସୁଛି, ସବୁ ଦିନ ସେହି କଥା। ଲୋକ ଶୁଣି ଶୁଣି ବେଜାର ହେଇଗଲାଣି।"

ଦେବାଶିଷ ବାବୁ ପଚାରିଲେ; "ତାଙ୍କ ପାସ୍‌ବୁକ୍‌ରେ କେତେ ପଇସା ଅଛି।"

କ'ଣ ଶହେ ଟଙ୍କା ଥିବ। ଏମିତି କେତେ ପାଗଳ ଆସୁଛନ୍ତି। ମୁଣ୍ଡ ଖରାପ କରୁଛନ୍ତି।

କିନ୍ତୁ ଡାକ ବାବୁଙ୍କ କଥା କେଜାଣି କାହିଁକି ଦେବାଶିଷ ବାବୁଙ୍କୁ ହଜମ ହେଲାନି। ସେ ତାଙ୍କ କାମ ସାରି ବୁଢ଼ା ପାଖକୁ ଗଲେ। ଛିଣ୍ଡା କୁର୍ତ୍ତା ଏବଂ ଧୋତି ପିନ୍ଧା ବୁଢ଼ା କାନ୍ଥକୁ ଆଉଜି ବସିଛନ୍ତି। ଗୋଟିଏ ହାତରେ ଗାମୁଛା ଓ ଗୋଟିଏ ହାତରେ ପାସ୍‌ବୁକ୍ ଧରିଛନ୍ତି। ପାଖରେ ବାଡ଼ି ଥୁଆ ହୋଇଛି। ସେ ଖାଲି ପାସ୍‌ବୁକ୍‌କୁ ଦେଖୁ ଥାଆନ୍ତି, କ'ଣ ଗୋଟିଏ ଚିନ୍ତା କରୁଛନ୍ତି।

ଏହି ସମୟରେ ଦେବାଶିଷ ବାବୁ ବୁଢ଼ା ପାଖକୁ ଯାଇ ବସିଗଲେ। କିନ୍ତୁ ବୁଢ଼ା ମଉସା ଅନେଇଲେ ନାହିଁ। ସେ ପାସ୍‌ବୁକ୍‌କୁ ଓଲଟଇ ପଲଟଇ ଦେଖିବାରେ ବ୍ୟସ୍ତ। ଦେବାଶିଷ ବାବୁ ମଉସାଙ୍କ କାନ୍ଧରେ ହାତ ରଖି ପଚାରିଲେ; "ମଉସା କ'ଣ ହେଇଛି? ଏଠି ଏମିତି କାହିଁକି ବସିଛ ? କାହାକୁ କ'ଣ ଅପେକ୍ଷା କରିଛ ?"

ବୁଢ଼ା ମଉସା କହିଲେ; "ନାହିଁରେ ପୁଅ ଏମିତି ବସିଛି।"

ଦେବାଶିଷ ବାବୁ କହିଲେ; "ମୁଁ ତ ଦେଖୁଛି, ତମେ ସବୁ ଦିନ ଆସୁଛ। କ'ଣ ହେଇଛି?"

ବୁଢ଼ା ମଉସା କହିଲେ; "ପୁଅ ପଇସା ପଠାଇଛି ବୋଲି କହୁଛି। ଏ ମା ନେ ମନା କରୁଛନ୍ତି। କ'ଣ କରିବି? ରବି ମା' ଦେହ ବହୁତ ଖ ରା ପ। ପଇସା ପାଇଲେ ଡାକ୍ତର ଦେଖାଇବି।"

"ରବି କିଏ ?" ପଚାରିଲେ ଦେବାଶିଷ

-"ମୋ ପୁଅ " କହିଲେ ବୁଢ଼ା ମଉସା

-"ପୁଅ କଉଠି ରହୁଛନ୍ତି ?" ପଚାରିଲେ ଦେବାଶିଷ ବାବୁ।

'ସେ ଗୁଜରାଟରେ ରହୁଛି।" କହିଲେ ବୁଢ଼ା ମଉସା।

-"ତାଙ୍କର ଫୋନ ନମ୍ବର ଅଛି ?"

- "ହଁ, ଦେଖ ଏହି ଫୋନ୍‌ରେ ଅଛି।" ଏହା କହି ମୋବାଇଲ୍ ଫୋନ୍ ବଢ଼ାଇ ଦେଲେ ବୁଢ଼ା ମଉସା।

ମଉସାଙ୍କ ସେହି ଫୋନରେ କଲ୍ କଲେ ଦେବାଶିଷ ବାବୁ। କିନ୍ତୁ ଯେତେଥର ଫୋନ ଲଗାଉଛନ୍ତି, ସେପଟୁ ଫୋନ୍ କାଟି ଦେଉଛି ତାଙ୍କ ପୁଅ।

ବ୍ୟସ୍ତ ହୋଇପଡ଼ିଲେ ଦେବାଶିଷ ବାବୁ। ଏ କେମିତି ପୁଅଟା, ବାପାର ଫୋନ୍ ଧରୁନି।

ଫୋନ୍‌କୁ ବୁଢ଼ା ମଉସାଙ୍କୁ ଫେରାଇ ଦେଇ ଦେବାଶିଷ ବାବୁ ପୁଅ ବିଷୟରେ ଯେତେ ପଚାରିଲେ ବି ସେ କିଛି ନ କହି ନଶୁଣିଲା ଭଳି ବସି ରହିଲେ।

ଦେବାଶିଷ ବାବୁ ସେଠୁ ଉଠି ପାଖ ପାନ ଦୋକାନକୁ ପାନ ପାଇଁ ଗଲେ। ପାନ ପାଇଁ ବରାଦ ଦେଲେ। ଦୋକାନୀ ପାନ ଭାଙ୍ଗୁଥିବା ବେଳେ ଦେବାଶିଷ ବାବୁ ପଚାରିଲେ, "ଆପଣ ଏ ବୁଢ଼ା ମଉସାଙ୍କୁ ଚିହ୍ନିଛନ୍ତି ?"

ପାନ ଦୋକାନୀ ଓଲଟା ପ୍ରଶ୍ନ କଲେ; "କାହିଁ କଣ ହେଲା କି ?"

"ନାହିଁ ମୁଁ ଏମିତି ପଚାରୁଥିଲି। ସବୁଦିନ ବୁଢ଼ା ମଉସା ଏଠି ଆସି ବସୁଛନ୍ତି ତ ? ପାଗଳ କି?"

ପାନ ଦୋକାନୀ କହିଲେ; "ଏମିତି ପୁଅ ବୋହୂ ମିଳିଲେ ଯିଏ ନା ସିଏ ପାଗଳ ହେଇଯିବ।"

ଏକଥା ଶୁଣିଲା ପରେ ଦେବାଶିଷ ବାବୁଙ୍କ ଉତ୍କଣ୍ଠା ବଢ଼ିଗଲା। ଭାବିଲେ ପାନ ଦୋକାନୀ ତାହାହେଲେ ସବୁକିଛି ଜାଣିଛି।

ପାନ ଭାଙ୍ଗୁ ଭାଙ୍ଗୁ ଦୋକାନୀ ବୁଢ଼ା ମଉସାଙ୍କ ପରିବାରର ପୂରା ଇତିହାସ ପଢ଼ି ଶୁଣାଇଲେ। ବୁଢ଼ାର ଦୁନିଆ ଜମିବାଡ଼ି। ଗୋଟିଏ ବୋଲି ପୁଅ ଥିଲା। ତା'ର ପାଠପଢ଼ା ପାଇଁ ସବୁ ବିକିଦେଲେ। ପୁଅ ଚାକିରି ପାଇ ଗୁଜରାଟର ଅହମଦାବାଦ ଚାଲିଗଲା। ସେଠି ଫ୍ଲାଟ୍ କିଣିବା ଲାଗି ଗାଁରେ ଯାହା ଜମି ଥିଲା ସବୁ ବିକିଦେଲା। କହିଲା ବାପା ମା'ଙ୍କୁ ଅହମଦାବାଦ ନେଇଯିବ। ମଉସା ମାଉସୀ ତ ଚାହିଁ ବସିଛନ୍ତି। ପୁଅ ତ ଆସୁଛି। ବୁଢ଼ି ରୋଗିଣା ହେଲାଣି। ପୁଅକୁ ନିଜ ବାପାମାଆ ପାଇଁ ମଧ୍ୟ ସମୟ ନାହିଁ। ସେଠି ବାହା ହେଇଯାଇଛି। ଆଉ ବାପା ମାଆଙ୍କୁ କାହିଁକି ପଚାରିବ? ଏମାନେ ଏମିତି ସଢୁଛନ୍ତି। ଗାଁବାଲା କେତେବେଳେ କ'ଣ ସାହାଯ୍ୟ କରୁଛନ୍ତି।

ଦୋକାନୀ ଏମିତି ବର୍ଣ୍ଣନା କରି ଚାଲିଥିବା ବେଳେ ଦେବାଶିଷ ବାବୁ ଅଧୈର୍ଯ୍ୟ ହୋଇପଡ଼ିଲେ। ଇଚ୍ଛା ହେଉ ନଥିଲା ଆଉ ଶୁଣିବାକୁ। ପାନ ଧରି ସେଠାରୁ ଚାଲିଗଲେ। ମନରେ ଭୀଷଣ କଷ୍ଟ। ଆରେ ଆମ ଅବସ୍ଥା ସେମିତି ହେଇଯିବନି ତ? ମନେ ମନେ ପ୍ରଶ୍ନ କରୁଥାଆନ୍ତି ଦେବାଶିଷ ବାବୁ।

କିଛି ଦିନ ପରେ ପେନସନ୍ ଟଙ୍କା ଉଠାଇବାକୁ ଦେବାଶିଷ ବାବୁ ପୋଷ୍ଟ ଅଫିସ୍ ଆସିଥିଲେ। ପୁଣି ସେହି ଦୃଶ୍ୟ। ବୁଢ଼ା ମଉସା ଡାକ ଘର ବାରଣ୍ଡାରେ ବସି ଥାଆନ୍ତି। ହାତରେ ପାସ୍‌ବୁକ୍ ଧରି।

ପେନସନ୍ ନେବା ପାଇଁ ଦେବାଶିଷ ବାବୁ ଧାଡ଼ିରେ ଠିଆ ହେଲେ। ସେହି ବୁଢ଼ା ମଉସାଙ୍କୁ ନେଇ କେତେ କ'ଣ ଭାବୁଥିଲେ। ଭଗବାନ, ଏ ବୟସରେ ଏମିତି କଷ୍ଟ ଦେଉଛ କାହିଁକି ? କ'ଣ ଆମର ବି ଏମିତି ଅବସ୍ଥା ହେବ ? ନା ନା । ହେ ଭଗବାନ ରକ୍ଷା କର।

ପେନ୍‌ସନ୍ ଟଙ୍କା ଗଣୁଥିବା ବେଳେ ଦେବାଶିଷ ବାବୁ ଭାବିଲେ; ଆଜି ଏଥିରୁ କିଛି ଟଙ୍କା ବୁଢ଼ା ମଉସାଙ୍କୁ ଦେବି। କିଛି ତ ତାଙ୍କ କାମରେ ଆସିବ। କିନ୍ତୁ କ'ଣ କାହିଁକି ଦେବି। ସିଧା ଦେଲେ ନେବେ କି ନାହିଁ। ନହେଲେ କହିବି ଆପଣଙ୍କ ପୁଅ ପଠାଇଛି।

ଡାହାଣ ହାତ ମୁଠାରେ କିଛି ଟଙ୍କା ରଖି ଦେବାଶିଷ ବାବୁ ବୁଢ଼ା ମଉସା ପାଖକୁ ଗଲେ। ଏତିକି ବେଳେ ପୋଷ୍ଟ ଅଫିସ୍ ଭିତରୁ ପୋଷ୍ଟମ୍ୟାନ୍ ଡାକ ଛାଡ଼ିଲେ; "ମଉସା ଆସ। ତମ ପୁଅ ଟଙ୍କା ପଠାଇଛି।" ଏହା ଶୁଣି ଦେବାଶିଷ ବାବୁ ଚମକି ପଡ଼ିଲେ। ଯାହା ହେଉ ପୁଅ ଟଙ୍କା ପଠାଇଛି।

ପୋଷ୍ଟମ୍ୟାନ୍ ଦୁଇ ତିନି ଥର ଡାକିବା ପରେ ବୁଢ଼ା ମଉସା ପାସ୍‌ବୁକ୍ ଧରି ଭିତରକୁ ଗଲେ। ତାଙ୍କ ପଛେ ପଛେ ଦେବାଶିଷ ବାବୁ ବି ଗଲେ।

ପୋଷ୍ଟମ୍ୟାନ୍ ଗୋଟିଏ କାଗଜରେ ବୁଢ଼ା ମଉସାଙ୍କର ଟିପ ଚିହ୍ନ ନେଇ ଟଙ୍କା ବଢ଼ାଇ ଦେଲେ। ମଉସା ଗଣି ଦିଅ, ପୂରା ପାଞ୍ଚ ହଜାର ଟଙ୍କା ଅଛି। ମଉସା ସେହି ପୋଷ୍ଟମ୍ୟାନ୍ ମୁଣ୍ଡରେ ହାତ ରଖି ଆଶୀର୍ବାଦ ଦେଲେ। ଉପରକୁ ହାତ ଟେକି ପୁଅକୁ ମଧ୍ୟ ଆଶୀର୍ବାଦ ଦେଲେ। ପ୍ରଭୁ ମୋ ପୁଅକୁ ଭଲରେ ରଖି ଥାଅ। ଏତେ ଦୂରରେ ରହି ଆମ ପାଇଁ କେତେ ଚିନ୍ତା କରୁଛି। ଟଙ୍କା ଧରି ବୁଢ଼ା ମଉସା ବାହାରିଗଲେ।

ମଉସାଙ୍କ ଖୁସି ଦେଖି ଦେବାଶିଷ ବାବୁ ବି ଖୁସି ହେଇଗଲେ। ପୋଷ୍ଟମ୍ୟାନ୍ ଆଡ଼କୁ ଚାହିଁ କହିଲେ; ଯାହା ହେଉ ପୁଅ ପଇସା ପଠାଇଲା। ବୁଢ଼ା ଲୋକ କେତେ ହଇରାଣ ହେଉଥିଲେ। ଆପଣଙ୍କ ସେ କାଉଣ୍ଟର ବାବୁ କେତେ ଦୁର୍ବ୍ୟବହାର କରୁଥିଲେ। ଏମିତି କ'ଣ ଠିକ୍? ଯାହାହେଲେ ବି ବାପା ବୟସର ବୁଢ଼ା ଲୋକ।

ଏହି ସମୟରେ ପୋଷ୍ଟମ୍ୟାନ୍ ଦେବାଶିଷ ବାବୁଙ୍କୁ ଗୋଟିଏ କୋଣକୁ ଡାକି ନେଇ କହିଲେ; "ନା ନା ତାଙ୍କ ପୁଅ ଫୁଅ କେହି ଟଙ୍କା ପଠାଇନି। ପାସ୍‌ବୁକ୍ ଖୋଲିଲା ପରେ ତାଙ୍କ ପୁଅ କେବେ କେବେ ଟଙ୍କା ପଠାଉଥିଲା। ଏବେ ଆଉ ପଠାଉନି।"

ବୁଢ଼ା ଲୋକଟି ଏମିତି ହଇରାଣ ହେଉଥିବା ଦେଖି ଆମେ ଅଫିସ୍ ଭିତରେ ଚାନ୍ଦା କରି ଟଙ୍କା ସଂଗ୍ରହ କରିଥିଲୁ। ପୁଅ ନାଁ କହି ତାଙ୍କୁ ଟଙ୍କା ଦେଇଛୁ। ନହେଲେ ମଉସାଙ୍କୁ ଭୀଷଣ କଷ୍ଟ ହୋଇଥାଆନ୍ତା।

ଦେବାଶିଷ ବାବୁ ଉପରକୁ ଅନାଇ ପ୍ରଭୁଙ୍କୁ ଧନ୍ୟବାଦ ଦେଇ କହିଲେ, "ମାନବିକତା ଏବେ ବି ବଞ୍ଚିଛି।"

# ଆଧୁନିକ ଓଡ଼ିଆ ଗଳ୍ପର ଜନକ ଫକୀରମୋହନ



ଡକ୍ଟର ସଂଘମିତ୍ରା ମିଶ୍ର

କଥା ସମ୍ରାଟ ଫକୀର ମୋହନ ସେନାପତି ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗ ପ୍ରବର୍ତ୍ତକ । ସେ ଥିଲେ ଏଜାତିର କର୍ଣ୍ଣଧାର, ସାମାଜିକ ଜୀବନର ନିଚ୍ଛକ ରୂପକାର ଏବଂ ଓଡ଼ିଆ ଭାଷା ଆନ୍ଦୋଳନର ଯୋଦ୍ଧୃ ସେନାପତି। ଓଡ଼ିଆ ଭାଷାର ଘୋର ସଙ୍କଟ କାଳରେ ଲେଖନୀ ରୂପକ ଅସ୍ତ୍ର ଧରି ଏ ଜାତିକୁ ଦେଇଥିଲେ ନୂତନ ପରିଚୟ । ଏହି ସଂକ୍ରାନ୍ତି ପୁରୁଷ ଥିଲେ ଏକାଧାରରେ ଜଣେ କଥାକାର, ଅନୁବାଦକ, ଜୀବନୀ ସାହିତ୍ୟର ରଚୟିତା, କବି, ପାଠ୍ୟ ପୁସ୍ତକ ପ୍ରଣେତା ଓ ସମ୍ପାଦକ।

୧୮୪୩ ମସିହା ଜାନୁୟାରୀ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗ୍ରାମରେ ବ୍ୟାସକବିଙ୍କ ଜନ୍ମ ହୋଇଥିଲା। ତାଙ୍କ ପିତାଙ୍କ ନାମ ଲକ୍ଷ୍ମଣ କୁମାର ସେନାପତି ଓ ମାତା ତୁଳସୀ ଦେବୀ। ଅତ୍ୟନ୍ତ ଛୋଟ ଦିନରୁ ପିତା ମାତାଙ୍କୁ ହରେଇ ଠାକୁର ମା' କୋଚିଲା ଦେଈଙ୍କ ଦ୍ୱାରା ପାଳିତ ହୋଇଥିଲେ । ତାଙ୍କ ନାଁ ଥିଲା ବ୍ରଜ ମୋହନ। ସେ ପିଲା ବେଳେ ଖୁବ୍ ରୋଗୀଣା ଥିଲେ ବୋଲି ତାଙ୍କୁ ପୀର ବାବାଙ୍କଠାରେ ପିତାମହୀ ବିକ୍ରି କରି ଦେଇଥିଲେ। ତେଣୁ ସେ ଫକୀର ମୋହନ ନାଆଁରେ ପରିଚିତ ହେଲେ। ମାତ୍ର ତେର ବର୍ଷ ବୟସରେ ଲୀଳାବତୀଙ୍କୁ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ କୃଷ୍ଣା କୁମାରୀଙ୍କୁ ସେ ଦ୍ୱିତୀୟ ବିବାହ କରିଥିଲେ। ପତ୍ନୀ କୃଷ୍ଣା କୁମାରୀଙ୍କ ପାଇଁ ସରଳ ଭାଷାରେ 'ରାମାୟଣ', 'ମହାଭାରତ' ଓ 'ଶ୍ରୀମଦ୍ ଭଗବତ ଗୀତା' ଅନୁବାଦ କରିଥିଲେ । ତାଙ୍କ ଅଜସ୍ର ଅନୁବାଦ ସାହିତ୍ୟ ପାଇଁ ସେ ବ୍ୟାସକବି ଭାବରେ ପରିଚିତ।

ଫକୀର ମୋହନ ଯେତେବେଳେ ମାତ୍ର ନଅ ବର୍ଷର, ସେତେବେଳେ ବଡ଼ବାପାଙ୍କ ସହ ଜାହାଜର ଅଖାଳ ସିଲେଇ କରି ଉପାର୍ଜନ କରୁଥିଲେ । ଅର୍ଥାଭାବରୁ ଅଧିକ ପଢ଼ି ନ ପାରି ଶିକ୍ଷକତାକୁ ବୃତ୍ତି ଭାବରେ ଗ୍ରହଣ କରିଥିଲେ, କିନ୍ତୁ ନିଜର ଅଧ୍ୟବସାୟ ବଳରେ ସଂସ୍କୃତ, ଇଂରାଜୀ, ଉର୍ଦ୍ଦୁ ପ୍ରଭୃତି ଭାଷାରେ ଗଭୀର ପ୍ରବେଶ ଥିଲା। ଇତିହାସ, ଭୂଗୋଳ, ଗଣିତର ପାଠ୍ୟ ପୁସ୍ତକ ସେ ରଚନା କରିଥିଲେ। ସେ ତତ୍କାଳୀନ କଲେକ୍ଟର ବିଦ୍ୱାନ ଜନ୍ ବୀମ୍‌ସଙ୍କ ସାହଚର୍ଯ୍ୟ ପାଇଥିଲେ । ପରବର୍ତ୍ତୀ ଜୀବନରେ ଶିକ୍ଷକତା ଛାଡ଼ି ନୀଳଗିରି ଡମପଡ଼ା, ଢେଙ୍କାନାଳ, ପାଲଲହଡ଼ା, ଦଶପଲ୍ଲା ପ୍ରଭୃତି ଜାଗାରେ ଦେୱାନ୍ ଭାବରେ କର୍ମମୟ ଜୀବନ ବିତେଇ ସାଧାରଣ ମଣିଷଙ୍କ ଜୀବନର ଅଜସ୍ର ଅନୁଭୂତି ଓ ଅଭିଜ୍ଞତା ସାଉଁଟି ଥିଲେ, ଯାହା ସାରସ୍ୱତ ଯାତ୍ରାରେ ଗଳ୍ପ ଓ ଉପନ୍ୟାସରେ ଜୀବନ୍ତ ରୂପ ପାଇଥିଲା ।

କଥା ସମ୍ରାଟ ଫକୀର ମୋହନ ତାଙ୍କ ସାରସ୍ୱତ ଯାତ୍ରାରେ ଅଜସ୍ର କାଳଜୟୀ ସୃଷ୍ଟି ଓଡ଼ିଆ ଭାଷା ସାହିତ୍ୟକୁ ଉପହାର ଦେଇ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି, ସେ ଗୁଡ଼ିକ ହେଲା କବିତା – 'ପୁଷ୍ପ ମାଳା', 'ଉପହାର', 'ଅବସର ବାସରେ', 'ପୂଜା ଫୁଲ', 'ଧୂଳି', 'ବୌଦ୍ଧାବତାର କାବ୍ୟ' । ଚାରିଟି ଉପନ୍ୟାସ ହେଲା – 'ଛ' ମାଣ ଆଠ ଗୁଣ୍ଠ', 'ଲଛମା', 'ମାମୁଁ' ଓ 'ପ୍ରାୟଶ୍ଚିତ' । 'ରେବତୀ', 'ରାଣ୍ଡିପୁଅ ଅନନ୍ତା', 'ପେଟେଣ୍ଟ ମେଡିସିନ୍', 'ଧୂଳିଆ ବାବା', 'ଗାରୁଡ଼ି ମନ୍ତ୍ର', 'ଡାକ ମୁନସୀ' ପ୍ରଭୃତି କୋଡ଼ିଏଟି କାଳଜୟୀ ଗଳ୍ପକୁ ନେଇ ଗଳ୍ପ ସ୍ୱଳ୍ପ ୧ ମ ଓ ୨ୟ ଭାଗ ୧୯୧୭ ମସିହାରେ ପ୍ରକାଶିତ । ଏତଦ୍ ବ୍ୟତୀତ ତାଙ୍କ 'ଆତ୍ମଜୀବନୀ ଚରିତ', 'ଉତ୍କଳ ଭ୍ରମଣ', ପ୍ରବନ୍ଧ – 'କବି ଗୋପାଳ କୃଷ୍ଣ', 'ନେପୋଲିୟନ୍ ବୋନାପାର୍ଟ' ଓ 'ଉତ୍କଳ ଭାଷାର ଭୂତ ଭବିଷ୍ୟତ' ତଥା ରମ୍ୟ ରଚନା 'ନନାଙ୍କ ପାଞ୍ଜି', 'ରାମାୟଣ', 'ମହାଭାରତ', 'ଉପନିଷଦ' ଓ 'ଭଗବଦ୍ ଗୀତା' ର ଅନୁବାଦ ତଥା ଅନେକ ପାଠ୍ୟ ପୁସ୍ତକ ।

ସେ ଥିଲେ ଆଧୁନିକ ଓଡ଼ିଆ ଗଳ୍ପର ଜନକ। ୧୯୯୮ ମସିହା ନାରୀ ଶିକ୍ଷାର ସଂଘର୍ଷକୁ ନେଇ ରଚିତ 'ରେବତୀ' ଗଳ୍ପ କେବଳ ଗୋଟିଏ ଗଳ୍ପ ନୁହେଁ, ବରଂ ଆଜିର କଥା ସାହିତ୍ୟ ପାଇଁ ସମଗ୍ର ନାରୀ ଜାତିର ଏକ ପ୍ରତିନିଧି । ସେ ଥିଲେ ଦରଦୀ ମଣିଷର ସ୍ୱର, ଜଣେ ସମାଜ ସଂସ୍କାରକ। ତାଙ୍କ କଥା ସାହିତ୍ୟ ଚରିତ୍ରର ଚାରୁ ଚିତ୍ରଶାଳା। ଯେଉଁ ଜୀବନର ସଂଘର୍ଷ, ଯେଉଁ ଆମ ଆଖପାଖର ମଣିଷର ଅଶ୍ରୁ ଓ କାରୁଣ୍ୟ, ଯେଉଁ ଗାଁ ମାଟିର କଥା ଦେଖି ମଧ୍ୟ ଦେଖି ପାରି ନ ଥିଲୁ ସେ ପ୍ରଥମେ ସାହିତ୍ୟରେ ନିଜ ଭାଷାରେ ଲେଖି ଦେଖେଇ ଦେଲେ ଯେ ମାଟିର ଲୋକ ଓ ମାଟିର କଥା ସବୁଠୁ ବେଶି ସୁନ୍ଦର। ତାଙ୍କ ହାସ୍ୟରସ ଓ ଗଦ୍ୟରୀତିର ପଟାନ୍ତର ନାହିଁ ।

ଫକୀର ମୋହନ ଓଡ଼ିଆ ଭାଷା ଆନ୍ଦୋଳନର ବିଦ୍ରୋହୀ ସେନାପତି। ବାଲେଶ୍ୱରରେ ସେ ଉତ୍କଳ ପ୍ରେସ୍ ସ୍ଥାପନା କରି 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' ନାମରେ ଦୁଇଟି ପତ୍ରିକାର ନିଜ ସମ୍ପାଦନାରେ ପ୍ରକାଶିତ କରିଥିଲେ। ବାଲେଶ୍ୱରରେ ଛାପାଖାନା ବସେଇ ଥିଲେ। ସେ ଥିଲେ ଆଧୁନିକ ଗଳ୍ପର ଜନକ, ଓଡ଼ିଆ ନବ ଜାଗରଣର ଆଲୋକ ବର୍ତ୍ତିକା, ଆଧୁନିକତାର ଯୁଗ ପ୍ରବର୍ତ୍ତକ । ସେ ହିଁ ଯଥାର୍ଥରେ ଓଡ଼ିଆ ଅସ୍ମିତାର କାଳଜୟୀ ରୂପକାର। ମାତୃଭାଷା ଓ ମାତୃଭୂମି ପ୍ରତି ଅବହେଳା ଓ ଦୁର୍ଦ୍ଦଶା ଦେଖି ତାଙ୍କ ପ୍ରାଣ ବିକଳ ହୋଇ ଯାଉଥିଲା । ନିର୍ଭୀକ, ଜାତିପ୍ରେମୀ ଫକୀର ମୋହନ ନିଜ ମାଟି ଓ ଭାଷା ପାଇଁ ଲେଖିଥିଲେ -

"ପଢ଼ିଲି ନାନା ଦେଶ ଭାଷା
କାହିଁ ତ ନ ପୂରିଲା ଆଶା
ହେଉ ପଛକେ ସେ ନିକୃଷ୍ଟ
ମୋ ମାତୃଭାଷା ମତେ ଶ୍ରେଷ୍ଠ।"

ଯୋଗଜନ୍ମା ଫକୀର ମୋହନ ଯାବତୀୟ ବିପଦ, ପ୍ରତିରୋଧ, ଦାରିଦ୍ର୍ୟର କଷାଘାତରେ ହାରି ଯାଇ ନାହାନ୍ତି କି ତାଙ୍କ ପ୍ରତିଭା ମ୍ଳାନ ପଡ଼ି ଯାଇ ନାହିଁ, ବରଂ ଶତ ସୂର୍ଯ୍ୟର ଜ୍ୟୋତି ନେଇ ପରବର୍ତ୍ତୀ ପିଢ଼ିଙ୍କୁ ବାଟ ଦେଖାଉ ଅଛନ୍ତି ।

ଅଧ୍ୟାପିକା, ଓଡ଼ିଆ ବିଭାଗ
ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ବରଗଡ଼
ଜି: ବରଗଡ଼-୭୬୮୦୨୮

# ସର୍ତ୍ତ



ବାଦଲ ମହାନ୍ତି

ଆଉ କିଛି ରଙ୍ଗ କି ଚିହ୍ନର ପୋଷ୍ଟର
ମାରନି ଆମ ଗାଁ କାନ୍ଥରେ
ତମ ଉନ୍ନତି, ପ୍ରଗତି ଓ ବିକାଶର ଚୁଚୁମା
ଢେର୍ ଚୁଚୁମିଲୁ ଆମେ ।
ଦେଶ ଦେଶ କହି
ଆଉ ଦେଶାନ୍ତରୀ କରନା କି
ଆମ ସବୁଜ ଗାଁକୁ
ଆଉ ଧୂସର କରନା ସାଆନ୍ତେ ।

ଦେଶର ଆତ୍ମା ଆଉ କାହିଁ ଗାଁରେ?
କିଛି ନହେଲା ନାହିଁ
ବର୍ଷକୁ ଥରେ
ହଉ, ଅଷ୍ଟମ ପ୍ରହରୀଟେ
ତମେ ଆଉ ଆସନି ଆମ ଗାଁକୁ
ତମ ଭୋଟ ତମକୁ ମିଳିଯିବ
ତମରି ଚିହ୍ନରେ ।

ଭୁବନେଶ୍ୱରକୁ ଆଣି ପାରୁନି
ମୁଁ ମୋ ବୟାନବେ ବର୍ଷର ବୋଉକୁ
କି ତା' ଭଲ ମନ୍ଦ ବୁଝିବା ପାଇଁ
ଯାଇ ପାରୁନି ଗାଁକୁ ।

ଅସହଣି ହେଲାଣି ଦରଦାମ ବୃଦ୍ଧି
ବସିଲେ ଟ୍ୟାକ୍ସ, ଉଠିଲେ ଟ୍ୟାକ୍ସ
ଆଉ କେତେ ନେଲେ
ଶାନ୍ତି ହେବେ ଆପଣ?


ନିଜ ମାଆ କଥା ବୁଝିହଉନି ଠିକ୍‌ରେ
ଦେଶ କଥା ବୁଝିବା ପାଇଁ
ଆଉ ବଳ ଅଛି ଅଣ୍ଟାରେ?

ଜୀବ ଥିଲେ ଲୋଭ ଅଛି
ଆଖିବୁଜି ଦିନେ
ବୁଲଡୋଜର୍ ଚଳେଇ ଦିଅ
ପିଲାଛୁଆଙ୍କ ସମେତ
ଆମ ଘର ଉପରେ
ଆମେ ଶାନ୍ତିରେ ଶୋଇଥିବା ବେଳେ ।


ଥିବୁ ଯେ ସର୍ତ୍ତ ବାଡ଼ିବୁ
ତମ ନରମ ପାଦପଦ୍ମ
ରାସ୍ତାକୁ ବାହାରିଲା ମାତ୍ରକେ
ଫୁଲ ବିଛାଇ ଦେଉଛନ୍ତି, ପୁଞ୍ଜିପତିଏ
କାହିଁ ଏତେ କଲବଲ କରୁଛ ଆମକୁ?

ସୁଖରେ ନିଷ୍କଣ୍ଟକ ରାଜ ସିଂହାସନ
ଭୋଗ ହେ ସାଆନ୍ତେ
କାହିଁ ଘାଣ୍ଟି ହେଉଛ
ଏଇ ଭୋଟଟ ଖଣ୍ଡିକ ପଛରେ?

ପ୍ଲଟ ନଂ : ୫୧୩, ନୂଆସାହି,
ନୟାପଲ୍ଲୀ
ଭୁବନେଶ୍ୱର -୧୨
ମୋ : ୯୭୭୮୦୩୫୭୬୭



# ନିରୁଦ୍ଦିଷ୍ଟ



ମହାଦେବ ପ୍ରଧାନ

ଏଥର କିନ୍ତୁ
ଗୋଟେ ଅଟଳ ଝୁଙ୍କରେ
ବାହାରି ଆସିଲି ବହୁଦୂର..

ବାହାରି ଆସିଲି ଅନ୍ଧାରରୁ
ଅବିଶ୍ୱାସରୁ,
ପୁରୁଣା ଖୋଳପା ପରି ବେଢ଼ିଥିବା
ଆଟୋପ, ଆଡ଼ମ୍ବରରୁ ଏକେବାର!

ସାଙ୍ଗରେ ଥିଲା
ତାକୁ ଖୋଜିଯିବାର ଉତ୍କଣ୍ଠା
ପାଇଯିବାର ଉଲ୍ଲାସ,
ଖୁଚୁରାପଇସା ପରି ହାତ ମୁଠାରେ
କଳ୍ପିତ ସ୍ମୃତିରୁ ତା'ର କିଛି ଅଂଶ..

ବାହାରି ଆସିଲି ତ ଦେଖିଲି
ମୁଣ୍ଡ ଉପରେ ରଙ୍ଗଛଡ଼ା ଲୁଗାପରି
ଫିକା ଦିଶୁଛି ଆକାଶ
ମେଳା, ମହୋତ୍ସବରେ
ଲାଗିଥିବା ପୋଷ୍ଟର ପରି
ବାଟ ସାରା ସଜ୍ଜା ହେଇଛି
ଘଟଣ ଅଘଟଣର ରତୁଚିତ୍ର..

ଆଖି ଆଗରେ ଏତେ ଯା' ଆସ,
ଗହଳ ଚହଳ
ତଥାପି; ଉଦଗ୍ର ଇଚ୍ଛାଟେ ହେଇ
ଚାରିଦିଗରୁ ଜାବୁଡ଼ି ଧରିଛି ମୋତେ
ତା' ଅଭାବବୋଧ ଇ' କେବଳ...

ଖୋଜିଲି ତାକୁ ଅବିଚଳ
ଖୋଜିଲି ଆଲୁଅ ଅନ୍ଧାର ଚରାଚର
ସମୁଦ୍ର ବାଲିରେ ହଜିଲା ମୁଦି ପରି
ଉତ୍କଣ୍ଠାର ଅତଳରେ ଅଣ୍ଡାଳୁ ଅଣ୍ଡାଳୁ
ଶେଷରେ ଛୁଇଁଲି
ଗୋଟେ ମୃଦୁ ଭ୍ରାନ୍ତିର ଅନ୍ତଃସ୍ଥଳ!!

ଫେରି ଆସୁ ଆସୁ ଦେଖିଲି
ଲକ୍ଷେ ବିଫଳ ପ୍ରାର୍ଥନା ପରେ
ନିର୍ବାକ ହେଇଯାଉଥିବା ମଣିଷ ପରି
ନୀରବି ଯାଉଛି ସଞ୍ଜ...
ଅନ୍ଧାର ଢେଉରେ ମଲାକଇଁଛ ପେଟ ପରି
ନିରୁଦ୍ଦେଶ୍ୟ ଭାସିଚାଲିଛି ଜହ୍ନ
ଆଉ ଖୋଜିବି କ'ଣ!
ପାଇଗଲି ଉତ୍ତର...

ମୋ: ୮୨୪୯୫୧୭୭୬୫

## ପୁସ୍ତକ ପରିଚୟ

### ଗାନ୍ଧୀ ଦର୍ଶନ ଓ ସାମାଜିକ ପରିବର୍ତ୍ତନ

ଡ. ଅବଶ ପରିଡ଼ା





ବିଶ୍ୱମୁକ୍ତି ପବ୍ଲିକେଶନ୍
ବାଲିସାହି ରୋଡ୍
ଉତ୍ତରା ଶାସନ, ଭୁବେନଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୩୫୦ ଟଙ୍କା

ସାମାଜିକ ପରିବର୍ତ୍ତନରେ ମହାତ୍ମା ଗାନ୍ଧୀଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ନିକଟ ଅତୀତରେ ପ୍ରକାଶ ପାଇଛି ଡକ୍ଟର ଅବଶ ପରିଡ଼ାଙ୍କ ପୁସ୍ତକ 'ଗାନ୍ଧୀ ଦର୍ଶନ ଓ ସାମାଜିକ ପରିବର୍ତ୍ତନ'। ଏହି ପୁସ୍ତକରେ ଗାନ୍ଧିଜୀଙ୍କ ସମାଜ ସଂସ୍କାରକର ଭୂମିକା, ଆଦର୍ଶ ବ୍ୟକ୍ତିତ୍ୱ, ସମସାମୟିକ ସମାଜକୁ ପ୍ରଭାବିତ କରୁଥିବା ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ରଚିତ ପ୍ରବନ୍ଧଗୁଡ଼ିକ ସଂକଳିତ ହୋଇଛି। 'ଜ୍ୟୋତିଷଶାସ୍ତ୍ର ଓ ଗାନ୍ଧୀଙ୍କ ଜାତକ', 'ନେତାଙ୍କ ଶିଷ୍ଟାଚାର ଓ ଗାନ୍ଧୀ ବିଚାର', 'ତ୍ରିବେଣୀ ସଙ୍ଗମ ଓ ଗାନ୍ଧୀଙ୍କ ଚିତା ଭସ୍ମ', 'ପୁଅ ବନାମ ଜ୍ୱାଇଁ', 'ରାଜନୀତିରେ ଅଦରକାରୀ ମହିଳା ସୁରକ୍ଷା ଆଇନ', 'ଭୂତଗପ', 'ଅନ୍ଧ ବିଶ୍ୱାସର ନୂଆ ଏନ୍‌ତୁଡ଼ିଶାଳ' 'ଗଣତନ୍ତ୍ର ଓ ଯୁବ ଭୋଟର' ଆଦି ପ୍ରବନ୍ଧ ଉଚ୍ଚକୋଟୀର ଓ ତଥ୍ୟ ଭିତ୍ତିକ ହୋଇଛି। ଏହି ପୁସ୍ତକର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।

### ଶୂନ୍ୟଫର୍ଦ୍ଦ

ପୁଷ୍ପାରାଣୀ ପଟେଲ




ବ୍ଲାକ୍ ଈଗଲ୍ ବୁକ୍ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୨୫୦ ଟଙ୍କା

ଜୀବନ କେବେ ସୁଖ, କେବେ ଦୁଃଖ। ବେଳେ ବେଳେ ଆଞ୍ଜୁଳା ଆଞ୍ଜୁଳା ପ୍ରେମର ଫଲ୍‌ଗୁ ବହି ଯାଏ, ପୁଣି କେବେ ପ୍ରତାରଣାର ଶିକାର ହେବାକୁ ପଡ଼େ। ଜୀବନର ଏଇ ଫେଣ୍ଟି ଭାବ ଉତୁରି ଆସିଛି ପୁଷ୍ପାରାଣୀ ପଟେଲଙ୍କ 'ଶୂନ୍ୟଫର୍ଦ୍ଦ'ର ଗପଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ 'ଶୂନ୍ୟଫର୍ଦ୍ଦ', 'ଗୋଟିଏ ଅସରା ଗପ', 'ପ୍ରେମରଙ୍ଗ', 'ଶିକୁଳି', 'ଜୀବନ ଦୁଇ ଫର୍ଦ୍ଦର', 'ଜୀବନ ପରୀକ୍ଷା', 'ପ୍ରେମଗଛ', 'କଳି କାଳରେ ଲେଖନୀ', 'ପ୍ରିୟତମଙ୍କୁ ଚିଠିଟିଏ' ଆଦି ଗପଗୁଡ଼ିକ ମନଛୁଆ ହୋଇଛି। ଏହି ପୁସ୍ତକର ଅଧିକାଂଶ ଗପରେ ମାନବୀୟ ପ୍ରେମ, ମଣିଷର ଅସହାୟତା, ସାଂପ୍ରତିକ ସମାଜର ବାସ୍ତବତା, ସମାଜର ସ୍ୱାର୍ଥପର ଚରିତ୍ରଙ୍କ ମନୋଭାବ ପ୍ରତିଫଳିତ ହୋଇଛି। ପ୍ରେମର ଶାଶ୍ୱତ ଅନୁଭବକୁ ନେଇ 'ପ୍ରେମରଙ୍ଗ' ଗଳ୍ପର କାହାଣୀ ଗତିଶୀଳ ହୋଇଛି। ନିଆରା କାହାଣୀ, ନିରାଡ଼ମ୍ବର ଶୈଳୀ, ସରଳ ଓ ବୋଧଗମ୍ୟ ଭାଷା ଯୋଗୁଁ ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। 'ଶୂନ୍ୟଫର୍ଦ୍ଦ'ର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।

# ବଡ଼ବାପାଙ୍କୁ ପିଟିପିଟି ମାରିଦେଲା ପୁତୁରା



କରଞ୍ଜିଆ,୧୦।୧(ସମିସ): କରଞ୍ଜିଆ ଥାନା ଅଧୀନ କରଡ଼ିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ବିକାରଗ୍ରସ୍ତ ପୁତୁରା ଏକ ଠେଙ୍ଗାରେ ପିଟିପିଟି ବଡ଼ବାପାଙ୍କୁ ହତ୍ୟା କରିଛି। ଏପରିକି ହତ୍ୟା କରିବା ପରେ ମୃତଦେହକୁ ଦୀର୍ଘ ସମୟ ଧରି ଜଗି ରହିଥିଲା। ମୃତକ ହେଲେ, ପଟକ ନାଏକ(୪୮)। ପୁଲିସ ଅଭିଯୁକ୍ତ ପୁତୁରା ପପୁ ନାଏକ(୨୫)ଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

ସୂଚନା ମୁତାବକ, ଶନିବାର ଅପରାହ୍ଣରେ ପଟକ ଖାଇ ପିଇ ଘରେ ଶୋଇଥିଲେ। ସେହି ସମୟରେ ପପୁ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ପାହାର ପରେ ପାହାର ପକାଇ ଚାଲିଥିଲା। ଫଳରେ ପଟକଙ୍କର ସେହିଠାରେ ହିଁ ମୃତ୍ୟୁ ଘଟିଥିଲା। କିନ୍ତୁ ପପୁ ସେଠାରୁ ନଯାଇ ପଟକଙ୍କ ଶବକୁ ଦୀର୍ଘ ସମୟ ଧରି ଜଗି ବସିଥିଲା। ସାହିପଡ଼ିଶା ଘଟଣାସ୍ଥଳରେ ପହଞ୍ଚି ପଟକଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ତିନିଦିନ ତଳେ କୁଶପଦା ଅଞ୍ଚଳରେ ସମାନଧରଣର ଏକ ଅଘଟଣ ଘଟିଥିଲା। ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ତା' ବାପା ସମେତ ପଡ଼ୋଶୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲା।

# ମା'କୁ ପିଟିପିଟି ମାରିଦେଲା ପୁଅ

ଗଣିଆ,୧୦।୧(ସମିସ): ଯେଉଁ ପୁଅକୁ ଜନ୍ମ କରିଥିଲା ସେ ପୁଅ ସାଜିଲା ହତ୍ୟାକାରୀ। ଜନ୍ମ କଲା ମାଆକୁ ପୁଅ ପ୍ରଥମେ ବାଡ଼େଇ ବାଡେଇ ଓ ପରେ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କରଡ଼ାପଡ଼ା ପଞ୍ଚାୟତ କଳାଶିମିଳି ଗ୍ରାମରେ ଏଭଳି ଘଟଣା ଘଟିଛି। ଗ୍ରାମର ରବୀନ୍ଦ୍ର ବାରିକିଙ୍କ ପୁଅ କୁନା ବାରିକି ଶୁକ୍ରବାର ରାତିରେ ମା' ସୁକାନ୍ତି ଦେଇଙ୍କ ସହିତ ଗଣ୍ଡଗୋଳ, ପାଟିତୁଣ୍ଡ କରିଥିଲା। ଏପରିକି ମା'କୁ ଅମାନୁଷିକ ଭାବରେ ବାଡ଼େଇ ବାଡ଼େଇ ଘରକୁ ଆଣିଥିବା ବେଳେ ପରେ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘରେ ବାପା ନ ଥିବା ବେଳେ କୁନା ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଖବର ପାଇ ଶନିବାର ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏଏସଆଇ ଶାହା ଆଲାମ ଖାଁ ପହଞ୍ଚି କୁନାକୁ ଥାନାକୁ ଆଣିଛନ୍ତି।

କୁନା ଅନେକ ସମୟରେ ଘରେ ମା' ସହ ପାଟିତୁଣ୍ଡ ଗଣ୍ଡଗୋଳ କରୁଥିବା ବାପା ଜଣାଇଛନ୍ତି। କୁନାର ସ୍ତ୍ରୀ ଘରଛାଡ଼ି ଚାଲି ଯାଇଥିବା ବେଳେ ତାର ଗୋଟିଏ ଛୋଟ ପୁଅ ଅଛି। ଶୁକ୍ରବାର ସନ୍ଧ୍ୟାରେ ମୃତ ସୁକାନ୍ତିଙ୍କ ଝିଅ ମା' ସାଙ୍ଗରେ କଥା ହେବାକୁ ଫୋନ କରିଥିଲେ ବି ଅଭିଯୁକ୍ତ ମା' ସାଙ୍ଗରେ ଭଉଣୀର କଥାବାର୍ତ୍ତା କରାଇ ନ ଦେଇ ଗାଳିଗୁଲଜ କରିଥିବା ଭଉଣୀ ଅଭିଯୋଗ କରିଛନ୍ତି। ଘଟଣାର ଅଧିକ ତଦନ୍ତ ପାଇଁ ଏସଡିପିଓ ମଦନ ମୋହନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଅଭିଯୁକ୍ତକୁ କଠୋର ଦଣ୍ଡ ଦେବାକୁ ସାଧାରଣରେ ଦାବି ହେଉଛି।

# ୨୮ରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା

କଟକ,୧୦।୧(ସମିସ):ଆସନ୍ତା ୨୮ ତାରିଖରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା-୨୦୨୫ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆଜି ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ପାଇଁ ସୂଚୀ ଜାରି କରାଯାଇଛି। ପରୀକ୍ଷା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ (୩ ଘଣ୍ଟା) ଚାଲିବ। ଉଭୟ ଷ୍ଟେଜ୍-୧ ଏବଂ ଷ୍ଟେଜ୍-୨ ପରୀକ୍ଷା ପାଇଁ ଗୋଟିଏ ସିଟିଂରେ ପରୀକ୍ଷା କରାଯିବ। ସୂଚନାଯୋଗ୍ୟ ଯେ, ୨୦୨୫ ଡିସେମ୍ବର ୧୨ରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଏହି ପରୀକ୍ଷା ପାଇଁ ଆବେଦନ ଆହ୍ୱାନ କରାଯାଇଥିଲା। ପରୀକ୍ଷା ସମ୍ପର୍କିତ ଅଧିକ ସୂଚନା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବୋର୍ଡର ଅଫିସିଆଲ୍ ୱେବସାଇଟ୍ ପରିଦର୍ଶନ କରିପାରିବେ ବୋଲି କୁହାଯାଇଛି।

III-14

## ଓଡିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ
### (ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)

### ଅଧିସୂଚନା

ନମ୍ବର : ୧୨୦୦ | ତାରିଖ: ୦୧.୧୨.୨୦୨୫

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଢେଙ୍କାନାଳ ଜିଲ୍ଲାର ଏମ/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ / ନିର୍ମାଣ ନିମନ୍ତେ ମୌଜା- ତର୍କାବେଡ଼ା, ଥାନା- ବାଲିମି ନଂ-34, ତହସିଲ-ହିନ୍ଦୋଳ, ଜିଲ୍ଲା-ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ: 34.9640 ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି|

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ|

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ : - ଏମ/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- IDCO (ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ)
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : -
For Installation and Expansion of M/s Rungta Mines Ltd, Dhenkanal Steel Plant of Phase-II., ଏମ/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ ।
୪. ସାମାଜିକ ପ୍ରଭାବ ମୂଲ୍ୟାଙ୍କନର ସାରାଂଶ :- ଏଥି ସହିତ ସଂଲଗ୍ନ କରାଯାଇଛି — ଏଥି ସହିତ ସଂଲଗ୍ନ କରାଯାଇଛି
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ ଜିଲ୍ଲାପାଳ, ହିନ୍ଦୋଳ
୬. ଜମିର ବିବରଣୀ :- — ଏଥି ସହିତ ସଂଲଗ୍ନ କରାଯାଇଛି

ଉକ୍ତ ଭୂମିର ଏକ ନକ୍ସା ସତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଏମ୍/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୋଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩: ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଢେଙ୍କାନାଳ

**ମୌଜା: ତର୍କାବେଡା, ତହସିଲ- ହିନ୍ଦୋଳ, ଥାନା- ବାଲିମି-୩୪, ଜିଲ୍ଲା - ଢେଙ୍କାନାଳ, ମୋଟ ରକବା - ଏ ୩୪.୯୬୪**

| କ୍ରମିକ ନଂ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଅକ୍ଷୟ ପାଣିଗ୍ରାହୀ, ପି- ପ୍ରଫୁଲ୍ଲ ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ବେଗୁଣିଆପାଳ । | ୨ | ୭୮ | ଡଲକା-୨ | ୦.୧୨୦ | ୦.୧୨୦ | |
| ୨ | | ୨ | ୬୯ | ଡଲକା-୨ | ୦.୫୮୦ | ୦.୫୮୦ | |
| ୩ | | ୨ | ୮୦ | ଡଲକା-୨ | ୦.୩୯୦ | ୦.୩୯୦ | |
| ୪ | ଅଶ୍ୱଥାମା ଜେନା, ପ୍ରଭାକର ଜେନା, ହାଇଲର ଜେନା, ପି- ଲିଙ୍ଗରାଜ ଜେନା, ଉପେନ୍ଦ୍ର ଜେନା, ପି- ମୋହନ ଜେନା, ଜା- ଚଷା, ବା- ଠିକର୍ଗାଁ । | ୩ | ୩୦୪ | ଡଲକା-୨ | ୦.୧୨୦ | ୦.୧୨୦ | |
| ୫ | | ୩ | ୩୦୫ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୬ | | ୩ | ୩୦୬ | ପତିତ | ୦.୧୮୦ | ୦.୧୮୦ | |
| ୭ | | ୩ | ୩୦୭ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୮ | | ୩ | ୩୦୮ | ଶାରଦ-୩ | ୦.୦୧୦ | ୦.୦୧୦ | |
| ୯ | | ୩ | ୩୧୦ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୦ | | ୩ | ୩୧୧ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୧ | | ୩ | ୩୧୩ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୨ | | ୩ | ୩୨୨ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୩ | | ୩ | ୩୦୬/୪୨୦୮ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୪ | ଅଲି ବେୱା, ସ୍ୱା- ଲୋକନାଥ ଦାସ, ବେଣୁ ଦାସ, ହୃଦିଆ ଦାସ, ମାଧୁରି ଦାସ, ରମେଶ ଦାସ, ଆନନ୍ଦ ଦେଇ, ପି- ଲୋକନାଥ ଦାସ, ବଂଶୀ ଦାସ, ପି- ନିର୍ମଳ ଦାସ, ଜା- ଗଉଡ, ବା- ବେଗୁଣିଆପାଳ । | ୧୫ | ୫୯ | ଡଲକା-୨ | ୦.୧୪୦ | ୦.୧୪୦ | |
| ୧୫ | | ୧୫ | ୭୩ | ଶାରଦ-୩/୪ | ୦.୧୫୦ | ୦.୧୫୦ | |
| ୧୬ | ଈଶ୍ୱର ସାହୁ, ଗଣିଆଁ ସାହୁ, ପି- ମଧୁକାର ସାହୁ, ଜା- ଚଷା, ବା - ଠିକର୍ଗାଁ । | ୨୩ | ୮୦୪ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୭ | | ୨୩ | ୮୨୨ | ଶାରଦ-୩/୨ | ୦.୧୦୦ | ୦.୧୦୦ | |
| ୧୮ | କିଣା ଦେହୁରୀ, ପି- ଗଦା ଦେହୁରୀ, ଜା- ଚଷା, ବା- ବେଗୁଣିଆପାଳ । | ୪୪ | ୭୪ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୧୯ | | ୪୪ | ୭୫ | ଶାରଦ-୩ | ୦.୨୮୦ | ୦.୨୮୦ | |
| ୨୦ | | ୪୪ | ୬୧ | ଶାରଦ-୨/୩ | ୦.୨୦୦ | ୦.୨୦୦ | |
| ୨୧ | | ୪୪ | ୨୨ | ଶାରଦ-୩/୨ | ୦.୨୨୦ | ୦.୨୨୦ | |
| ୨୨ | | ୪୪ | ୧୨/୪୨୧୮ | ଶାରଦ-୩ | ୦.୨୦୦ | ୦.୨୦୦ | |
| ୨୩ | ରଙ୍ଗା ସାହୁ, ପି- ଜଗ ସାହୁ, ଜା- ଚଷା, ବା- ଠିକର୍ଗାଁ । | ୫୮ | ୮୧୩ | ଶାରଦ-୩ | ୦.୨୫୦ | ୦.୨୫୦ | |
| ୨୪ | ଶଶି ରାଉତ, ପି- କାଶି ରାଉତ, ଜା- ଗଉଡ, ବା- ଠିକର୍ଗାଁ । | ୫୯ | ୨୭୪ | ଶାରଦ-୨ | ୦.୩୦୦ | ୦.୩୦୦ | |
| ୨୫ | | ୫୯ | ୨୭୭ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୨୬ | | ୫୯ | ୨୮୨ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୨୭ | ଗଙ୍ଗାଧର ଯେନା, ପି- ଚିନ୍ତାମଣି ଯେନା, ଚକ୍ରଧର ଯେନା, ପି- ଦୁର୍ଲଭ ଯେନା, ବଙ୍କା ଯେନା, ବୈରାଗି ଯେନା, ରଘୁଆ ଯେନା, ରଘୁ ଯେନା, ପି- ରାଉତରା ଯେନା, ଗୁଞ୍ଜରି ବେୱା, ସ୍ୱା- ରାଉତରା ଯେନା, ସାବୁଲା ଯେନା, ମୁନିଆ ଯେନା, ପି- ଦ୍ୱାରିକା ଯେନା, ଜା- ଚଷା, ବା- ଠିକର୍ଗାଁ । | ୬୨ | ୩୧୪ | ଶାରଦ-୩ | ୦.୧୪୦ | ୦.୧୪୦ | |
| ୨୮ | | ୬୨ | ୩୧୫ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୨୯ | | ୬୨ | ୩୧୬ | ଶାରଦ-୩/୨ | ୦.୦୨୦ | ୦.୦୨୦ | |
| ୩୦ | | ୬୨ | ୩୧୭ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୩୧ | | ୬୨ | ୩୧୮ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୩୨ | | ୬୨ | ୩୧୯ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୩୩ | | ୬୨ | ୩୨୦ | ପତିତ | ୦.୦୫୦ | ୦.୦୫୦ | |
| ୩୪ | | ୬୨ | ୩୨୧ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୩୫ | | ୬୨ | ୩୨୨ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୩୬ | | ୬୨ | ୩୨୩ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୩୭ | | ୬୨ | ୮୦୩ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୩୮ | | ୬୨ | ୮୦୪ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୩୯ | | ୬୨ | ୮୦୭ | ଶାରଦ-୩ | ୦.୦୩୦ | ୦.୦୩୦ | |
| ୪୦ | ଗୁଞ୍ଜରି ବେୱା, ସ୍ୱା- ରାଉତରା ଯେନା, ବାଙ୍କ ଯେନା, ବଉଲା ଯେନା, ରଘୁଆ ଯେନା, ରଘୁ ଯେନା, ପି- ରାଉତରା ଯେନା, ଜା- ଚଷା, ବା- ଠିକର୍ଗାଁ । | ୬୬ | ୨୯୬ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୪୧ | | ୬୬ | ୩୦୨ | ଶାରଦ-୩/୪ | ୦.୫୫୦ | ୦.୫୫୦ | |
| ୪୨ | | ୬୬ | ୮୨୨ | ଶାରଦ-୩/୩ | ୦.୩୩୦ | ୦.୩୩୦ | |
| ୪୩ | ଗୁଣି ଦେଇ, ପି- ନନ୍ଦ ରାଉତ, ଗୋବିନ୍ଦ ରାଉତ, ପି- ଫକୁ ରାଉତ, ମିଛୁ ରାଉତ, ପି- ହୃଗୁଲୁ ରାଉତ, ଜା- ଗୋପାଳ, ବା- ଠିକର୍ଗାଁ । | ୬୭ | ୨୮୧ | ଶାରଦ-୨ | ୦.୧୧୦ | ୦.୧୧୦ | |
| ୪୪ | ଗତିକୃଷ୍ଣ ପ୍ରଧାନ, ପି- ଗୁଣଧର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୬୯ | ୮୧୬ | ଶାରଦ-୩ | ୦.୨୦୦ | ୦.୨୦୦ | |
| ୪୫ | | ୬୯ | ୮୧୯ | ଶାରଦ-୩ | ୦.୫୩୦ | ୦.୫୩୦ | |
| ୪୬ | | ୬୯ | ୮୪୪ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୪୭ | ଗୋଲୁକନନ୍ଦ ପ୍ରଧାନ, ଲୋକନାଥ ପ୍ରଧାନ, ସାଧବାଣୀ ଦେଇ, ପି- ରାମକୃଷ୍ଣ ପ୍ରଧାନ, ସୁନାମଣି ବେୱା, ସ୍ୱା- ରାମକୃଷ୍ଣ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୭୧ | ୮୨୯ | ଶାରଦ-୩ | ୦.୨୮୦ | ୦.୨୮୦ | |
| ୪୮ | | ୭୧ | ୮୫୧ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୪୯ | ଗୋପାଳ ପ୍ରଧାନ, ଦଣ୍ଡଧର ପ୍ରଧାନ, ପି- ବେଲୁ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ, ବିଜୁଳି ଆଠଅଣା ବା ଗୌରି ବେୱା, ସ୍ୱା- ମିଛୁ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ, ବିଜୁଳି ଆଠଅଣା । | ୭୨ | ୨୧୦ | ଶାରଦ-୩/୩ | ୦.୧୯୦ | ୦.୧୯୦ | |
| ୫୦ | | ୭୨ | ୨୯୮ | ଶାରଦ-୩/୨ | ୦.୧୧୦ | ୦.୧୧୦ | |
| ୫୧ | | ୭୨ | ୨୯୯ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୫୨ | | ୭୨ | ୩୦୦ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୫୩ | | ୭୨ | ୮୦୫ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୫୪ | | ୭୨ | ୮୦୨ | ଶାରଦ-୨ | ୦.୨୫୦ | ୦.୨୫୦ | |
| ୫୫ | | ୭୨ | ୮୭୮ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୫୬ | ଗୌରାଙ୍ଗ ପରିଡା, ପି- କେଳା ପରିଡା, ଜା- ଗଉଡ, ବା- ବେଗୁଣିଆପାଳ । | ୭୮ | ୫ | ଶାରଦ-୩/୨ | ୦.୨୮୦ | ୦.୨୮୦ | |
| ୫୭ | | ୭୮ | ୫/୪୯୮୧ | ଘରବାରି | ୦.୨୦୦ | ୦.୨୦୦ | |
| ୫୮ | ତିର୍ଥ ପ୍ରଧାନ, ରଘୁ ପ୍ରଧାନ, ପି- ବିଶ୍ୱମ୍ବର ପ୍ରଧାନ, ପ୍ରଭାକର ପ୍ରଧାନ, ଦିବାକର ପ୍ରଧାନ, ପି- ତ୍ରୀଲୋଚନ ପ୍ରଧାନ, ଧନେଶ୍ୱର ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, ପି- ଅକ୍ଷୁର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୦୭ | ୪୪ | ଡଲକା-୨ | ୦.୨୩୦ | ୦.୨୩୦ | |
| ୫୯ | | ୧୦୭ | ୬୫ | ଡଲକା-୨ | ୦.୩୨୦ | ୦.୩୨୦ | |
| ୬୦ | ଦୁର୍ଯ୍ୟୋଧନ ପ୍ରଧାନ, ଲୋକନାଥ ପ୍ରଧାନ, ସୁଶିଳା ପ୍ରଧାନ, ପି- ନିଧି ପ୍ରଧାନ, ରଜନ ପ୍ରଧାନ, ପି- ପୁରୁଷୋତ୍ତମ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୧୭ | ୪୭ | ଡଲକା-୨ | ୦.୨୨୦ | ୦.୨୨୦ | |
| ୬୧ | ଧନେଶ୍ୱର ପ୍ରଧାନ, ପି- ଚକ୍ରଧର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୨୨ | ୮୨୫ | ଶାରଦ-୩/୪ | ୦.୧୯୦ | ୦.୧୯୦ | |
| ୬୨ | ଧରଣୀଧର ଯେନା, ମାୟାଧର ଯେନା, ଧ୍ରୁବିଅ ଯେନା, ଦୁର୍ଯ୍ୟୋଧନ ଯେନା, ପି- ଚକ୍ରଧର ଯେନା, ଜା- ଚଷା, ବା- ଠିକର୍ଗାଁ । | ୧୨୫ | ୨୦୭ | ପତିତ | ୦.୧୦୦ | ୦.୧୦୦ | |
| ୬୩ | | ୧୨୫ | ୨୦୯ | ଶାରଦ-୨ | ୦.୨୫୦ | ୦.୨୫୦ | |
| ୬୪ | | ୧୨୫ | ୨୨୫ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୬୫ | | ୧୨୫ | ୩୧୨ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୬୬ | | ୧୨୫ | ୩୨୨ | ଶାରଦ-୩ | ୦.୧୯୦ | ୦.୧୯୦ | |
| ୬୭ | | ୧୨୫ | ୮୧୦ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୬୮ | | ୧୨୫ | ୮୧୧ | ଶାରଦ-୩ | ୦.୨୯୦ | ୦.୨୯୦ | |
| ୬୯ | ଧରଣୀଧର ଯେନା, ମାୟାଧର ଯେନା, ଧ୍ରୁବିଅ ଯେନା, ଦୁର୍ଯ୍ୟୋଧନ ଯେନା, ପି- ଚକ୍ରଧର ଯେନା, ରମା ଯେନା, ବାଲକି ଯେନା, କୃପା ଯେନା, ପି- ସହଦେବ ଯେନା, ବୁଧିଆ ଯେନା, ପି- ଭୁବନ ଯେନା, ଚକ୍ରଧର ଯେନା, ପି- ଦୁଲଭ ଯେନା, ବଙ୍କା ଯେନା, ବୈରାଗି ଯେନା, ରଘୁଆ ଯେନା, ରଘୁ ଯେନା, ପି- ରାଉତରା ଯେନା, ଗୁଞ୍ଜରି ବେୱା, ସ୍ୱା- ରାଉତରା ଯେନା, ଗଙ୍ଗା ଯେନା, ପି- ଚିନ୍ତାମଣି ଯେନା, ଅଶ୍ୱତ୍ଥାମା ଯେନା, ପ୍ରଭାକର ଯେନା, ହାଇଲର ଯେନା, ପି- ଲିଙ୍ଗରାଜ ଯେନା, ଉପେନ୍ଦ୍ର ଯେନା, ପି- ମୋହନ ଯେନା, ଜା- ଚଷା, ବା- ଠିକର୍ଗାଁ । | ୧୨୭ | ୮୩୦ (ସ୍ଥି) | ବଗାୟତ-୨ | ୨.୫୩୦ | ୦.୫୨୫ | |
| ୭୦ | ଧୁସା ରାଉତ, ପି- ଅର୍ଜୁଣ୍ଡା ରାଉତ, ଜା- ଗଉଡ, ବା- ବେଗୁଣିଆପାଳ । | ୧୩୦ | ୨୬୬ | ଡଲକା-୨ | ୦.୨୦୦ | ୦.୨୦୦ | |
| ୭୧ | | ୧୩୦ | ୨୬୨ | ଶାରଦ-୩/୪ | ୦.୨୨୦ | ୦.୨୨୦ | |
| ୭୨ | | ୧୩୦ | ୨୬୮ | ଶାରଦ-୩/୨ | ୦.୫୯୦ | ୦.୫୯୦ | |
| ୭୩ | | ୧୩୦ | ୨୬୫ | ଶାରଦ-୨ | ୦.୨୩୦ | ୦.୨୩୦ | |
| ୭୪ | | ୧୩୦ | ୨୮୨ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୭୫ | | ୧୩୦ | ୮୫୩ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୭୬ | ନରେନ୍ଦ୍ର ପ୍ରଧାନ, ପି- ରାମଚନ୍ଦ୍ର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୩୩ | ୨୯୪ | ଶାରଦ-୩/୨ | ୦.୪୮୦ | ୦.୪୮୦ | |
| ୭୭ | | ୧୩୩ | ୩୦୧ | ଶାରଦ-୩ | ୦.୪୪୦ | ୦.୪୪୦ | |
| ୭୮ | ନରେନ୍ଦ୍ର ପ୍ରଧାନ, ପ୍ରାଣବନ୍ଧୁ ପ୍ରଧାନ, ପି- ଲେଲୁ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୩୪ | ୮୫୦ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୭୯ | ନାରାୟଣ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୩୯ | ୮୪୨ | ଶାରଦ-୨ | ୦.୦୩୦ | ୦.୦୩୦ | |
| ୮୦ | | ୧୩୯ | ୮୫୨ | ଶାରଦ-୩ | ୦.୧୯୦ | ୦.୧୯୦ | |
| ୮୧ | ପ୍ରାଣବନ୍ଧୁ ନାହାକ, ନବଘନ ନାହାକ, ପି- ବାଙ୍କୁ ନାହାକ, ଜା- ଚଷା, ବା- ଠିକର୍ଗାଁ । | ୧୬୩ | ୮୦୯ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୮୨ | | ୧୬୩ | ୮୦୨ | ଶାରଦ-୩/୩ | ୦.୨୪୦ | ୦.୨୪୦ | |
| ୮୩ | ପିତେଇ ପ୍ରଧାନ, ପି- ନିକୋଳ ପ୍ରଧାନ, ଜା- ଗଉଡ, ବା- ବେଗୁଣିଆପାଳ । | ୧୬୫ | ୧ | ଶାରଦ-୩ | ୦.୩୫୦ | ୦.୩୫୦ | |
| ୮୪ | | ୧୬୫ | ୨ | ଶାରଦ-୩/୨ | ୦.୧୯୦ | ୦.୧୯୦ | |
| ୮୫ | | ୧୬୫ | ୩ | ଶାରଦ-୩ | ୦.୨୩୦ | ୦.୨୩୦ | |
| ୮୬ | | ୧୬୫ | ୪ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୮୭ | ବାଟି ବେୱା, ସ୍ୱା- ଗଙ୍ଗାଧର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୮୦ | ୮୧୮ | ଶାରଦ-୩ | ୦.୪୫୦ | ୦.୪୫୦ | |
| ୮୮ | ବାନାମ୍ବର ପ୍ରଧାନ, ପି- ଜଗନ୍ନାଥ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୮୩ | ୮୫୨ | ଶାରଦ-୩ | ୦.୮୩୦ | ୦.୮୩୦ | |
| ୮୯ | ରବିନାରାୟଣ ଜେନା, ସଙ୍କର୍ଷଣ ଜେନା, ଶିବନାରାୟଣ ଜେନା, ପ୍ରମୋଦ କୁମାର ଜେନା, ପି- ଲୋଚନ ଜେନା, ଜା- ଚଷା, ବା- ଠିକର୍ଗାଁ । | ୧୯୨ | ୩୨୫ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୯୦ | | ୧୯୨ | ୮୦୪ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୯୧ | | ୧୯୨ | ୮୦୭ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୯୨ | | ୧୯୨ | ୨୯୯(ସ୍ଥି) | ଶାରଦ-୨/୪ | ୦.୩୮୦ | ୦.୦୨୦ | |
| ୯୩ | ମଙ୍ଗୁଲୁ ପ୍ରଧାନ, ପି- ବୃନ୍ଦା ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୯୯ | ୮୦୫ | ଶାରଦ-୩/୩ | ୦.୨୫୦ | ୦.୨୫୦ | |
| ୯୪ | ମିଛୁ ରାଉତ, ପି- ହୃଗୁଲୁ ରାଉତ, ଜା- ଗଉଡ, ବା- ଠିକର୍ଗାଁ । | ୨୧୦ | ୨୯୧/୫୪୫୦ | ଘରବାରି | ୦.୧୦୦ | ୦.୧୦୦ | |
| ୯୫ | ଉପେନ୍ଦ୍ର ବେହେରା, ପି- ଶ୍ରୀନିବାସ ବେହେରା, ଅଶ୍ୱତ୍ଥାମା ବେହେରା, ହେମନ୍ତ ବେହେରା, ପି- କାଳନ୍ଦି ବେହେରା, ଜା- ଗୋପାଳ, ବା- ବେଗୁଣିଆପାଳ । | ୨୧୫ | ୨୬୩ | ଶାରଦ-୨ | ୦.୨୫୦ | ୦.୨୫୦ | |
| ୯୬ | | ୨୧୫ | ୨୮୮ | ଶାରଦ-୨/୨ | ୦.୧୩୦ | ୦.୧୩୦ | |
| ୯୭ | ରମା ଜେନା, ବାଉରିଆ ଜେନା, କୃପା ଜେନା, ପି- ସହଦେବ ଜେନା, ଜା- ଚଷା, ବା- ଠିକର୍ଗାଁ । | ୨୧୯ | ୨୫୭ | ପତିତ | ୦.୧୨୦ | ୦.୧୨୦ | |
| ୯୮ | | ୨୧୯ | ୩୨୫ | ଶାରଦ-୩ | ୦.୩୫୦ | ୦.୩୫୦ | |
| ୯୯ | ଜଲି ଦେଇ, ପି- ମଧୁ ପ୍ରଧାନ, ଜା- ଚଷା, ବା- କୃଷ୍ଣପୁର । | ୨୩୫ | ୮୩୩ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୧୦୦ | | ୨୩୫ | ୮୩୫ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୧୦୧ | | ୨୩୫ | ୮୩୬ | ଶାରଦ-୩ | ୦.୫୨୦ | ୦.୫୨୦ | |
| ୧୦୨ | | ୨୩୫ | ୮୪୭ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୧୦୩ | | ୨୩୫ | ୮୫୫ | ଶାରଦ-୩/୨ | ୦.୧୨୦ | ୦.୧୨୦ | |
| ୧୦୪ | | ୨୩୫ | ୮୬୬ | ଶାରଦ-୩/୩ | ୦.୨୫୦ | ୦.୨୫୦ | |
| ୧୦୫ | | ୨୩୫ | ୮୨୦ (ସ୍ଥି) | ଶାରଦ-୩/୨ | ୦.୨୫୦ | ୦.୧୮୦ | |
| ୧୦୬ | ହୃଷିକେଶ ପ୍ରଧାନ, ପରଶୁ ପ୍ରଧାନ, ଗିରିଧାରୀ ପ୍ରଧାନ, ଚନ୍ଦ୍ରମଣି ପ୍ରଧାନ, ପି- ହୃଗୁଲୁ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୨୫୮ | ୨୬୯ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୧୦୭ | | ୨୫୮ | ୨୬୬ | ଶାରଦ-୩ | ୦.୩୦୦ | ୦.୩୦୦ | |
| ୧୦୮ | | ୨୫୮ | ୨୬୮ | ଶାରଦ-୩/୨ | ୦.୧୮୦ | ୦.୧୮୦ | |
| ୧୦୯ | | ୨୫୮ | ୨୮୯ | ଡଲକା-୨ | ୦.୨୮୦ | ୦.୨୮୦ | |
| ୧୧୦ | | ୨୫୮ | ୨୯୦ | ଡଲକା-୨ | ୦.୩୨୦ | ୦.୩୨୦ | |
| ୧୧୧ | | ୨୫୮ | ୨୯୧ | ଶାରଦ-୩/୩ | ୦.୨୨୦ | ୦.୨୨୦ | |
| ୧୧୨ | | ୨୫୮ | ୨୯୨ | ଶାରଦ-୩/୫ | ୧.୦୦୦ | ୧.୦୦୦ | |
| ୧୧୩ | | ୨୫୮ | ୨୯୩ | ଶାରଦ-୩ | ୦.୫୨୦ | ୦.୫୨୦ | |
| ୧୧୪ | | ୨୫୮ | ୨୯୭ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୧୧୫ | | ୨୫୮ | ୩୦୩ | ଶାରଦ-୩ | ୦.୩୨୦ | ୦.୩୨୦ | |
| ୧୧୬ | | ୨୫୮ | ୮୧୭ | ଶାରଦ-୩ | ୦.୫୨୦ | ୦.୫୨୦ | |
| ୧୧୭ | | ୨୫୮ | ୮୫୦ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୧୧୮ | | ୨୫୮ | ୮୫୩ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୧୧୯ | | ୨୫୮ | ୮୫୯ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୨୦ | ପୁରନ୍ଦର ମାଝୀ, ପି- ବନମାଳୀ ମାଝୀ, ଜା- ଚଷା, ବା- ବେଗୁଣିଆପାଳ । | ୨୬୬ | ୬୬ | ଡଲକା-୨ | ୧.୦୨୦ | ୧.୦୨୦ | |
| ୧୨୧ | | ୨୬୬ | ୬୮ | ଶାରଦ-୨ | ୧.୫୨୦ | ୧.୫୨୦ | |
| ୧୨୨ | କୁଳୁ ବାରିକ, ପି- କାଠି ବାରିକ, ଜା- ଭଣ୍ଡାରୀ, ବା- ଠିକର୍ଗାଁ । | ୩୪୭ | ୪୯/୫୩୪୧ | ଡଲକା-୨ | ୦.୨୦୦ | ୦.୨୦୦ | |
| ୧୨୩ | ଯୋଗିନାଥ ଜେନା, ନରୋତ୍ତମ ଜେନା, ପି- ବୈରାଗି ଜେନା, ଜା- ଚଷା, ବା- ଠିକର୍ଗାଁ । | ୫୬୩ | ୮୩୬ | ଶାରଦ-୩ | ୦.୨୦୦ | ୦.୨୦୦ | |
| ୧୨୪ | | ୫୬୩ | ୮୫୧ | ଶାରଦ-୨ | ୦.୦୨୦ | ୦.୦୨୦ | |
| ୧୨୫ | | ୫୬୩ | ୮୩୪/୫୬୮୨ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୨୬ | ବଙ୍କା ଜେନା, ପି- ରାଉତରା ଜେନା, ଜା- ଚଷା, ବା- ଠିକର୍ଗାଁ । | ୪୦୫ | ୮୩୯ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୨୭ | | ୪୦୫ | ୮୩୮/୫୨୦୫ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୨୮ | ମଦନ ଦଳେଇ, ପି- ଅଗସ୍ତି ଦଳେଇ, ଜା- କେଉଟ, ବା- ଠିକର୍ଗାଁ । | ୪୨୫ | ୨୭୬୧/୫୬୨୮ | ଘରବାରି | ୦.୦୫୦ | ୦.୦୫୦ | |
| ୧୨୯ | କ୍ଷମାକର ପ୍ରଧାନ, ସୁଧାକର ପ୍ରଧାନ, ପି- ଗ୍ରହିତା ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୪୩୪ | ୪୫ | ଘରବାରି | ୦.୨୨୦ | ୦.୨୨୦ | |
| ୧୩୦ | | ୪୩୪ | ୬୬ | ଡଲକା-୨ | ୦.୨୨୦ | ୦.୨୨୦ | |
| ୧୩୧ | | ୪୩୪ | ୬୭ | ଡଲକା-୨ | ୦.୧୮୦ | ୦.୧୮୦ | |
| ୧୩୨ | ଚକ୍ରୁ ଦେହୁରି, ପି- କାୟା ଦେହୁରି, ଜା- ଚଷା, ବା- ଠିକର୍ଗାଁ । | ୪୩୮ | ୮୭୮ | ଶାରଦ-୩ | ୦.୧୬୦ | ୦.୧୬୦ | |
| ୧୩୩ | ଅକ୍ଷୟ କୁମାର ପାଣିଗ୍ରାହୀ, ପି- ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ବେଗୁଣିଆପାଳ । | ୪୫୨ | ୪୮/୫୬୪୦ | ଡଲକା-୨ | ୦.୧୧୦ | ୦.୧୧୦ | |
| ୧୩୪ | ନବ କିଶୋର ଦେହୁରି, ପି- କିଣା ଦେହୁରି, ଜା- ଚଷା, ବା- ବେଗୁଣିଆପାଳ । | ୪୪୬ | ୬୩/୫୬୪୩ | ଡଲକା-୨ | ୦.୧୨୦ | ୦.୧୨୦ | |
| ୧୩୫ | ବେଣୁ ଦାସ, ପି- ଲୋକନାଥ ଦାସ, ଜା- ଗୋପାଳ, ବା- ବେଗୁଣିଆପାଳ । | ୪୬୬ | ୬୩/୫୬୬୧ | ଡଲକା-୨ | ୦.୨୩୦ | ୦.୨୩୦ | |
| ୧୩୬ | ଉପେନ୍ଦ୍ର ବେହେରା, ପି- ଶ୍ରୀନିବାସ ବେହେରା, ଜା- ଗୋପାଳ, ବା- ବେଗୁଣିଆପାଳ । | ୪୮୯ | ୬୬୧ | ଶାରଦ-୩/୪ | ୦.୧୦୦ | ୦.୧୦୦ | |
| ୧୩୭ | ଗୌରହରି ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପ୍ରଧାନ, ପି- ବାନାମ୍ବର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୪୯୧ | ୨୬୪/୫୨୯୫ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୧୩୮ | ପ୍ରମିଳା ବେହେରା, ସ୍ୱା- ଉପେନ୍ଦ୍ର ବେହେରା, ଜା- ଗୋପାଳ, ବା- ବେଗୁଣିଆପାଳ । | ୪୯୬ | ୬୬୬ | ଶାରଦ-୩/୨ | ୦.୧୩୦ | ୦.୧୩୦ | |
| ୧୩୯ | ସୁନିବର ପ୍ରଧାନ, ପି- ପ୍ରାଣବନ୍ଧୁ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୬୦୨ | ୮୩୫ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୧୪୦ | | ୬୦୨ | ୮୩୮ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୧୪୧ | | ୬୦୨ | ୨୫୮/୫୮୪୪ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୧୪୨ | | ୬୦୨ | ୨୫୯/୫୨୦୨ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୧୪୩ | ଗୌରହରି ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପ୍ରଧାନ, ପି- ବାନାମ୍ବର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୬୬୫ | ୨୨୫ | ଶାରଦ-୨ | ୦.୧୫୦ | ୦.୧୫୦ | |
| ୧୪୪ | ନବ କିଶୋର ଦେହୁରି, ପି- କିଣା ଦେହୁରି, ଜା- ଚଷା, ବା- ଠିକର୍ଗାଁ । | ୬୬୬ | ୬୦ | ଶାରଦ-୨ | ୦.୧୦୦ | ୦.୧୦୦ | |
| ୧୪୫ | ଦେପାଳ ଚନ୍ଦ୍ର ସେନାପତି, କୈଳାସ ଚନ୍ଦ୍ର ସେନାପତି, ପି- ଦୈତାରୀ ସେନାପତି, ଜା- ଗୋପାଳ, ବା- ଠିକର୍ଗାଁ । | ୬୬୯ | ୪୨ | ଡଲକା-୨ | ୦.୨୨୦ | ୦.୨୨୦ | |
| ୧୪୬ | | ୬୬୯ | ୪୮ | ଡଲକା-୨ | ୦.୨୧୦ | ୦.୨୧୦ | |
| ୧୪୭ | କଣ୍ଟୁ ରାଉତ, ପି- କୁଳୁ ରାଉତ, ଜା- ଗୋପାଳ, ବା- ଠିକର୍ଗାଁ । | ୬୯୬ | ୮୪୨ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୧୪୮ | ଶତ୍ରୁଘ୍ନ ବେହେରା, ଅନନ୍ତ ବେହେରା, ପି- ଭଗତୁ ବେହେରା, ଜା- ଗୋପାଳ, ବା- ତର୍କାବେଡା । | ୮୬୬ | ୨୬୩/୫୯୨୦ | ଶାରଦ-୨ | ୦.୧୩୦ | ୦.୧୩୦ | |
| ୧୪୯ | ମାୟାଧର ଜେନା, ପି- ଦଣ୍ଡଧର ଜେନା, ଜା- ଚଷା, ବା- ଠିକର୍ଗାଁ । | ୮୬୬ | ୨୫୮ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୧୫୦ | | ୮୬୬ | ୨୬୫/୫୯୬୬ | ଶାରଦ-୨ | ୦.୧୫୦ | ୦.୧୫୦ | |
| ୧୫୧ | ସନାତନ ଦାସ, ପି- ଲକ୍ଷ୍ମଣ ଦାସ, ଜା- ଗଉଡ, ବା- ଠିକର୍ଗାଁ । | ୮୮୪ | ୬୨/୫୯୨୯ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୫୨ | ଲକ୍ଷ୍ମଣ ଦାସ, ପି- ବଂଶୀଧର ଦାସ, ଜା- ଗଉଡ, ବା- ଠିକର୍ଗାଁ । | ୮୮୨ | ୪୯/୫୯୩୦ | ଡଲକା-୨ | ୦.୧୨୦ | ୦.୧୨୦ | |
| ୧୫୩ | | ୮୮୨ | ୬୨/୫୯୩୨ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୫୪ | | ୮୮୨ | ୬୩/୫୯୩୧ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୧୫୫ | ମଞ୍ଜୁଲତା ଦାସ, ସ୍ୱା- ଲୁଚିର ଦାସ, ଜା- ଗଉଡ, ବା- ବେଗୁଣିଆପାଳ । | ୮୮୨ | ୬୦ | ଡଲକା-୨ | ୦.୧୯୦ | ୦.୧୯୦ | |
| ୧୫୬ | ପ୍ରମୋଦ କୁମାର ଜେନା, ପି- ଲୋଚନ ଜେନା, ଜା- ଚଷା, ବା- ଠିକର୍ଗାଁ । | ୮୮୮ | ୮୦୮ | ଶାରଦ-୩ | ୦.୧୧୦ | ୦.୧୧୦ | |
| ୧୫୭ | ସୂର୍ଯ୍ୟମଣି ଦାସ, ପି- ହୃଦିଆ ଦାସ, ଜା- ଗୋପାଳ, ବା- ବେଗୁଣିଆପାଳ, ଥା- ବାଲିମା, ଜି- ଢେଙ୍କାନାଳ । | ୨୮୨/୯୮ | ୬୧ | ଶାରଦ-୩/୨ | ୦.୦୮୦ | ୦.୦୮୦ | |
| ୧୫୮ | | ୨୮୨/୯୮ | ୪୯/୫୯୫୭ | ଡଲକା-୨ | ୦.୧୦୦ | ୦.୧୦୦ | |
| ୧୫୯ | | ୨୮୨/୯୮ | ୬୨/୫୯୫୭ | ଶାରଦ-୩/୨ | ୦.୦୨୦ | ୦.୦୨୦ | |
| ୧୬୦ | | ୨୮୨/୯୮ | ୬୩/୫୯୫୮ | ଶାରଦ-୩/୪ | ୦.୦୫୦ | ୦.୦୫୦ | |
| ୧୬୧ | ଧୁଳିଆ ଜେନା, ପି- ଦଣ୍ଡକ ଜେନା, ଜା- ଚଷା, ବା- ତର୍କାବେଡା । | ୨୮୨/୨୮ | ୩୦୯ | ଶାରଦ-୩/୨ | ୦.୨୦୦ | ୦.୨୦୦ | |
| ୧୬୨ | ବୁଦ୍ଧାନ ଦାସ, ପି- ଲକ୍ଷ୍ମଣ ଦାସ, ଜା- ଗଉଡ, ବା- ବେଗୁଣିଆପାଳ । | ୨୮୨/୫ | ୨୨ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୧୬୩ | | ୨୮୨/୫ | ୨୩ | ଡଲକା-୨ | ୦.୧୨୦ | ୦.୧୨୦ | |
| ୧୬୪ | ମଞ୍ଜୁଲତା ପ୍ରଧାନ, ସ୍ୱା- ଗୋଲେଖ ପ୍ରଧାନ, ଜା- ଚଷା, ବା- ତର୍କାବେଡା । | ୨୮୨/୪୩ | ୨୯୪ | ଶାରଦ-୩ | ୦.୫୦୦ | ୦.୫୦୦ | |
| ୧୬୫ | ଅଜୟ କୁମାର ମାଝୀ, ପି- ଅନଙ୍ଗ ମାଝୀ, ଜା- ଚଷା, ବା- ବେଗୁଣିଆପାଳ । | ୨୮୨/୪୪ | ୬୨/୫୯୩୯ | ଘରବାରି | ୦.୦୮୦ | ୦.୦୮୦ | |
| | | | | | ମୋଟ | ଏ ୩୪.୯୬୪ | |

ଅମିନ୍
ତହସିଲ କାର୍ଯ୍ୟାଳୟ, ହିନ୍ଦୋଳ

ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ
ହିନ୍ଦୋଳ

ଜିଲ୍ଲାପାଳ
ଢେଙ୍କାନାଳ

OIPR-

# ବିଭିନ୍ନ କାର୍ଯ୍ୟକ୍ରମର ଜିଲ୍ଲାପାଳଙ୍କ ପରିଦର୍ଶନ ଓ ସମୀକ୍ଷା






ଝାରସୁଗୁଡ଼ା, ୧୦।୧(ସମିସ)

## ମିଶନ ଆଶ୍ରା ଓ ଜରାଶ୍ରମ ପରିଦର୍ଶନ

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ହଠାତ୍ ଏଚ୍. କାଟାପାଲି ସ୍ଥିତ ମାନସିକ ଅନଗ୍ରସର କେନ୍ଦ୍ର (ମିଶନ ଆଶ୍ରା-୧) ଏବଂ ସୁଲଡିଆପଡ଼ା ସ୍ଥିତ ଜରାଶ୍ରମ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ କେନ୍ଦ୍ରର ପରିଚାଳନା ବିଷୟରେ ସମୀକ୍ଷା କରିଥିଲେ। ଏଥିସହ ଅନ୍ତେବାସୀଙ୍କ ଗହଣରେ କିଛି ସମୟ ବିତାଇବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ କେନ୍ଦ୍ରରେ ମିଳୁଥିବା ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ତେବାସୀମାନଙ୍କୁ ସମୟାନୁସାରେ ଉତ୍ତମ ଖାଦ୍ୟ ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ସେ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳ ବିଶେଷ କରି 'ସ୍ନେହ ସେତୁ' କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯେଉଁ ଅନ୍ତେବାସୀମାନେ ବିଭିନ୍ନ ସମୟରେ ଉଦ୍ଧାର ହୋଇ କେନ୍ଦ୍ରରେ ରହୁଛନ୍ତି, ସେମାନଙ୍କ ଘରର ଠିକଣା ତୁରନ୍ତ ଖୋଜି ବାହାର କରିବାକୁ ସେ କେନ୍ଦ୍ର ଇନଚାର୍ଜଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। 'ସ୍ନେହ ସେତୁ' ମାଧ୍ୟମରେ ସେମାନଙ୍କୁ ନିଜ ପରିବାର ସହ ପୁନଃମିଳନ କରାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ମିଶନ ଆଶ୍ରା-୧ର ଅନ୍ତେବାସୀମାନଙ୍କ ଦ୍ୱାରା ତିଆରି କରାଯାଉଥିବା ବାଉଁଶ ହସ୍ତଶିଳ୍ପକୁ ଜିଲ୍ଲାପାଳ ଦେଖିଥିଲେ। ଏହା ସେମାନଙ୍କ ମାନସିକ ବିକାଶ ଓ ଆତ୍ମନିର୍ଭରଶୀଳତା ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ।



## ପଞ୍ଚପଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମୀକ୍ଷା

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପଞ୍ଚପଡ଼ା ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାରେ ଉପଲବ୍ଧ ଚିକିତ୍ସା ସେବା ଓ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ଏହି ସମୟରେ ସେ ବିଭିନ୍ନ ବିଭାଗ ବୁଲି ଦେଖିବା ସହ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୟୁପିଏଚସିରେ ଥିବା ଡେଣ୍ଟାଲ୍ ଚେୟାରଟି ଅଚଳ ଥିବା ଦେଖି ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ଆସନ୍ତା ୭ ଦିନରେ କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ସମ୍ପୃକ୍ତ ମେଡିକାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉଦ୍ଦିଷ୍ଟ ଶ୍ରେଡର ମେସିନ ବ୍ୟବହାର ହେଉ ନଥିବାରୁ, ସେଠାରେ ତୁରନ୍ତ 'ଥ୍ରୀ-ଫେଜ୍' ବିଦ୍ୟୁତ ସଂଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଥମ ମହଲା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଆରଆଣ୍ଡବି ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ଅଧୀନରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କଥା ସେ ପଚାରି ବୁଝିଥିଲେ। ଏହା ସହିତ ଗର୍ଭବତୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ (ପିଏମ୍ଏସ୍ଏମ୍ଏ) ସେବାର ମଧ୍ୟ ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଲାବୋରେଟୋରୀ ଓ ଏହାର କାର୍ଯ୍ୟକାରିତା ଦେଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ଓ ଶୃଙ୍ଖଳିତ ରୋଗୀ ସେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

## ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା ବୈଠକ

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଜଳ ଓ ପରିମଳ ମିଶନର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବିଭିନ୍ନ ମେଗା ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ଏବଂ ସେଗୁଡ଼ିକର ସଫଳ ରୂପାୟନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ଲଖନପୁର ବ୍ଲକର ୧୬ଟି ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଲୋକଙ୍କୁ ଯେପରି ନିରନ୍ତର ଏବଂ ସ୍ୱଚ୍ଛ ପାନୀୟ ଜଳ ମିଳିପାରିବ, ସେଥିପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅତିଶୀଘ୍ର ୧୭ଟି ପଞ୍ଚାୟତରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଅବଶିଷ୍ଟ ୪୨ଟି ପଞ୍ଚାୟତରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଜଳଯୋଗାଣ ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ବୈଠକରେ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ପ୍ରକଳ୍ପର ସମ୍ପୃକ୍ତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

■ ଏପସିଲନ କାର୍ବନ କମ୍ପାନୀ ଦ୍ୱାରା ବେଆଇନ ଜଙ୍ଗଲ ଜମି ଜବରଦଖଲ ଘଟଣା

# କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ ଚେତାବନୀ

**ଝାରସୁଗୁଡ଼ା, ୧୦।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ଶ୍ରିପୁରା ପଞ୍ଚାୟତ ସ୍ଥିତ ଏପସିଲନ କାର୍ବନ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିକୁ ଦଖଲ ରଖି ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ଏହାକୁ ନେଇ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ମଧ୍ୟ କରାଯାଇଛି। ଏହା ଉପରେ ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ କରାଯିବା ସହ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଶ୍ରିପୁରା ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏପସିଲନ କମ୍ପାନୀ ଗାଁ ସଭାର ବିନା ଅନୁମତିରେ ବେଆଇନ ଭାବେ ଗ୍ରାମ୍ୟ ଜଙ୍ଗଲକୁ ନିଜ କମ୍ପାନୀର ରାସ୍ତା ଭାବେ ବ୍ୟବହାର କରିବା ନେଇ ଶ୍ରୀପୁରା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ପାଦଚଲା ରାସ୍ତାର ଦୁଇପାର୍ଶ୍ୱରେ ଥିବା ଗଛ ଗୁଡିକୁ କାଟି କମ୍ପାନୀ ପରିବହନ ପାଇଁ ରାସ୍ତାକୁ ଚଉଡା କରାଯାଉଥିବା ଅଭିଯୋଗ ରହିଛି। ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ଯେ କୌଣସି ଜଙ୍ଗଲ ଜମିର ପରିବର୍ତ୍ତନ କି ହସ୍ତାନ୍ତର ପୂର୍ବରୁ ଗାଁ ସଭାର



ଅନୁମୋଦନ ଆବଶ୍ୟକ। ମାତ୍ର ଉକ୍ତ କମ୍ପାନୀ ରାସ୍ତା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମସଭାର ମଞ୍ଜୁରୀ ପାଇଁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ଅପରପକ୍ଷରେ ଜଙ୍ଗଲ ସୃଷ୍ଟି ପାଇଁ ଗ୍ରାମବାସୀ ଜଙ୍ଗଲ ଜମିରେ 'ଏକ ପେଡ ମାଁ କେ ନାମ' କାର୍ଯ୍ୟକ୍ରମ ଅନ୍ତର୍ଗତ ଜଙ୍ଗଲ ବିଭାଗ ସହିତ ମିଶି ୧ ହଜାର ଚାରାରୋପଣ କରିଥିଲେ। ସେହି ଗଛ ଗୁଡିକର ସୁରକ୍ଷା ପାଇଁ ବାଡ଼ କରାଯାଇଥିଲା। ମାତ୍ର ରାସ୍ତା ସଙ୍କୁଚିତ ହେଉଥିବା ଆଳ ଦେଖାଇ ଝାରସୁଗୁଡ଼ା ତହସିଲଦାର

**ନିଦାବିଷ୍ଟ ପ୍ରଶାସନ, ଗ୍ରାମବାସୀଙ୍କ କ୍ଷୋଭ**

ବାଡ଼କୁ ହଟାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୁଣି ଶ୍ରିପୁରା ଗ୍ରାମବାସୀ ବିଗତ ଦିନରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ଜିଲ୍ଲାପାଳ ତଥା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ଝାରସୁଗୁଡ଼ା ଜିଲ୍ଲାପାଳ ଏବଂ ଡିଏଫ୍ଓଙ୍କୁ ଗାଁର ଶତାଧିକ ଜନସାଧାରଣ ଯାଇ ଘଟଣା ତଦନ୍ତ କରି ଜଙ୍ଗଲ ଜମିକୁ ମୁକ୍ତ କରିବା ପାଇଁ ନିବେଦନ କରିଥିଲେ। ହଜାର ହଜାର ସଂଖ୍ୟାରେ ଗ୍ରାମବାସୀ ତଥା ଜନ ପ୍ରତିନିଧି ଏପ୍ସିଲନ କମ୍ପାନୀ ଆଗରେ ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରିଥିଲେ। କମ୍ପାନୀ ବିରୋଧରେ ଏନଜିଟିରେ ମଧ୍ୟ ମାମଲା କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ଏଯାଏଁ ତଦନ୍ତ ଆରମ୍ଭ କରିନାହାନ୍ତି। ଯାହାକୁ ନେଇ ଶ୍ରିପୁରା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିବା ସହିତ ଜିଲ୍ଲା ପ୍ରଶାସନ ତଦନ୍ତ ପ୍ରକ୍ରିୟାରେ ବହୁ ବିଳମ୍ବ କରୁଥିବାରୁ ଆଗାମୀ ଦିନରେ ଶ୍ରିପୁରା ଗ୍ରାମବାସୀରାଜରାସ୍ତାରେ ଆନ୍ଦୋଳନ କରିବା ସହିତ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ନିଷ୍ପତ୍ତି ନେଇଥିବା ନେଇ ଶ୍ରିପୁରା ଗାଁର ଜିଲ୍ଲା ପରିଷଦ ସଦସ୍ୟ ଥିବା ଦିଗାମ୍ବର ଭୋଇ, ଶ୍ରିପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ବିରଞ୍ଚି ମାଝୀ, ରୀନା ବାଗ, ମିନତୀ ପାତ୍ର ପ୍ରମୁଖ ମତ ପ୍ରକାଶ କରିଛନ୍ତି।

# ଆବଣ୍ଟନ ହେଉନି ନବନିର୍ମିତ ଦୋକାନ ଗୃହ

**ରାଉରକେଲା/ବଣାଇଁ, ୧୦।୧ (ସମିସ):** ସରକାରୀ ଅର୍ଥ କେମିତି ଅପଚୟ ହୁଏ, ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଅନ୍ୟର ସ୍ୱାର୍ଥସାଧନ ପାଇଁ ବିଭାଗୀୟ ଯନ୍ତ୍ରୀ ସରକାରୀ କାର୍ଯ୍ୟକୁ କିଭଳି ଦଳିମକଚି ବଦଳାଇ ଦେଇ ପାରନ୍ତି ତାର ଏକ ଉଦାହରଣ ଦେଖିବାକୁ ମିଳିଛି ବଣାଇଁ ସହରରେ। ବଣାଇଁ ବ୍ଲକ ସଦର ମହକୁମା ଠାରୁ ଲଲେଇ ସେତୁକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ବଣାଇଁ ତହସିଲ ଖାତା ନଂ ୬୦୮, ପ୍ଲଟ ନମ୍ବର ୧୦୫୭ ରେ ୦.୩୮ ଡେସିମିଲି ସରକାରୀ ଜମି ରହିଛି। ୨୦୨୨/୨୩ ଆର୍ଥିକ ବର୍ଷରେ ଜିଲ୍ଲା ପରିଷଦ ପାଣ୍ଠିରୁ ଦଶ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବଣାଇଁ ବ୍ଲକ ପକ୍ଷରୁ ଏହି ଜମି ଉପରେ ଏକ ମାର୍କେଟ କମ୍ପ୍ଲେକ୍ସ (୫ଟି ବିପଣୀ ଗୃହ) ନିର୍ମାଣ କାର୍ଯ୍ୟ କରାଯାଇଛି। ଏହି ସରକାରୀ ଜମିକୁ ଲାଗି ପଛପଟେ ଏକ ବେସରକାରୀ ଜମି ରହିଥିବା ବେଳେ ସେ ଜମିକୁ ଯିବା ପାଇଁ କୌଣସି ପ୍ରକାର ରାସ୍ତା ନାହିଁ। ଯଦ୍ୱାରାକି ବଜାରରେ ସେ ଜାଗାର ଗୁରୁତ୍ୱ ଓ ମୂଲ୍ୟ ବୃଦ୍ଧି ହେଉନାହିଁ। ଉକ୍ତ ଜମି ମାଲିକଙ୍କ ସହିତ ସଲାସୁତୁରା କରି ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ ଶୈଳୀକୁ ଦିଗ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହେଉଛି। ବିଭିନ୍ନ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସର ମୁହଁ ରାସ୍ତା ସାମ୍ନାକୁ ହୋଇଥିବା ବେଳେ ଏଠାରେ ଜାଣିଶୁଣି ଦିଗ ପରିବର୍ତ୍ତନ କରାଯାଇଛି। ଦୁଇବର୍ଷରୁ ଉର୍ଦ୍ଧ୍ୱ ହେବ ଦୋକାନ ଗୃହ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଗୁଡ଼ିକ କାହାରିକୁ ଆବଣ୍ଟନ କରା ନ ଯିବାରୁ ଧୀରେ ଧୀରେ ସେହି ସ୍ଥାନଟି ଏବେ ଲତା ବୁଦାରେ ପରିପୂର୍ଣ୍ଣ ହୋଇ ଜଙ୍ଗଲ ହୋଇ ସାରିଲାଣି। କେଉଁ କାରଣରୁ ଘର ଗୁଡ଼ିକ ବଣ୍ଟନ



ହେଉନାହିଁ ତାହା ଏବେ ଲୋକଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପୂର୍ବରୁ ବଣାଇଁ ବିଡିଓଙ୍କୁ ସାକ୍ଷାତ କରି ଏ ବିଷୟରେ ଅବଗତ କରାଇଥିଲେ ମଧ୍ୟ ସେ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ପଦକ୍ଷେପ ନେଇ ନ ଥିବା ଜଣାପଡ଼ିଛି। ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଣାଇଁର ଜନସାଧାରଣ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ମନରେଗା ନାମ ଉଚ୍ଛେଦ କରିବା ଦୁର୍ଭାଗ୍ୟ ଜନକ: କଂଗ୍ରେସ

**ଦେବଗଡ଼, ୧୦।୧(ସମିସ):** ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ, ଦେବଗଡ଼ ଜିଲ୍ଲାରେ ଦେଖାଦେଇଥିବା ଧାନ ବିକ୍ରି ଅବ୍ୟବସ୍ଥା ଓ ବିଦ୍ୟୁତ ଉପଭୋକ୍ତାଙ୍କ ସମସ୍ୟା ନେଇ କଂଗ୍ରେସ

**ସାମ୍ବାଦିକ ସମ୍ମିଳନୀରେ ବିଜେପି ଉପରେ ବର୍ଷିଲା କଂଗ୍ରେସ**

ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଶନିବାର ସଂଧ୍ୟାରେ ଦେବଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଡବଲ ଇଞ୍ଜିନ ସରକାରକୁ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମଙ୍କ ସଂଯୋଜନାରେ ସମ୍ମିଳନୀ ଆୟୋଜିତ ହୋଇଥିଲା। କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ସାଂସଦ ତଥା ରାଜ୍ୟ କଂଗ୍ରେସ ଆଦିବାସୀ ସେଲ୍‌ଫ ସଭାପତି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ପୂର୍ବତନ ସାଂସଦ ଶ୍ରୀ ଲାଗୁରୀ ଏହି ଅବସରରେ କହିଥିଲେ ଯେ, ଶ୍ରମିକ ଓ ନିମ୍ନ ମଧ୍ୟବିତ ଶ୍ରେଣୀର ଲୋକଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ୟୁପିଏ ସରକାର ମହାତ୍ମାଗାନ୍ଧୀଙ୍କ ନାମରେ ଏମ୍‌ଜିଏନଆରଇଜିଏ ଯୋଜନାକୁ ଆରମ୍ଭ କରିଥିଲା। କିନ୍ତୁ ବିଜେପି ସରକାର ଏହାକୁ




ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଚକ୍ରାନ୍ତ କରୁଛି ବୋଲି ସେ ଅଭିଯୋଗ କରିଥିଲେ। ଏହା ବିରୋଧରେ ଦେଶବ୍ୟାପୀ ଜନ ଆନ୍ଦୋଳନ ସୃଷ୍ଟି କରିବା ପାଇଁ କଂଗ୍ରେସ ଆଗକୁ ଆସିଛି। ଅନ୍ୟପକ୍ଷେ ସରକାର ରାଜ୍ୟରେ ଆବଶ୍ୟକତା ଠାରୁ ଅଧିକ ବିଜୁଳି ଉତ୍ପାଦନ ହେଉଛି ବୋଲି ଦାବି କରୁଥିବା ବେଳେ ବିଦ୍ୟୁତ ଉପଭୋକ୍ତା ଶୋଷଣର ଶିକାର ହେଉଛନ୍ତି ଏବଂ ରାଜ୍ୟରେ ଧାନ ବିକ୍ରି ଅବ୍ୟବସ୍ଥା ଦିନକୁ ଦିନ ଜଟିଳ ହେବାରେ ଲାଗିଛି ବୋଲି ସେ ଗଣମାଧ୍ୟମର ପ୍ରତିନିଧିଙ୍କ ସମ୍ମୁଖରେ ଅଭିଯୋଗ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ମଞ୍ଜୁଳ ନାଏକ, ରମେଶ ଚନ୍ଦ୍ର ପାତ୍ର, ସୁଶିଲ ଗୁଡିଆ, ରେବତୀ ମୋହନ ପଟ୍ଟନାୟକ, ଶ୍ରୀତମ ସାହୁ, କ୍ଷୀରୋଦ ନାରାୟଣ ସାହୁ, ଆଜାଶ ଦାଶ ଓ ଆନନ୍ଦକୁଲା ପ୍ରମୁଖ ମଞ୍ଚାସୀନ ଥିଲେ।

# ଘରକୁ ଫେରିଲେ ବିହାରର ଫୁଲନ ଖାତୁନ

**ଝାରସୁଗୁଡ଼ା, ୧୦।୧(ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ତତ୍ତ୍ୱାବଧାନ ଓ ମାନବିକ ପ୍ରଚେଷ୍ଟା ଯୋଗୁଁ ଜଣେ ନିଖୋଜ ମହିଳା ନିଜ ପରିବାର ସହ ପୁନଃମିଳିତ ହୋଇଛନ୍ତି। ବିହାର ସୀତାମାଢ଼ି ଜିଲ୍ଲାର ଫୁଲନ ଖାତୁନଙ୍କୁ



ଶନିବାର ଜିଲ୍ଲାପାଳଙ୍କ ଉପସ୍ଥିତିରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨୦୨୩ ମସିହାରୁ ଫୁଲନ ଖାତୁନଙ୍କୁ ଥେଲକୋଲୋଇ ପୁଲିସ ଦ୍ୱାରା ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାପରେ ତାଙ୍କୁ ଜିଲ୍ଲା ପ୍ରଶାସନର ସହାୟତାରେ 'ଦି ପିପୁଲ୍ସ ଫୋରମ୍' ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ସାମଗ୍ରୀ ପରିଚାଳନା ବିଭାଗରେ 'ସାବାସ' ପୁରସ୍କାର




**ରାଉରକେଲା, ୯।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ସମ୍ମିଳନୀକକ୍ଷରେ ସାମଗ୍ରୀ ପରିଚାଳନା ବିଭାଗର କର୍ମଚାରୀଙ୍କୁ ସାବାସ ପୁରସ୍କାର ପ୍ରଦାନ କରିବା ପାଇଁ ଏକ ସମାରୋହ ଆୟୋଜନ କରାଯାଇଥିଲା। ଆର୍ଏସ୍ପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଏବଂ ଏମ୍ଏମ୍ ବିଭାଗର ସିଜିଏମ ଟି. ବିନୋଦ ଏବଂ ମାର୍କେଟିଂ ବିଭାଗର ଜିଏମ ଇନଚାର୍ଜ ଅଜୟ ଶୁକ୍ଲାଙ୍କ ସହିତ ସାମଗ୍ରୀ ପରିଚାଳନା ବିଭାଗର ୧୫ ଜଣ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଅନୀଲ କୁମାର ବିଭାଗୀୟ ଏବଂ ସାଂଗଠନିକ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନଙ୍କର ଉତ୍ସର୍ଗ, ବୃତ୍ତିଗତତା ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ସେ ସାମଗ୍ରୀ ପରିଚାଳନା କାର୍ଯ୍ୟକୁ ସୁଦୃଢ଼ କରିବା ଏବଂ ସଂଗଠନର ସାମଗ୍ରିକ ଅଭିବୃଦ୍ଧିରେ ଯୋଗଦାନ ଦେବା ପାଇଁ ଦଳଗତ କାର୍ଯ୍ୟ, ନବସୃଜନ ଏବଂ ଉତ୍ତରଦାୟିତ୍ୱର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖନୀୟ ଯେ, ବର୍ଗ-୧ ଅଧୀନ ବର୍ଗ-୨ ଅନ୍ତର୍ଗତ ଜିଏମ (ଏମଏମ) ଆନସେଲମ ଓମଡେନ ନାମଚୁ, ଏମ୍ଏମ୍‌ଷ୍ଟୋର ବିଭାଗର ସିନିୟର ମ୍ୟାନେଜର ମନୀଷ କୁମାର ଧାକଡ଼, ମାର୍କେଟିଂ ବିଭାଗର ଡେପୁଟି ମ୍ୟାନେଜର ଅକ୍ଷୟ କୁମାର ସେଠୀ ଏବଂ ତପନ କୁମାର ନାୟକ ପ୍ରମୁଖ ମୋଟ ୧୧ ଜଣ କର୍ମଚାରୀ ପୁରସ୍କାର ଲାଭ କରିଥିଲେ।

# ନାଟକ 'ଶୂନ୍ୟ ପଞ୍ଜୁରୀ' ମଞ୍ଚସ୍ଥ

**ପପୁ ଶ୍ରେଷ୍ଠ ଅଭିନେତା, ରାନୁ ଶ୍ରେଷ୍ଠ ଅଭିନେତ୍ରୀ ଓ କୁଞ୍ଜନ ବୋଷ ଶ୍ରେଷ୍ଠ ନିର୍ଦ୍ଦେଶକ**

ରାଉରକେଲା, ୧୦।୧(ସମିସ)

ଅନ୍ୱେଷଣ ଥିଏଟର ଗ୍ରୁପ୍ ଦ୍ୱାରା ଆୟୋଜିତ ସପ୍ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ଯାଜପୁର ଲୋକକଳା ମହୋତ୍ସବର ସାଂସ୍କୃତିକ କଳାପରିଷଦ 'ସଂକଳ୍ପ' ଦ୍ୱାରା ଯାଜପୁରସ୍ଥିତ ଗୌତମବୁଦ୍ଧ ସଂସ୍କୃତିଭବନଠାରେ ନାଟକ 'ଶୂନ୍ୟ ପଞ୍ଜୁରୀ' ମଞ୍ଚସ୍ଥ ହୋଇଥିଲା। ନାଟକଟିକୁ ଡ. ରତ୍ନାକର ଚଇନି ରଚନା କରିଥିବା ବେଳେ କୁଞ୍ଜନଲାଲ ବୋଷ ନିର୍ଦ୍ଦେଶନା ଓ ପ୍ରକାଶ କୁମାର ସାହାଣୀ ସହ ନିର୍ଦ୍ଦେଶନା ଦାୟିତ୍ୱ ନିର୍ବାହ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଅମୂଲ୍ୟ ବିଶୋଇ, ମଞ୍ଚ ପରିଚାଳନା ପ୍ରିୟଦର୍ଶନ ରାଉତ, ମୁଖ୍ୟ ବ୍ୟବସ୍ଥାପକ ସଭାପତି ଡ. କିଶୋରୀ ଦାଶ ଥିବାବେଳେ ସହଯୋଗୀ ଥିଲେ ଅକ୍ଷୟ କୁମାର ଧଳ। ବିଭିନ୍ନ ଭୂମିକାରେ ପ୍ରଜ୍ଞାନନ୍ଦ ମହାନ୍ତି,



ଅଭିଳାଷ ସାହୁ, ପ୍ରବିର କୁମାର ଜେନା ଓ ରାନୁ ମହାପାତ୍ର ଅଭିନୟ କରିଥିଲେ। ବଳିଷ୍ଠ କାହାଣୀ, ନିଖୁଣ ଅଭିନୟ ତଥା ସଂଳାପ ଉଚ୍ଚାରଣ ଶୈଳୀ ଯୋଗୁଁ ନାଟକଟି ସର୍ବାଙ୍ଗ ସୁନ୍ଦର ରୂପେ ଉପସ୍ଥାପିତ ହେବା ସହ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା। ପ୍ରତିଯୋଗିତାରେ 'ସଂକଳ୍ପ'ର ଅଭିନେତା ପ୍ରଜ୍ଞାନନ୍ଦ ମହାନ୍ତି (ପପୁ) ଶ୍ରେଷ୍ଠ ଅଭିନେତା, ରାନୁ ମହାପାତ୍ର ଶ୍ରେଷ୍ଠ ଅଭିନେତ୍ରୀ, ପ୍ରବିର କୁମାର ଜେନା ଶ୍ରେଷ୍ଠ ପାଶ୍ୱର୍ ଅଭିନେତା, କୁଞ୍ଜନଲାଲ ବୋଷ ଶ୍ରେଷ୍ଠ ନିର୍ଦ୍ଦେଶକ, ଅମୂଲ୍ୟ ବିଶୋଇ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ଡଃ ରତ୍ନାକର ଚଇନି ଶ୍ରେଷ୍ଠ ନାଟ୍ୟକାର ଭାବେ ବିବେଚିତ ହେବା ସହ 'ସଂକଳ୍ପ'କୁ ଶ୍ରେଷ୍ଠ ପ୍ରଯୋଜିତ ଦଳବାବେ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାର ଅନ୍ତିମ ଦିବସରେ ଅଭିନେତା ଓ ଅଭିନେତ୍ରୀମାନଙ୍କୁ ଉଦ୍‌ଯାପନୀ ଉତ୍ସବର ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ନାଟକ ପରିବେଷଣ ପୂର୍ବରୁ ଏହାର ନିର୍ଦ୍ଦେଶକ କୁଞ୍ଜନଲାଲ ବୋଷ ଓ ସହ ନିର୍ଦ୍ଦେଶକ ପ୍ରକାଶ କୁମାର ସାହାଣିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। 'ସଂକଳ୍ପ'ର ଏହି ସଫଳତା ନିମନ୍ତେ ଏହାର ସଭାପତି ଡ. କିଶୋରୀ ଦାଶ ଓ ଅନ୍ୟତମ ପୃଷ୍ଠପୋଷକ ମଞ୍ଜୁ ମୁଖାର୍ଜୀ ଅଭିନନ୍ଦନ ଜଣାଇଛନ୍ତି।

# ତୁର୍କେଲ୍ ବ୍ରିଜ ନିରୀକ୍ଷଣ କଲେ ସିଏସଆଇଆର୍ ଟିମ୍



**ଭବାନୀପାଟଣା, ୧୦ା୧(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ନୂଆପଡ଼ା ସଂଯୋଗ କରୁଥିବା ରାଜ୍ୟ ରାଜପଥ ୧୬ର ତୁର୍କେଲ୍ ବ୍ରିଜ ଗତ ସେପ୍ଟେମ୍ବର ୨୭ ତାରିଖରେ ଫାଟ ଆସିବା ସହିତ ଦବି ଯାଇଥିଲା। ପରେ ଅକ୍ଟୋବର ୫ ତାରିଖରେ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ରିପୋର୍ଟ ପରେ ବ୍ରିଜ ଉପରୁ ଚାରି ଚକିଆ ବାହାନ ସହ ଭାରିଯାନ ଗମନାଗମନ ବନ୍ଦ କରାଯାଇଥିଲା। ଏହା ଦ୍ୱାରା ଭବାନୀପାଟଣା ସଦର ବ୍ଲକର କିଛି ପଞ୍ଚାୟତ ବାସୀ ବ୍ଲକ କାର୍ଯ୍ୟାଳୟ ହେଉ ଅବା ଜିଲ୍ଲା ସଦର ମହକୁମା ଯିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ରିଜ ବନ୍ଦ ଯୋଗୁଁ ସେମାନେ ଏବେ ୩୦ କିଲୋମିଟର୍ ବୁଲି କି ଯିବାକୁ ପଡୁଛି। ଏହି ରାସ୍ତା ନୂଆପଡ଼ା ସହିତ ରାୟପୁରକୁ ମଧ୍ୟ ସଂଯୋଗ କରୁଛି ।ଏହି ପରିପ୍ରେକ୍ଷୀରେ ଶନିବାର ଭାରତ ସରକାରଙ୍କ ନୂଆଦିଲ୍ଲୀ ସ୍ଥିତ ସେଣ୍ଟ୍ରାଲ ରୋଡ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ସିଏସଆଇଆର) ର ଟିମ ବ୍ରିଜକୁ ପରିଦର୍ଶନ କରିବା ସହ ଏହାର ପରୀକ୍ଷଣ କରିଛନ୍ତି। ବ୍ରିଜକୁ କେମିତି ରକ୍ଷା କରାଯାଇପାରିବ ସେ ନେଇଁ ବିଭିନ୍ନ ଯାଞ୍ଚ ମଧ୍ୟ କରିଥିଲେ।ଏହାର ରିପୋର୍ଟ ସେମାନେ ଉପରିସ୍ଥ ଅଧିକାରୀଙ୍କୁ ଦେବେ। ପରେ ବ୍ରିଜର ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଏହି ପରୀକ୍ଷଣରେ ସିଏସଆଇଆର ୨ ବରିଷ୍ଠ ବୈଜ୍ଞାନିକ ଜିତେନ୍ଦ୍ର କୁମାର ଗୋୟଲ ଓ ଗଣେଶ କୁମାର ସାହୁ ସାମିଲ ଥିଲେ। ସେହିପରି ବ୍ରିଜ ପରୀକ୍ଷଣ ସମୟରେ ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ଓ ପିଡବ୍ଲୁଡି ଅଧକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ଶୀଘ୍ର ଏହି ବ୍ରିଜର ସମାଧାନ କରିବା ଦିଗରେ ପଦକ୍ଷେପ ନେବା ପାଇଁ ବିଧାୟକ ଦାସ ସିଏସଆଇଆର ଟିମ ଓ ପିଡବ୍ଲୁଡି ଅଧକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

# କ୍ୟାବିନେଟ ମଞ୍ଜୁର ପରେ ମଧ୍ୟ କାର୍ଯ୍ୟକାରୀ ହେଉନି ଓପେଲିପ-୨

**ଭବାନୀପାଟଣା, ୧୦ା୧(ସମିସ)**

ଓଡ଼ିଶାରେ ବିଶେଷ ଭାବେ ଅନୁନ୍ନତ ଜନ ଜାତି ସମୂଦାୟ ସଶକ୍ତିକରଣ ଓ ଜୀବିକା ଉର୍ନ୍ନତି କରଣ କାର୍ଯ୍ୟକ୍ରମ-୨(ଓପେଲିପି-୨) ଆର୍ଥିକ ବର୍ଷ ୨୦୨୪-୨୫ ରୁ ୨୦୩୦-୩୧ ପର୍ଯ୍ୟନ୍ତ ପ୍ରଣୟନ ଅବଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଅଧକ୍ଷତାରେ ଓଡ଼ିଶା ଅନୁସୂଚିତ

## ପଦାରେ ପଡ଼ିଲା ସରକାରଙ୍କ ଆଦିବାସୀ ଜନଜାତି ପ୍ରୀତି
## ଆରମ୍ଭ କରିଥିଲେ ନବୀନ

ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଅନୁଷ୍ଠିତ କବିନେଟ ବୈଠକରେ ନିଷ୍ପତ୍ତି ସତ୍ତ୍ୱେ ମଧ୍ୟ ଅଦ୍ୟବଧି କାର୍ଯ୍ୟକାରୀ ନହେବା ରାଜ୍ୟ ସରକାରଙ୍କ ଆଦିବାସୀ ଜନଜାତି ପ୍ରୀତି ପଦାରେ ପଡ଼ିଛି। ଗତ ୭ଡିସେମ୍ବର ୨୦୨୪ରେ ଅନୁଷ୍ଠିତ କ୍ୟାବିନେଟ ବୈଠକ ନିଷ୍ପତ୍ତି ଅନୁଯାୟୀ ମିଳିତ ଜାତିସଂଘର ଏକ ସଂସ୍ଥା ଆଇଫାଡ଼ (ଇଣ୍ଟରନ୍ୟାସନାଲ ଫଣ୍ଡ ଫର୍ ଏଗ୍ରୀକଲଚର ଡେଭଲପମେଣ୍ଟ) ସହାୟତାରେ ସମଗ୍ର ଓଡ଼ିଶାର ଅନୁନ୍ନତ ଜନଜାତି ସମୁଦାୟଙ୍କ ଦ୍ରୁତ ଉନ୍ନତି ଓ ଅଗ୍ରଗତି ଲାଗି ୨୪୨୨.୧୩ କୋଟି ଟଙ୍କାର ବଜେଟ ନିର୍ବାଚନ ପୂର୍ବରୁ ବିଜେଡି ସରକାର ନିଷ୍ପତ୍ତି ନେଇଥିଲେ ପରେ ବିଜେପି ସରକାର ଜନଜାତି ସଂମୂହ



ପାଇଁ ୯୦ କୋଟି ରଖିଥିବା ସତ୍ତେ ବର୍ତ୍ତମାନ ପର୍ଯ୍ୟନ୍ତ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହୋଇନାହିଁ। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ଓପେଲିପ୍ ପାଇଁ ୨୦୦କୋଟି ଟଙ୍କା ବଜେଟରେ ରଖାଯିବା ସତ୍ତ୍ୱେ ଟଙ୍କା ଖର୍ଚ୍ଚ କରାଯାଉ ନାହିଁ କି ୨୦୨୫-୨୬ ଆର୍ଥିକ ବର୍ଷରେ ଅପେଲିପି-୨ ପାଇଁ କୌଣସି ବ୍ୟବସ୍ଥା ବିଭାଗ ପକ୍ଷରୁ କରାଯାଉ ନଥିବାରୁ ସରକାରଙ୍କ ଘୋଷିତ ୧୧୩୮ ଜନଜାତି ଗ୍ରାମର ବିକାଶ ସ୍ୱପ୍ନ ହୋଇ ରହିଯାଇଛି। କେନ୍ଦ୍ର ସରକାରଙ୍କ ପିଏମ୍ ଜନମନ ଯୋଜନା ସହ ଅପେଲିପ-୨ ପ୍ରଣୟନ ହୋଇ ପାରିଥିଲେ ଓଡ଼ିଶାର ଅନୁନ୍ନତ ଜନଜାତିଙ୍କ ବିକାଶ ହୋଇପାରିଥାନ୍ତା। ଓଡ଼ିଶାରେ ୧୩ ପ୍ରକାର ଅନୁନ୍ନତ ଜନଜାତି ଗୋଷ୍ଠି ଅଛନ୍ତି ଯାହାକି ଭାରତ ବର୍ଷରେ ୭୫ ଗୋଷ୍ଠି ମଧ୍ୟରୁ ସର୍ବାଧିକ ଅଟେ। ଏମାନଙ୍କ ଆବଶ୍ୟକତାର ଗୁରୁତ୍ୱ ଉପଲବ୍ଧି କରି ଓଡ଼ିଶାର ପୂର୍ବ ବିଜେଡି ସରକାର ୨୦୧୬ ମସିହାରେ ପ୍ରଥମ ଥର ପାଇଁ ମିଳିତ ଜାତିସଂଘ ସହଯୋଗରେ ଓଡ଼ିଶା ଅନୁନ୍ନତ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ (ଅପେଲିପ) ଆରମ୍ଭ କରିଥିଲେ। ଏହି କ୍ରମରେ ଓଡ଼ିଶା ସରକାର ଆନ୍ତଜାତିକୁ କୃଷି ଉନ୍ନୟନ ପାଣ୍ଠି (ଆଇଫଡ଼) ଏବଂ ଭାରତ ସରକାରଙ୍କ ସହ ଗତ ୧୮/୩/୨୦୧୬ରେ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ। ଏଥିରେ ଓଡ଼ିଶାର ୧୭ ଜିଲ୍ଲାର ଅଣୁ ପ୍ରକଳ୍ପ ସଂସ୍ଥା ମାଧମରେ ୨୨ଟି ବ୍ଲକର ୮୯ପଞ୍ଚାୟତରେ ବସବାସ କରୁଥିବା ୧. ୩୪ ଲକ୍ଷ ଅନୁନ୍ନତ ଜନଜାତି ଜନସଂଖ୍ୟା ର ସମୂହିକ ସଶକ୍ତିକରଣ ଓ ଜୀବିକାଉନ୍ନତି କରଣ ପାଇଁ ୧୭ଟି ସ୍ୱେଚ୍ଛାସେବୀ ସଂଗଠନ ସହାଭାଗିତାରେ ଆରମ୍ଭ କରାଯାଇଥିଲା। ଏଥିପାଇଁ ୭୪୫କୋଟି ଖର୍ଚ୍ଚ ହୋଇଥିବା ବେଳେ ଆଇଫଡ଼ ୩୧୨ କୋଟି ଏବଂ ରାଜ୍ୟ ସରକାର ୪୮୩ କୋଟି ଟଙ୍କା ପ୍ରଦାନ କରିଥିଲେ। ଫଳରେ ଗ୍ରାମ୍ୟଉନ୍ନୟନ ଯୋଜନା ପ୍ରସ୍ତୁତି, ପ୍ରଣୟନ, ତଦାରଖ ଓ ସବୁକିଛି ଗ୍ରାମବାସୀଙ୍କ କରାଯାଉଥିଲା। ସ୍ୱୟଂ ସହାୟକ ଗୋଷ୍ଠି ଗଠନ, କୃଷି ଓ କୃଷକର ଉନ୍ନତି ଦାଦନ ଶ୍ରମିକ ରୋକିବାପାଇଁ ପୁରୁଷ ଓ ମହିଳାଙ୍କୁ କ୍ଷୁଦ୍ର ଶିଳ୍ପ, ଜୀବିକା ନିର୍ବାହ ପାଇଁ ସହାୟତା, ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଜଙ୍ଗଲ ଜାତ ଦ୍ରବ୍ୟକୁ ପ୍ରୋତ୍ସାହନ, ଗୃହ, ରାସ୍ତା ଘାଟ ପିଇବା ପାଣି, ପାଠଶାଳା ଆଦି କାର୍ଯ୍ୟରେ ଅର୍ଥ ବିନିଯୋଗ କରି ଆଦିମ ଜନଜାତି ସମୂହମାନଙ୍କ ବିକାଶ ହେଉଥିଲା।କିନ୍ତୁ ବର୍ତ୍ତମାନର ସରକାରରେ କ୍ୟାବିନେଟ ନିଷ୍ପତ୍ତି ପରେ ମଧ୍ୟ ଅପେଲିପ-୨ ଯୋଜନା କାର୍ଯ୍ୟକାରୀ ହେଇପାରୁନଥିବାରୁ ଜନଜାତିଙ୍କ ବିକାଶ ଠପ ହୋଇପଡ଼ିଛି। ଜନଜାତିଙ୍କ ଏଭଳି ସମ୍ବେଦନଶୀଳ ନିମିତ୍ତ ତୁରନ୍ତ କ୍ୟାବିନେଟ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ମହାଲରେ ଦାବି ହେଉଛି।

# ଖଡିଆଳ ରାଜଦରବାରରେ କନକ ବର୍ଦ୍ଧନ



**ନୂଆପଡ଼ା/ଖଡ଼ିଆଳ, ୧୦ା୧(ସମିସ):** ଗତ ରବିବାର ଦିନ ଖଡ଼ିଆଳ ଗଡ଼ଜାତ ରାଜା ଡ଼.ଜିତାମିତ୍ର ସିଂ ଦେଓଙ୍କ ପରଲୋକ ଘଟିଛି। ଶନିବାର ଦିନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ନୂଆପଡ଼ା ଜିଲ୍ଲା ଗସ୍ତ ଅବସରରେ ଖଡ଼ିଆଳ ରାଜ ଦରବାରରେ ପହଞ୍ଚି ସ୍ୱର୍ଗତ ଡ଼.ଜିତାମିତ୍ର ସିଂ ଦେଓଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇଛନ୍ତି। ପରିବାର ଲୋକଙ୍କ ସହ ବସି ବାର୍ତ୍ତାଳାପ କରିଥିଲେ। ତାଙ୍କ ସହ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମଧ୍ୟ ଯୋଗ ଦେଇଥିଲେ। ପରିବାର ପକ୍ଷରୁ ରାଜ ମାତା ରାଜଶ୍ରୀ ଦେବୀ, ପୁତ୍ର ତଥା ବର୍ତ୍ତମାନର ରାଜଦରବାର ଦାୟିତ୍ୱ ନେଇଥିବା ଦେବ ଦେବ ସିଂ ଦେଓଙ୍କୁ ସାକ୍ଷାତ କରିଥିଲେ।

# ଟ୍ରାନ୍ସପୋର୍ଟ ଗାଡ଼ିରୁ ଚାଉଳ ଚୋରି ; ୩ ଗିରଫ

**ନୂଆପଡ଼ା, ୧୦ା୧(ସମିସ):** ରାୟପୁରରୁ ବିଶାଖାପାଟଣା ଅଭିମୁଖେ ଏକ ଚାଉଳ ବୋଝେଇ ଟ୍ରକ୍ ଯାଉଥିବାବେଳେ ଖଡ଼ିଆଳ ନିକଟରେ ଚାଉଳ ଚୋରି ଘଟଣାରେ ଖଡ଼ିଆଳ ଥାନା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଚୋରି ଚାଉଳ ସହ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତମାନେ ଖଡ଼ିଆଳ ଥାନା ଗୋଇମୁଣ୍ଡି ଗାଁର ଝଲେନ୍ଦ୍ର ଚଲାନ(୨୫), ଲଇବାନିଧି ଚଲାନ (୨୭)ଏବଂ ଘର ଧରା ଗାଁର ଚିତ୍ତଦେବ ବେହେରା(୩୮)। ପ୍ରକାଶ ଯେ ଗତ ଜାନୁୟାରୀ ୮ ତାରିଖରେ ରାୟପୁର ଟ୍ରାନ୍ସପୋର୍ଟର ଗୋବିନ୍ଦ ପ୍ରଶାଦ ଜିନ୍ଦଲ ତାଙ୍କ ଗାଡିରୁ ଚାଉଳ ଚୋରି ହୋଇଥିବା ନେଇ ଖଡ଼ିଆଳ ଥାନାରେ ଲିଖିତ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ଖଡ଼ିଆଳ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ସୁତ୍ରରୁ ପ୍ରକାଶ ଯେ ରାୟପୁରରୁ ବିଶାଖାପାଟଣାକୁ ଟ୍ରକ୍ ନଂ-ସିଜି୦୪ ଏନଏକ୍ସ-୭୨୭୭ ଜରିଆରେ ୭୦୦ ବସ୍ତା ଚାଉଳ ଯାଉଥିବା ବେଳେ ଖଡ଼ିଆଳ ଥାନା ବଡପୋଲ ଛକ ନିକଟରେ ଟ୍ରକ୍ ଅଟକି ଥିବା ବେଳେ ଟ୍ରକରୁ ୨୮୨ ବସ୍ତା ଚାଉଳ ଚୋରି ହୋଇଯାଇଥିଲା। ପୁଲିସ ଛାନ ଭିନ କରି ଅଭିଯୁକ୍ତଙ୍କୁ ଠାବ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ଚୋରି ହୋଇଥିବା ୨୮୨ବସ୍ତା ମଧ୍ୟରୁ ୨୪୦ବସ୍ତା ଚାଉଳ ଉଦ୍ଧାର ହୋଇଥିବା ବେଳେ ୪୨ ବସ୍ତା ଚାଉଳକୁ ବିଭିନ୍ନ ସ୍ଥାନରେ ବିକ୍ରି କରିଦେଇଥିଲେ। ୪୨ ବସ୍ତା ଚାଉଳ ବିକ୍ରିବିକ୍ରି କରି ଦେଇଥିଲେ ବୋଲି ସେହି ବାବଦକୁ ୫୪, ୪୦୦ ଟଙ୍କା ଅଭିଯୁକ୍ତଙ୍କ ଠାରୁ ପୁଲିସ ଜବତ କାଟିବା ସହିତ ଚୋରିରେ ବ୍ୟବହୃତ ଦୁଇଟି ଚାରି ଚକିଆ ଗାଡିକୁ ଜବତ କରାଯାଇଛି।

# ନୂଆଦିଲ୍ଲୀ ସାଧାରଣତନ୍ତ୍ର ପରେଡରେ କଳାହାଣ୍ଡିରୁ ଯୋଗ ଦେବେ ୩୫ କଳାକାର

**ଭବାନୀପାଟଣା, ୧୦ା୧(ସମିସ):** ଭବାନୀପାଟଣା ସହରର ଅଗ୍ରଣୀ ଅନୁଷ୍ଠାନ ପ୍ରତିଭାର ଘୁମୁରା ଓ



ବଜାଶାଳ ନୂଆଦିଲ୍ଲୀର ସାଧାରଣତନ୍ତ୍ର ଦିବସ ଉତ୍ସବରେ ଦୁଲୁକିବ। ୩୫ ଜଣିଆ ଟିମ୍ ଶୁକ୍ରବାର ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି ।ଜାନୁଆରୀ ୧୦ତାରିଖରେ ପହଞ୍ଚିବା ପରେ ଅଭ୍ୟାସ ଆରମ୍ଭ ହେବ। ଲୋକନୃତ୍ୟ କଳାହାଣ୍ଡିବାସୀଙ୍କ ହୃଦୟର ସ୍ପନ୍ଦନ ।ପ୍ରତିଭା ଅନୁଷ୍ଠାନର ପ୍ରତିଭାବାନ କଳାକାରମାନେ ଦେଶ ବିଦେଶରେ ନୃତ୍ୟ ପ୍ରଦର୍ଶନ କରି ବେଶ ପ୍ରଶଂସା ସାଉଁଟିଛନ୍ତି। ଦିଲ୍ଲୀରେ ମଧ୍ୟ ନିଜ କଳାର ଯାଦୁକରୀ ଛନ୍ଦରେ ଲୋକବାଦ୍ୟର ତାଳରେ ନାଚି ନଚେଇ କଲହାଣ୍ଡି ପାଇଁ ଗର୍ବ ଓ ଗୌରବ ଆଣିପାରିଛନ୍ତି। ଜାନୁଆରୀ ୨୬ ତାରିଖରେ ରାଜପଥରେ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ପ୍ରତିଭାର ସଭାପତି ଧ୍ୟାନାନନ୍ଦ ପଣ୍ଡା ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେବା କୁ ଥିବା କାର୍ଯ୍ୟକ୍ରମ ନିମନ୍ତେ କୋଲକତା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଏହି ଟିମ ଯାଇଛନ୍ତି। ୧୫ଜଣିଆ ଟିମ୍ ଘୁମୁରା ଓ ୨୦ଜଣିଆ କଳାକାର ବଜାଶାଳ ପ୍ରଦର୍ଶନ କରିବେ। ପୂର୍ବରୁ ଗତ ୨୦୨୧ ମସିହାରେ ପ୍ରତିଭା ପକ୍ଷରୁ ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ ସମାରୋହରେ ରାଜପଥ ରେ ବଜାଶାଳ ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଥିଲେ।

# ଇନ୍ଦ୍ରା ପ୍ରଧାନୀଙ୍କ ପରଲୋକ

**କୋମନ, ୧୦ା୧(ସମିସ):** କୋମନା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଜେଠୁପାଲି ଗାଁର ସାମ୍ବାଦିକ ଚେତୁରାମ ପ୍ରଧାନୀଙ୍କ ମାଆ ଇନ୍ଦ୍ରା ପ୍ରଧାନୀଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ୭୫ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଜେଠୁପାଲିସ୍ଥିତ ନିଜ ବାସଭବନରେ ମୃତ୍ୟୁବରଣ କରିଥିବା ବେଳେ ତାଙ୍କର ଅନ୍ତିମ ସଂସ୍କାର ସମୟରେ ସାମ୍ବାଦିକ ଚେତୁରାମ ପ୍ରଧାନୀ, ବଡ ଭାଇ ଝିମୁ ପ୍ରଧାନୀ, ବଲ୍ଲବ ପ୍ରଧାନୀ, ବୁଦ୍ଧି ସାଗର ପ୍ରଧାନୀ, ଗୋଲଡି ପ୍ରଧାନୀ, ଓକିଲ ପ୍ରଧାନୀ ଲୋଚନ ପ୍ରଧାନୀ, ପୌରସ ପ୍ରଧାନୀ, ଜନ୍ମ ପ୍ରଧାନୀ, ଗଜପତି ପ୍ରଧାନୀ ଓ ପ୍ରଧାନୀ ପରିବାର ସହ ବହୁ ସଂଖ୍ୟାରେ ବନ୍ଧୁ ବର୍ଗ ଉପସ୍ଥିତ ରହି ସ୍ଥାନୀୟ ସ୍ୱର୍ଗ ଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି।

# ଆଜିଠୁ ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

**କୋମନା, ୧୦ା୧(ସମିସ):** ସ୍ଥାନୀୟ ଜେଏମ୍ ହାଇସ୍କୁଲ ଖେଳପଡ଼ିଆ ଠାରେ ଆସନ୍ତା ୧୧ ତାରିଖରୁ ପ୍ରତିଷ୍ଠିତ '୧୯ତମ ବ୍ୟାସଦେବ ମେମୋରିଆଲ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। କୋମନା ଫୁଟବଲ ଆସୋସିଏସନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ଅନେକ ନାମୀଦାମୀ ଦଳ ଅଂଶଗ୍ରହଣ କରୁଛନ୍ତି ।ଟୁର୍ଣ୍ଣାମେଣ୍ଟକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ସମସ୍ତ ମ୍ୟାଚ୍ ଅପରାହ୍ନ ୩ଟା ସମୟରେ ଖେଳାଯିବ ।ଟୁର୍ଣ୍ଣାମେଣ୍ଟରେ ମୋଟ ଆଠଟି ଦଳ ଭାଗ ନେଉଥିବା ବେଳେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଆସନ୍ତା ଜାନୁଆରୀ ୧୭ ତାରିଖ ଅପରାହ୍ନ ୩ଟା ସମୟରେ ଅନୁଷ୍ଠିତ ହେବ ଆୟୋଜକ କମିଟି ସଭାପତି ସୂଚନା ଦେଇଛନ୍ତି।

## ଲାଞ୍ଜିଗଡ଼ରେ ମୁକ୍ତ ବିଦ୍ୟାଳୟ ନାମଲେଖା ପାଇଁ ମେଗା କ୍ୟାମ୍ପ

# ନାମ ଲେଖାଇଲେ ୧୫୧ ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀ



**ଲାଞ୍ଜିଗଡ଼, ୧୦ା୧(ସମିସ):** ଲାଞ୍ଜିଗଡ଼ ଶିକ୍ଷା ବିଭାଗ ପକ୍ଷରୁ ଗତ ଏପ୍ରିଲ ଓ ମେ'ମାସରେ ସିଟିଏସ୍ ସର୍ଭେରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାରୁ ବଞ୍ଚିତ ରହିଥିବା ଛାତ୍ରଛାତ୍ରୀ ଚିହ୍ନଟ କରାଯାଇ ଥିଲା। ବିଦ୍ୟାଳୟରୁ ବାହାରେ ରହିଥିବା କିମ୍ବା ଅଧାରୁ ପାଠ ଛାଡ଼ିଦେଇଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଇବାର ବୃହତ୍ ପଦକ୍ଷେପ ଭାବରେ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସ୍‌ଆଇଓଏସ୍) ଏବଂ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ (ଏନ୍‌ଆଇଓଏସ୍)ରେ ନାମଲେଖା ପାଇଁ ମେଗା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି କ୍ୟାମ୍ପରେ ମୋଟ ୧୫୧ ଜଣ ଛାତ୍ରଛାତ୍ରୀ ନିଃଶୁଳ୍କ ଭାବରେ ନାମ ପଞ୍ଜୀକରଣ କରିଛନ୍ତି। ଚତୁର୍ଥ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ସ୍କୁଲ ଛାଡ଼ିଥିବା ୧୪ ବର୍ଷରୁ ଅଧିକ ଓ ୧୮ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ଦଶମ ଏବଂ (+୨) ପାଇଁ ଏହି ନାମଲେଖା ଅଭିଯାନ ସାରା ରାଜ୍ୟ ଆରମ୍ଭ ହୋଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ନେତୃତ୍ୱ ନେଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୁଡ଼ଲଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ ଏବଂ ବ୍ଲକର ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକମାନେ ସହଯୋଗ କରିଥିଲେ। ତେବେ (ଏନ୍‌ଆଇଓଏସ୍) ୧୩୯ଜଣ ଛାତ୍ରଛାତ୍ରୀ ଓ (ଏସ୍‌ଆଇଓଏସ୍)ରେ ୧୨ଜଣ ଛାତ୍ରଛାତ୍ରୀ ନାମ ଲେଖାଇବା ପାଇଁ ଫର୍ମ ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ୍ ଦାଖଲ କରିଥିଲେ। ବ୍ଲକର ୧୩ଟି କ୍ଲଷ୍ଟରରୁ ଶନିବାର ସମୁଦାୟ ୧୫୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ କହିଛନ୍ତି ଯେ ପରବର୍ତ୍ତୀ ସମୟରେ ଆହୁରି ଅଧିକ ପିଲାଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯାଇ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ପ୍ରୟାସ ଜାରି ରହିବ। ଏହି ଉଦ୍ୟମ ଡ୍ରପ୍‌ଆଉଟ୍ ହାର ହ୍ରାସ କରିବା ସହିତ ଯୁବପିଢ଼ିକୁ ଶିକ୍ଷିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ଆଇନ ସଚେତନତା ଶିବିର

**କେସିଙ୍ଗା, ୧୦ା୧ (ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ପଞ୍ଚାୟତ ଉଚ୍ଚ ବୋରିଆରେ ପରିବେଶ ସୁରକ୍ଷା ଓ ପ୍ରଦୂଷଣରୋକିବା ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ତଥା ବିଚାରପତି ଦୀପ୍ତା ସେଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ପରିବେଶ ସୁରକ୍ଷା ଓ ପ୍ରଦୂଷଣକୁ ରୋକିବା ଏବଂ ତତ୍ସଂଲଗ୍ନ ବିଭିନ୍ନ ଆଇନ ଓ ଉପକ୍ରମରେ ଜନସାଧାରଣଙ୍କ ଅଧିକାର ଓ ପରିବେଶ ପ୍ରତି କର୍ତ୍ତବ୍ୟ ଆଦି ବିଷୟ ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସାହୁ, ଆଇନଜୀବି ସଞ୍ଜୀବ କୁମାର ସ୍ୱାଇଁ, କେସିଙ୍ଗା ଆଦର୍ଶ ଥାନାର ଏଏସ୍‌ଆଇ ଏବଂ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଜାତୀୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ ଚାଲିଥିବା ସଚେତନତା ଶିବିରର ଅଂଶବିଶେଷ ଅଟେ।

## ମନରେଗା ଯୋଜନାକୁ ପୁନଃ ପ୍ରଚଳନ ପାଇଁ ଦାବି

# ହେୟଜ୍ଞାନ କଲେ ଜନ ଆନ୍ଦୋଳନ ନିଶ୍ଚିତ

**ଭବାନୀପାଟଣାର,୧୦ା୧(ସମିସ):** ଦୀର୍ଘ କୋଡ଼ିଏ ବର୍ଷ ପୂର୍ବରୁ ମନମୋହନ ସିଂ ସରକାର କାଳରେ ଶ୍ରମିକଙ୍କ କଲ୍ୟାଣ ପାଇଁ ମନରେଗା ପ୍ରଣୟନ କରି ଦେଶର ଶ୍ରମିକ ମାନଙ୍କୁ ବାର୍ଷିକ ୧୦୦ଦିନର ନିଶ୍ଚିତ କର୍ମ ଯୋଜନା ଯୋଗାଇ ଦେଇଥିଲେ। ତେବେ ବର୍ତ୍ତମାନର କେନ୍ଦ୍ର ବିଜେପି ସରକାର ଏହି ଯୋଜନାକୁ ବନ୍ଦ କରି ଦେଇ ଏକ ନୂତନ ନାମକରଣ କରି ରାମଜୀ ଉପରେ ପ୍ରାଧାନ୍ୟତା ଦେଇଛନ୍ତି। ଏହି ନୂଆ ପରିକଳ୍ପନାର ଯୋଜନା ଯାହା ପ୍ରଣୟନ କରିଛନ୍ତି ତାକୁ ଦେଶରେ ଜାତୀୟ କଂଗ୍ରେସ ଘୋର ବିରୋଧ କରି ଦେଶ ସାରା ଜନ ପ୍ରତିକ୍ରିୟା ପାଇଁ ଆହ୍ୱାନ ଦେଇ ପ୍ରତିବାଦ ଆରମ୍ଭ ହୋଇଛି ।ଏହି ପରିପ୍ରେକ୍ଷୀରେ ଓଡ଼ିଶା କଂଗ୍ରେସ ଦଳ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଜିଲ୍ଲାରେ କଂଗ୍ରେସ ଆନ୍ଦୋଳନ ଜାରି ରଖିଛି। ଶନିବାର କଳାହାଣ୍ଡି ଜିଲ୍ଲା କଂଗ୍ରେସ ଦଳ ମନରେଗା ଯୋଜନାର ପୁନଃ ପ୍ରଚଳନ ଲାଗି ମୁଣ୍ଡ ଟେକିଛି। ଦୁଇ ଚାରି ଚକିଆ ଯାନ ଠାରୁ ପ୍ରଦୂଷଣ ପ୍ରମାଣ ପତ୍ର ନାମରେ ବେଆଇନ ଅର୍ଥ ଆଦାୟ କରାଯାଉଥିବା, ବିଦ୍ୟୁତ୍ ଉପଭୋକ୍ତାଙ୍କ ଠାରୁ ଅତିରିକ୍ତ ଶୁଳ୍କ ଆଦାୟ କରୁଥିବା ଘଟଣାକୁ ବିରୋଧ କରି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତାମାନେ ବିଜେପି ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରକୁ ତିରସ୍କାର କରିବା ସହିତ ସମାଲୋଚନା କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ନାଏକ, ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ମହିଳା ନେତ୍ରୀ ଦ୍ରୌପଦୀ ମାଝୀ ପ୍ରମୁଖ ନିନ୍ଦା ପ୍ରକାଶ କରିଥିଲେ। କେନ୍ଦ୍ରର ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଶ୍ରମିକଙ୍କ ଆର୍ଥିକ ସ୍ୱଚ୍ଛଳ ବୃଦ୍ଧି ଏବଂ ଦାଦନ ରୋକିବା ନେଇ କରିଥିବା ଯୋଜନାର ଭାବପ୍ରବଣତାକୁ ଭୁଲିଗଲା କେନ୍ଦ୍ର ସରକାର। ଶ୍ରମିକମାନଙ୍କ ଆର୍ଥିକ ସ୍ୱଚ୍ଛଳ ବଦଳରେ ହତାଶ ହେବାରୁ ତୁରନ୍ତ ପ୍ରଣୟନ କରିଥିବା ଯୋଜନାକୁ ବନ୍ଦ କରାଯାଉ ବୋଲି କୁହାଯାଇଛି ।ସେହିପରି ବାୟୁ ପ୍ରଦୂଷଣ ନାମରେ ରାଜ୍ୟର ବିଜେପି ସରକାର ଦୁଇ ଚକିଆ ଓ ଚାରି ଚକିଆ ଯାନ ଠାରୁ ବେନିୟମ ଅର୍ଥ ଆଦାୟକୁ ବିରୋଧ କରାଯାଇଥିଲା ।ରାଜ୍ୟର କଳକାରଖାନା, ଶିଳ୍ପାନୁଷ୍ଠାନ ଗୁଡିକ ଅଧିକ ବାୟୁ ପ୍ରଦୂଷଣ କରୁଥିବା ବେଳେ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ବଦଳରେ ନିରବ ରହିଛନ୍ତି। ବେନିୟମ ଅର୍ଥ ଆଦାୟର ନୀତିରୁ ଦୂରେଇ ରୁହନ୍ତୁ ରାଜ୍ୟ ସରକାର। ମାଗଣା ବିଦ୍ୟୁତ୍ ସେବା ପରିବର୍ତ୍ତେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଠାରୁ କମ୍ପାନୀ ଅତିରିକ୍ତ ଶୁଳ୍କ ଆଦାୟ ଦୁର୍ଭାଗ୍ୟଜନକ। ସାମ୍ବାଦିକ ସମିଳନୀରେ ଜିଲ୍ଲା ଉପସଭାପତି ଉତ୍ସବ ସାହୁ, ସୁକାନ୍ତି ସରାଫ, ସୁକାନ୍ତ ବିଶି ବ୍ରଜ ମୋହନ ସାହୁ, ଲକ୍ଷ୍ମୀ ପ୍ରିୟା ନାୟକ, ସୈଭାଗ୍ୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଆଇଟିଏଫ୍ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

# କଳାହାଣ୍ଡିର ୫କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା, ୧୦ା୧(ସମିସ)**

ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଇଣ୍ଡିଆ ଏବଂ ତାଏକ୍ୱେଣ୍ଡୋ ଫାଇଟର୍ସ ଆସୋସିଏସନ୍ ଅଫ୍ ଗୁଜୁରାଟ ଆନୁକୂଲ୍ୟରେ ଗୁଜୁରାଟର ଅହମଦାବାଦ କୋବାସ୍ଥିତ ପ୍ରେକ୍ଷାଧ୍ୟାନ ଏକାଡେମୀ ଠାରେ ଜାତୀୟ ଆଇଟିଏଫ୍ ତାଏକ୍ୱେଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ଦେଶବ୍ୟାପି ୬୭୧ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଓଡ଼ିଶାରୁ ୨୮ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରୁ କଳାହାଣ୍ଡି ତାଏକ୍ୱୋଣ୍ଡୋ ଆସୋସିଏସନର ମୁଖ୍ୟ ଶେଖ ମୁନାୱାରଙ୍କ ନେତୃତ୍ୱରେ କଳାହାଣ୍ଡିରୁ ୧୦ ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ। ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ୧୮ଟି ପଦକ ମିଳିଥିବା ବେଳେ କଳାହାଣ୍ଡିର ପାଞ୍ଚଜଣ ପ୍ରତିଯୋଗୀ ସଫଳତା ହାସଲ କରି ପଦକ ଲାଭ କରିଛନ୍ତି। ପଦକ ତାଲିକାରେ ବ୍ୟକ୍ତିଗତ ତୁଲ୍ ବା ପାର୍ଟନ କଲର ବେଲ୍ଟରେ ଦୟା ରାଉତ ରୌପ୍ୟ ପଦକ ହାସଲ କରିଥିବା ବେଳେ ବ୍ୟକ୍ତିଗତ ବ୍ଲାକ୍‌ବେଲ୍ଟ ତୁଲରେ ୧ମ ଡାନ୍‌ରୁ ୩ୟ ଡାନ୍‌ରେ




ଶେଖ୍ ମୁନୱର୍ ବ୍ରୋଞ୍ଜ ପଦକ, ବ୍ୟକ୍ତିଗତ ସ୍ପାରିଙ୍ଗ ବାଳିକା ବିଭାଗ ୧୧୧୩ ବର୍ଷ ବୟସ ବର୍ଗରେ ରିଧି ସାହୁ ବ୍ରୋଞ୍ଜ ପଦକ, ବାଳକ ବର୍ଗରେ ୮-୧୦ ବର୍ଗ ଏବଂ ୪୦-୪୫ କେଜି ବର୍ଗରେ ସୋମନାଥ ମହାପାତ୍ର ବ୍ରୋଞ୍ଜ ପଦକ ଏବଂ ବ୍ଲାକ୍‌ବେଲ୍ଟ୍ସ ୧ମ ଡାନ୍‌ରୁ ୩ୟ ଡାନ୍ ଏବଂ ୩୫ ବର୍ଷ ଉର୍ଦ୍ଧ୍ୱ ବର୍ଗରେ ଶେଖ୍ ମୁନାୱର ବ୍ରୋଞ୍ଜ ପଦକ ଲାଭ କରି ସଫଳତା ହାସଲ କରିଛନ୍ତି। କେବଳ ସେତିକି ନୁହେଁ ଏହି ପ୍ରତିଯୋଗିତାରେ ଭାଗ ନେଇ କଳାହାଣ୍ଡିର ପ୍ରଥମ ମହିଳା ତାଏକ୍ୱୋଣ୍ଡୋ ବ୍ଲାକବେଲ୍ଟ ପ୍ରଥମ ଡାନ ହାସଲ କରିଛନ୍ତି ରେଶମା ବେଗମ। ଜଣେ ଗୃହିଣୀ ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇବା ସହିତ ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ସଫଳତା ହାସଲ କରିଛନ୍ତି। ତାଏକ୍ୱୋଣ୍ଡୋ ଆସୋସିଏସନ ଅଫ୍ ଇଣ୍ଡିଆର ସଭାପତି ତଥା ଗ୍ରାଣ୍ଡମାଷ୍ଟର ବି. ରାଜେନ୍ଦ୍ରନଙ୍କ ଠାରୁ ସେ ପ୍ରଥମ ଡାନ୍ ବ୍ଲାକବେଲ୍ଟ ଉପାଧି ଓ ବ୍ଲାକବେଲ୍ଟ ସାର୍ଟିଫିକେଟ ଗ୍ରହଣ କରିଥିଲେ। କୋଚ ଶେଖ ମୁନାୱାରଙ୍କ ସହିତ ମାଷ୍ଟର ରଚନା ଚୌରାସିଆ, ମାଷ୍ଟର ନରେନ୍ଦ୍ର କୌଶଳ କୁମାର, ନିରଜ କୁମାରଙ୍କ ଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇଛନ୍ତି। ଆଜି ସ୍ଥାନୀୟ ଭାଗିରଥୀ ଇନ ସମ୍ମିଳନୀ କକ୍ଷରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ପର୍ବ ଓ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଡ.ଅଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ସମାଜସେବୀ ଧର୍ମେନ୍ଦ୍ର ନାଏକ, ସରୋଜ ବାଗ, ରେଶମା ବେଗମ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତେ ତାଏକ୍ୱୋଣ୍ଡା ସରକାରୀ ସ୍ତରରେ ହେଉ କି ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ପୃଷ୍ଠପୋଷକତାର ଘୋର ଅଭାବକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ଶେଖ ମୁନାୱାର ସ୍ୱାଗତ ଅଭିଭାଷଣ ସହିତ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା




**ଭବାନୀପାଟଣା, ୧୦ା୧ (ସମିସ):** ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ମହିଳା ୟୁନିଟ ପକ୍ଷରୁ ପୋଷ୍ୟଗ୍ରାମ ରିସିଗାଁରେ ସଡ଼କ ସୁରକ୍ଷା ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଗ୍ରାମବାସୀଙ୍କ ମଧ୍ୟରେ ସଡକ ସୁରକ୍ଷା, ହେଲମେଟ ପିନ୍ଧିବା, ଯାତାୟାତ ନିୟମ ମାନିବା ଏବଂ ଅତିଦ୍ରୁତ ଗାଡ଼ି ଚାଳନାର ଦୁର୍ଘଟଣାଜନିତ ପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ରିସିଗାଁ ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଶିକ୍ଷୟିତ୍ରୀ ଅନୀତା ମହାନ୍ତି ମୁଖ୍ୟ ଅତିଥି ଭାବେ ରାଲିରେ ଯୋଗଦେଇଥିଲେ ।ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ.ତ୍ରିଲୋଚନ ଜେନା, ପ୍ରଶାସନିକ ବର୍ସାର ଧିରେଶ ଚନ୍ଦ୍ର ନନ୍ଦ, ଅଧ୍ୟାପକ ଡା. ସୁଭମ ତ୍ରିପାଠୀ ଏବଂ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଡ. ରାଧାରାଣୀ ନାୟକ ୫୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀକାଙ୍କ ସହ ରାଲିରେ ସାମିଲ ହୋଇଥିଲେ। ରାଲିଟି ରିସିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ଗ୍ରାମ ପରିକ୍ରମା କରିଥିଲା। ହେଲମେଟ ପିନ୍ଧନ୍ତୁ, ଜୀବନ ବଞ୍ଚାନ୍ତୁ, ଯାତାୟାତ ନିୟମ ମାନନ୍ତୁ, ଅତିଦ୍ରୁତ ଗତି ଜୀବନକୁ ବିପଦରେ ପକାଏ ପରି ସ୍ଲୋଗାନ୍ ସହ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀକାମାନେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ।

# ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର, ୧୦।୧(ସମିସ): ଗାଡ଼ି ଚାଳକଙ୍କ ଉପରେ ମନଇଚ୍ଛା ଜରିମାନା ଓ ତ୍ରୁଟିପୂର୍ଣ୍ଣ ପ୍ରଦୂଷଣ ପ୍ରମାଣପତ୍ର ନୀତିର ପ୍ରତିବାଦ କରିଛି ପ୍ରଦେଶ ଯୁବ କଂଗ୍ରେସ। ଶନିବାର ବହୁ ସଂଖ୍ୟାରେ ଯୁବ କଂଗ୍ରେସ କର୍ମୀ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କ ସରକାରୀ ବାସଭବନ ଘେରାଉ କରିଛନ୍ତି। ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ କର୍ମୀମାନେ କଂଗ୍ରେସ ଭବନରୁ ଏକ ସାଇକେଲ ଶୋଭାଯାତ୍ରାରେ ବାହାରି ମନ୍ତ୍ରୀଙ୍କ ବାସଭବନ ନିକଟରେ ପହଞ୍ଚିଥିଲେ। ସେଠାରେ ପୁଲିସ ବାଧା ଦେବାରୁ ଧସ୍ତାଧସ୍ତି ଭଳି



ପରିସ୍ଥିତି ଉପୁଜିଥିଲା। ପରେ ପୁଲିସ ଆନ୍ଦୋଳନରତ ଯୁବ କଂଗ୍ରେସ କର୍ମୀମାନଙ୍କୁ ଉଠାଇ ନେଇଥିଲା।

ସଭାପତି ଶ୍ରୀ ପାତ୍ର କହିଥିଲେ ଯେ ଗାଡ଼ି ଚାଳକମାନଙ୍କର ରକ୍ତଶୋଷଣ କରିବା ପାଇଁ ମୋହନ ସରକାର ବ୍ୟବସ୍ଥା କରିଛି। ଯେଉଁଭଳି ଭାବରେ ଜରିମାନା ଲଦି ଦିଆଯାଇଛି, ତାହା ଅତୀତର ବ୍ରିଟିଶ ଓ ମୋଗଲ ଶାସନର ଜନବିରୋଧୀ ନୀତିକୁ ଅତିକ୍ରମ କରିଛି। ପରିବହନ ମନ୍ତ୍ରୀ ଗାଡ଼ି ଚାଳକମାନଙ୍କ ତଣ୍ଟି ଚିପି ଅର୍ଥ ଆଦାୟ କରିବାର ଦାୟିତ୍ୱ ନେଇଛନ୍ତି। ଓଡ଼ିଶାର ଲକ୍ଷଲକ୍ଷ ଗାଡ଼ିଚାଳକମାନଙ୍କୁ ଯନ୍ତ୍ରଣା ଭିତରକୁ ଠେଲି ଦେଇଥିବା ପରିବହନ ମନ୍ତ୍ରୀ ଓ ତାଙ୍କ ସରକାର ବିରୋଧରେ ଜନଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ପାତ୍ର କହିଥିଲେ। ପ୍ରଦୂଷଣ ପ୍ରମାଣପତ୍ର ସହିତ ଫାଇନକୁ ଯୋଡ଼ିବା ବେଆଇନ। ମାତ୍ରାଧିକ ଜରିମାନା ଆଦାୟ ନିଷ୍ପତ୍ତିରୁ ଓହରି ସରକାର ସରଳ ଜରିମାନା ବ୍ୟବସ୍ଥାର ପୁନର୍ବିଚାର କରନ୍ତୁ ବୋଲି ସେ ଦାବି କରିଥିଲେ।

ଏହି ବିକ୍ଷୋଭରେ ମନୋଜ ବିଶ୍ୱାଳ, ୟାସିର ନୱାଜ, ସୁଦିପ ସାମଲ, ଅଭିଜିତ ଜେନା, ଗୋପନ ମାର୍ଥା, ଶିବ ଅଗ୍ରୱାଲ, କିରଣ ସାହୁ, ମହମ୍ମଦ ଗୁଲଫାମଙ୍କ ସହ ବହୁ ଯୁବ କଂଗ୍ରେସ କର୍ମକର୍ତ୍ତା ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

# ଓସ୍କାରରେ ୩ ବିଭାଗରେ ଅକ୍ଷୟ ପରିଜାଙ୍କ 'ପାପା ବୁକା'

ଭୁବନେଶ୍ୱର, ୧୦।୧(ସମିସ): ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ଚଳଚ୍ଚିତ୍ର 'ପାପା ବୁକା' ୯୮ତମ ଏକାଡେମୀ ଆୱାର୍ଡସ୍ (ଓସ୍କାର)ର ତିନୋଟି ବିଭାଗରେ ସ୍ଥାନ ପାଇ ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଏକ ଗୌରବମୟ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ଚଳଚ୍ଚିତ୍ରଟି ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଚିତ୍ରନାଟ୍ୟ ଏବଂ ଶ୍ରେଷ୍ଠ ଅଭିନେତା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଏହା ଓଡ଼ିଆ ତଥା ଭାରତୀୟ ସ୍ୱାଧୀନତା ସିନେମା ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଓଡ଼ିଶାର ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା, ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ବିଜେତା ଅକ୍ଷୟ କୁମାର ପରିଜା। ପି.ଏ ରଞ୍ଜିତ ଏବଂ ପ୍ରକାଶ ବେରେ ପ୍ରଯୋଜନାରେ ସହଯୋଗ କରିଛନ୍ତି। ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଡକ୍ଟର ବିଜୁ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

'ପାପା ବୁକା'ରେ ପପୁଆ ନ୍ୟୁ ଗିନିର ଆଦିବାସୀ ସଂସ୍କୃତି ଓ ପରମ୍ପରା ପ୍ରଦର୍ଶିତ ହୋଇଛି। ପପୁଆ ନ୍ୟୁ ଗିନିର ପୃଷ୍ଠଭୂମିରେ ନିର୍ମିତ ଏହି ଚଳଚ୍ଚିତ୍ରଟି ପରିଚୟ, ସ୍ମୃତି ଏବଂ ମାନବୀୟ ଶକ୍ତିକୁ ଉଜ୍ଜୀବିତ କରିଛି। ଅନେକ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଏହା ପ୍ରଦର୍ଶିତ ହେବା ସହ ନିଜର ସଚ୍ଚୋଟ କାହାଣୀ ପାଇଁ ବେଶ୍ ପ୍ରଶଂସା ସାଉଁଟିଛି। ଓସ୍କାରର ଏକାଧିକ ବିଭାଗରେ ଏହାର ଚୟନ ଓଡ଼ିଶାର ଚଳଚ୍ଚିତ୍ର ନିର୍ମାତାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଏବଂ ବିଶ୍ୱ ଦରବାରରେ ଭାରତୀୟ ସିନେମାର ବଢୁଥିବା ପ୍ରଭାବକୁ ଦର୍ଶାଉଛି। ଏହି ସଫଳତାକୁ ବିଶ୍ୱସ୍ତରରେ ଓଡ଼ିଆ ସିନେମାର ଏକ ଐତିହାସିକ ବିଜୟ ଭାବେ ପାଳନ କରାଯାଉଛି।




■ ପୁଞ୍ଜିବଜାରରେ ଟ୍ରେଡିଂ ଆଳରେ ଠକେଇ

# ୯୦ ଲକ୍ଷ ଟଙ୍କା ଥିବା ଆକାଉଣ୍ଟ ଅଚଳ; ୭ ଗିରଫ

■ କଟକ, ୧୦।୧ (ସମିସ): ମଧୁପାଟଣା ଥାନା ଅଞ୍ଚଳରେ ଚାଲିଥିବା ଏକ ଅନ୍ତଃରାଜ୍ୟ ସାଇବର ଲୁଟେରା ଗ୍ୟାଙ୍ଗ୍‌କୁ ପୁଲିସ କାବୁ କରିଛି। ଦୀର୍ଘ ଦିନ ହେବ ଏହି ସାଇବର ଲୁଟେରାମାନେ ସାଧାରଣ ଲୋକଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସାଇବର୍ ଲୁଟେରାଙ୍କ ସମେତ ବେସରକାରୀ ବ୍ୟାଙ୍କ୍ କର୍ମଚାରୀ ସମ୍ପୃକ୍ତ ରହିଛନ୍ତି। ଅଭିଯୁକ୍ତମାନେ ହେଲେ, ବାଲିକୁଦା ଥାନା ଅନ୍ତର୍ଗତ ବବ୍‌ଲୁ ନାୟକ(୨୭), ମାହାଙ୍ଗା ଥାନା ଅନ୍ତର୍ଗତ ପନ୍ନାଗ ନାରାୟଣ ଦାସ(୨୫), ତିର୍ତ୍ତୋଲ ଥାନା ଅନ୍ତର୍ଗତ ରୁଦ୍ରମାଧବ ମହାପାତ୍ର(୨୩)। ଏହାଛଡ଼ା ଏହି ଘଟଣାରେ ଗିରଫ ହୋଇଥିବା ବେସରକାରୀ ବ୍ୟାଙ୍କ କର୍ମଚାରୀମାନେ ହେଲେ ଉତ୍କର୍ଷ ବ୍ୟାଙ୍କ୍‌ର ରିଲେସନ୍‌ସିପ୍ ମ୍ୟାନେଜର ହରେକୃଷ୍ଣ ସାହୁ(୩୦), ବନ୍ଧନ ବ୍ୟାଙ୍କ୍‌ର ଡେପୁଟି ମ୍ୟାନେଜର ଅଭିଷେକ ମହାନ୍ତି(୩୧), ଆକ୍ସିସ୍ ବ୍ୟାଙ୍କ୍‌ର ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ମଲ୍ଲିକ(୩୨) ଓ ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ର ସହକାରୀ ପରିଚାଳକ ସ୍ୱରାଜ କୁମାର ସାମଲ(୩୨)। ଏମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ଏହି ଘଟଣାରେ ୬୯ଟି ମୋବାଇଲ୍ ଫୋନ୍, ୪ଟି ଲ୍ୟାପଟପ୍, ୩ଟି ଡେସ୍କଟପ୍, ୨୧୫ଟି ସିମ୍‌କାର୍ଡ, ୫୫୪ଟି ବ୍ୟାଙ୍କ୍ ପାସବୁକ୍, ୭୦୨ଟି ଡେବିଟ୍ ଓ କ୍ରେଡିଟ୍ କାର୍ଡ, ଗୋଟିଏ କାର୍ ଓ ବାଇକ୍‌କୁ ଜବତ କରାଯାଇଛି। ୯୦ଲକ୍ଷ ଟଙ୍କା ଗଚ୍ଛିତ ଥିବା ଏକ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଅଚଳ କରି ଦିଆଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ମଧୁପାଟଣା ଥାନାରେ ୨ ଦିନ ପୂର୍ବରୁ ଟ୍ରେଡିଂ ଆଳରେ ଲକ୍ଷାଧିକ ଟଙ୍କା ଠକେଇ ନେଇ ଏକ ଅଭିଯୋଗ ହୋଇଥିଲା। ସେଦିନ ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ସମାନ ଅଭିଯୋଗ କରିବାରୁ ଘଟଣାକୁ ପୁଲିସ ଗୁରୁତ୍ୱର ସହ ଗ୍ରହଣ କରିଥିଲା। ପ୍ରାରମ୍ଭିକ ତଦନ୍ତରୁ ଏକ ବଡ଼ ରାକେଟ୍ ଏହି ଅପରାଧରେ ସାମିଲ ଥିବା ଜଣାପଡ଼ିଥିଲା। ତେଣୁ ମଧୁପାଟଣା ଥାନା ପୁଲିସ କଟକ ସାଇବର ଥାନା ପୁଲିସ ସହାୟତାରେ ଟଙ୍କା ଟ୍ରାନ୍ସଫର ହୋଇଥିବା ଏକାଧିକ ଆକାଉଣ୍ଟର ତଥ୍ୟ ଆଣି ଯାଞ୍ଚ କରିଥିଲା। ପ୍ରଥମ ଘଟଣାରେ ନିର୍ଦ୍ଦିଷ୍ଟ ଏକ ବ୍ୟାଙ୍କର ସମସ୍ତ ଆକାଉଣ୍ଟ ବ୍ୟବହାର ହୋଇଥିବାରୁ ଠକେଇ ପଛରେ ବ୍ୟାଙ୍କ କର୍ମଚାରୀଙ୍କ ସଂପୃକ୍ତି ଥିବା ପୁଲିସ ସ୍ପଷ୍ଟ ହୋଇଥିଲା। ତଦନ୍ତକ୍ରମେ ପୁଲିସ ଜଗତସିଂହପୁର ଆକ୍ସିସ ବ୍ୟାଙ୍କର ପିଆରଓ ଦେବାଶିଷକୁ ଗିରଫ କରିଥିଲା। ତାଙ୍କ ସୂଚନା ଆଧାରରେ ପୁଲିସ ପର୍ଯ୍ୟାୟକ୍ରମେ ବ୍ୟାଙ୍କ ଅଧିକାରୀ ହରେକୃଷ୍ଣ, ଅଭିଷେକ ଓ ସ୍ୱରାଜକୁ ଗିରଫ କରିଥିଲା। ସେମାନଙ୍କୁ ପୁଲିସ ଜେରା କରିବାରୁ ଠକେଇ ପଛର ମାଷ୍ଟରମାଇଣ୍ଡ ବି.ଟେକ୍ ଛାତ୍ର ରୁଦ୍ରମାଧବ ସମେତ ବବ୍‌ଲୁ ଓ ନାରାୟଣ ଧରାପଡ଼ିଥିଲେ। ଏହି ୩ ଜଣ ଅଭିଯୁକ୍ତ ଟ୍ରେଲିଗ୍ରାମ୍ ଭଳି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଟ୍ରେଡିଂରେ ଅର୍ଥ ବିନିଯୋଗ ପାଇଁ ବିଜ୍ଞାପନ ଦେଉଥିଲେ। ସ୍ୱଳ୍ପ ନିବେଶରେ କମ ସମୟ ମଧ୍ୟରେ ଅଧିକ ଫେରସ୍ତ ମିଳିବାର ପ୍ରତିଶ୍ରୁତି ଦିଆଯାଉଥିଲା। ଏମିତିକି ନିବେଶକଙ୍କ ବିଶ୍ୱାସ ଜିଣିବା ପାଇଁ ପ୍ରଥମ ଦଫାରେ ତାଙ୍କୁ ଅଳ୍ପ କିଛି ଟଙ୍କା ଫେରସ୍ତ ମଧ୍ୟ କରୁଥିଲେ। ଏଥିରେ ପ୍ରଲୋଭିତ ହୋଇ ଏକସଂଗେ ମୋଟା ଅଙ୍କର ନିବେଶ କରିବାମାତ୍ରେ ତାଙ୍କର ଆକାଉଣ୍ଟ ବନ୍ଦ କରିଦେଉଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହାଡ଼ଭଙ୍ଗା ଜାଡ଼...

ବେଳେ ଏହା ଜାନୁଆରୀ ମାସରେ ସହରର ଇତିହାସରେ ସବୁଠାରୁ ଥଣ୍ଡା ରାତି ବୋଲି ଜଣାପଡ଼ିଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାତିରେ ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୩.୨ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏହାତଳକୁ ରାଉରକେଲାରେ ୪.୧ ଡିଗ୍ରୀ, ଚିପିଲିମାରେ ୫.୫ ଡିଗ୍ରୀ, କିରେଇରେ ୫.୮ ଡିଗ୍ରୀ, ସେମିଳିଗୁଡ଼ାରେ ୬.୨ ଡିଗ୍ରୀ, ଫୁଲବାଣୀ ଓ ଅନୁଗୋଳରେ ୬ ଡିଗ୍ରୀ, ଦାରିଙ୍ଗିବାଡ଼ିରେ ୬.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୬.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରରେ ଗତ ୨୪ ଘଣ୍ଟାରେ ରାତି ତାପମାତ୍ରା ୭.୪ ଡିଗ୍ରୀ ରହିଥିବା ବେଳେ ନବରଙ୍ଗପୁରରେ ୭.୫ ଡିଗ୍ରୀ, ଢେଙ୍କାନାଳରେ ୭.୭ ଡିଗ୍ରୀ, ରାଣୀତାଲରେ ୮.୨ ଡିଗ୍ରୀ, ଭବାନୀପାଟଣାରେ ୮.୨ ଡିଗ୍ରୀ, ମହିଷାପାଟରେ ୮.୪ ଡିଗ୍ରୀ, ବାରିପଦାରେ ୮.୮ ଡିଗ୍ରୀ, କଟକରେ ୯ ଡିଗ୍ରୀ, ବାରିପଦାରେ ୮.୮ ଡିଗ୍ରୀ, ସୋନପୁରରେ ୯.୩ ଡିଗ୍ରୀ, ସମ୍ବଲପୁରରେ ୯.୪ ଡିଗ୍ରୀ ରେକର୍ଡ କରାଯାଇଛି। ଏତଦ୍ ବ୍ୟତୀତ ଶୁକ୍ରବାର ବୌଦ୍ଧରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀରରେ ୯.୫ ଡିଗ୍ରୀ, କୋରାପୁଟରେ ୯.୮ ଡିଗ୍ରୀ, ବରଗଡ଼ରେ ୯.୮ ଡିଗ୍ରୀ, ହୀରାକୁଦ ଓ ବାଲେଶ୍ୱରରେ ୯.୯ ଡିଗ୍ରୀ ଏବଂ ରାୟଗଡାରେ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ରବିବାର ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଅନୁଗୋଳରେ ଶୀତ ଲହରୀର ଆଶଙ୍କା ଥିବା ବେଳେ ଉକ୍ତ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ମିଲର୍ ଅଧା ଖୁସି...

ସବୁ ଫନ୍ଦି କରିଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଚଳିତ ୨୦୨୫-୨୬ ଖରିଫ ଋତୁରେ ପ୍ରଥମେ ବରଗଡ଼ରୁ ଧାନ କିଣା ଆରମ୍ଭ ହୋଇଥିଲା। ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଏବେ ଜିଲ୍ଲାରେ ଚାଷୀ ପ୍ରତାରଣାର ଶିକାର ହୋଇଥିବା ନେଇ ଅଭିଯୋଗ କରୁଛନ୍ତି। ଦାନ କ୍ରୟକୁ ଦେଢ଼ ମାସରୁ ଅଧିକ ସମୟ ବିତିଯାଇଥିବା ବେଳେ ଧାନ ଉଠାଣରେ କିନ୍ତୁ ଏହି ଜିଲ୍ଲା ପଛରେ ପଡ଼ିଛି। ଗତ ବର୍ଷ ଆଜିର ତାରିଖ ସୁଦ୍ଧା ପ୍ରାୟ ୫୦ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ଚଳିତବର୍ଷ ମାତ୍ର ୩୩ ଲକ୍ଷ ୪୧୨୩୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଅର୍ଥାତ୍ ଜିଲ୍ଲାରେ ଆଜିସୁଦ୍ଧା ୧୬ ଲକ୍ଷ କୁଇଣ୍ଟାଲ କମ୍ ଧାନ କ୍ରୟ ହୋଇଛି।

ମିଲର୍ସ ସମସ୍ୟା, ମଣ୍ଡି ଅବ୍ୟବସ୍ଥା, କଟନୀ ଛଟନୀ ଯୋଗୁଁ ଚାଷୀଙ୍କ ଦାନ ଉଠୁ ନ ଥିବାବେଳେ ଚାଷୀ ବାଧ୍ୟ ହୋଇ ଅଭାବୀ ବିକ୍ରି କରୁଥିବା ନେଇ ସୂଚନା ମିଳୁଛି। ମୟୂରଭଞ୍ଜରେ ଗତ ଡିସେମ୍ବର ୨୬ ତାରିଖରେ ଆନୁଷ୍ଠାନିକ ଭାବେ ମଣ୍ଡି ଖୋଲାଗଲା। ମାତ୍ର ମୁଣ୍ଡ ଉପରେ ଜିଲ୍ଲାର ଗଣପର୍ବ ମକର ଥିବାବେଳେ ଚାଷୀ କାନ୍ଦକାନ୍ଦ ସ୍ଥିତିରେ ଅଛନ୍ତି। ବିଭିନ୍ନ ସ୍ଥାନରେ ଧାନକିଣାର ବିକଳ ଚିତ୍ର ସାମ୍ନାକୁ ଆସୁଛି। ଚାଷୀ ଧାନ ଧରି ବସିଥିବା ବେଳେ ସରକାର ଟୋକନ ଜାରି କରୁନାହାନ୍ତି। ମାତ୍ର ଯେଉଁ ଚାଷୀ ବିଲ୍‌କୁଲ୍ ଚାଷ କରିନାହାନ୍ତି, ସେମାନଙ୍କୁ ଟୋକନ ଦିଆଯାଇଛି। ମକର ମେଳା ପାଖେଇ ଆସୁଥିବାରୁ ଚାଷୀ ପଡ଼ୋଶୀ ଝାଡ଼ଖଣ୍ଡର ଦଲାଲଙ୍କୁ ଖୁବ୍ କମ୍ ଦରରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି। ନିକଟରେ ରାଇରଙ୍ଗପୁରରେ ଝାଡ଼ଖଣ୍ଡୀ ଦଲାଲଙ୍କ ଧାନ ଜବତ ହୋଇଥିଲା। ତେବେ ଭାତ ହାଣ୍ଡିରୁ ଗୋଟିଏ ଦାନା ଚିପିବା ପରି ଏହା ଏକ ଉଦାହରଣ ବୋଲି ଚାଷୀ ନେତାମାନେ ଅଭିଯୋଗ କରିଛନ୍ତି।

ନୂଆପଡ଼ାରେ ଗତ ଡିସେମ୍ବର ୪ ତାରିଖରେ ମଣ୍ଡି ଖୋଲିଥିଲା; ମାତ୍ର ୫ କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀକୁ ନେଇ ନାକେଦମ୍ ହେଲେଣି ଚାଷୀ। ସେହିପରି ସବୁ ମଣ୍ଡିରେ ମିଲର୍ ପହଞ୍ଚି ପାରୁ ନ ଥିବା ବେଳେ ଚାଷୀ ବାଧ୍ୟ ହୋଇ ବାହାରେ ଧାନ ବିକ୍ରି କରୁଛନ୍ତି। କଟକ ଜିଲ୍ଲାରେ ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଗତ ୭ ତାରିଖରୁ ଚାଷୀଙ୍କ ନିକଟକୁ ଧାନ ବିକ୍ରି ପାଇଁ ଟୋକନ ଆସିସାରିଛି; ମାତ୍ର ଏଯାବତ୍ ମଣ୍ଡି ଖୋଲିନାହିଁ। ଚାଷୀ କୋଉଠି ଧାନ ବିକ୍ରି କରିବେ ବୋଲି ପ୍ରଶ୍ନ କରୁଛନ୍ତି।

ଭଦ୍ରକ ଜିଲ୍ଲାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳୁଛି। ଗତ ୫ ତାରିଖରେ ଜିଲ୍ଲାରେ ଆନୁଷ୍ଠାନିକ ଭାବେ ମଣ୍ଡି ଖୋଲିଲା। ପର୍ଯ୍ୟାୟକ୍ରମେ ବିଭିନ୍ନ ଅଞ୍ଚଳରେ ମଣ୍ଡି ଖୋଲିବାରେ ଲାଗିଛି। ଚାଷୀଙ୍କୁ ଟୋକନ ମଧ୍ୟ ଜାରି ହେଲାଣି; ମାତ୍ର ଖୋଲିଥିବା କେତେକ ମଣ୍ଡିରେ କିନ୍ତୁ ଧାନ କିଣାଯାଉ ନାହିଁ। ଅନୁଗୋଳରେ ଆଜି (ଶନିବାର)ଠାରୁ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଆରମ୍ଭରୁ ବିଭ୍ରାଟ ଦେଖାଦେଲାଣି। ପ୍ରଥମ ଦିନରୁ ଚାଷୀଙ୍କର ୫ କେଜି ଯାଏଁ ଧାନ କଟ୍‌ନୀଛଟ୍‌ନୀ ହେଉଥିବା ବେଳେ ବସ୍ତା ଦିଆଯାଉ ନାହିଁ। ଯାହାକୁ ନେଇ ଚାଷୀ ତାତିଲେଣି। ସମ୍ବଲପୁରରୁ ବଲାଙ୍ଗିର, ବ୍ରହ୍ମପୁରରୁ ବାଲେଶ୍ୱର- ସବୁଠି ଧାନ କିଣା ଜନିତ ଅବ୍ୟବସ୍ଥାରେ ମାଳମାଳ ଚିତ୍ର ସାମ୍ନାକୁ ଆସୁଛି।

ଅପରପକ୍ଷେ ୪ ଦଫା ଦାବି ନେଇ ମିଲର୍ସ ସଂଘ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ବର୍ତ୍ତମାନ ଆନ୍ଦୋଳନକୁ ସ୍ଥଗିତ ରଖିଛି ସଂଘ। ସରକାର ସଂଘର ଗୋଟିଏ ଦାବି ମାନି ନେଇଥିବା ବେଳେ ଆଉ ୩ଟି ଦାବି ପୂରଣ କରିବାକୁ ୧୫ ଦିନର ସମୟ ମାଗିଛନ୍ତି। ମକର ସଂକ୍ରାନ୍ତିକୁ ଦୃଷ୍ଟିରେ ରଖି ସଂଘ ମଧ୍ୟ ସରକାରଙ୍କ କଥାକୁ ମାନି ନେଇଛି। ମାତ୍ର ଏହି ୧୫ ଦିନରେ ମିଲରଙ୍କ ସବୁ ଦାବି ସରକାର ମାନି ନ ନିଅନ୍ତି, ତା'ହେଲେ ପୁଣିଥରେ ରାଜ୍ୟରେ ଧାନ କିଣା ଠପ୍ ହୋଇଯିବା ନେଇ ଆଶଙ୍କା କରାଯାଉଛି।

### ରାଜ୍ୟରେ ଭୁଶୁଡ଼ିପଡ଼ିଛି...

ଶୀତରେ ଚାଷୀମାନେ ମଣ୍ଡିରେ ନିଜ ଅମଳ ଧାନକୁ ଜଗି ବସିଛନ୍ତି। ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ଚାଷୀଙ୍କୁ ଅନେକ ପ୍ରତିଶ୍ରୁତି ଦେଇ ବିଜେପିର ଡବଲ୍ ଇଞ୍ଜିନ୍ ସରକାର କ୍ଷମତାକୁ ଆସିଲା; ହେଲେ ସରକାର ଗଢ଼ିବା ପରେ ପ୍ରତିଶ୍ରୁତି ସବୁ କୁଆଡ଼େ ଗଲା ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସେହିପରି ଧାନ କିଣାରେ ବୋନସ୍ ଘୋଷଣା କରି ଚାଷୀଙ୍କୁ ଦିବାସ୍ୱପ୍ନ ଦେଖାଇଥିବା ସରକାରରେ ଆରମ୍ଭରୁ ଟୋକନଠୁ ନେଇ ମଣ୍ଡି ଅବ୍ୟବସ୍ଥା ଓ ଧାନ ସଂଗ୍ରହ ପର୍ଯ୍ୟନ୍ତ ସବୁଠି ଚାଷୀ ହତାଶ ହୋଇଛନ୍ତି। ସରକାର ଚାଷୀଙ୍କ ଧାନ କେବେ ଉଠାଇବେ ବୋଲି ନବୀନ ପଚାରିଛନ୍ତି।

ନବୀନ ଆହୁରି ମଧ୍ୟ କହିଛନ୍ତି, ଯେତେବେଳେ ନିଜ ଅମଳ ଧାନ ବିକ୍ରି କରି ନ ପାରି ଚାଷୀ ଆନ୍ଦୋଳନ କରୁଛି ସେତେବେଳେ ଏ ସରକାର ତାଙ୍କୁ 'ନୌଟଙ୍କି' ବୋଲି କହି ତାଚ୍ଛଲ୍ୟ କରୁଛି। ଏହା କ'ଣ ଡବଲ୍ ଇଞ୍ଜିନ୍ ସରକାରର ଚାଷୀଙ୍କୁ ସମ୍ମାନ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଧାନ ସଂଗ୍ରହ ଆରମ୍ଭରୁ ସବୁ ବ୍ୟବସ୍ଥା ହୋଇଯାଇଛି, ଟୋକନ୍ ସମସ୍ତଙ୍କୁ ମିଳିବ, ମନ୍ତ୍ରୀମାନେ ମଣ୍ଡି ଜଗିବେ ବୋଲି ସରକାର ଚାଷୀଙ୍କୁ କହିଲେ। ହେଲେ କ'ଣ ହେଲା? ମଣ୍ଡିରେ ମନ୍ତ୍ରୀମାନଙ୍କ ପାଦ ପଡ଼ିବା ତ ଦୂରର କଥା, ଦୁଃଖ ସମୟରେ ଚାଷୀଙ୍କ ପାଖରେ ବି ସରକାରୀ ଦଳର କାହାକୁ ଦେଖିବାକୁ ମିଳୁ ନାହିଁ। ଚଳିତ ବର୍ଷ ଅଧିକ ଆୟର ଆଶା ବାନ୍ଧିଥିବା ଚାଷୀ ଶେଷରେ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛି। ଚାଷୀଙ୍କ ସ୍ୱାର୍ଥ ସବୁଠୁ ଆଗରେ। ଆମ ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ସହ ଡବଲ୍ ଇଞ୍ଜିନର ଏ ବିଜେପି ସରକାରର ଏପରି ଛଳନାର ଜବାବ ଓଡ଼ିଶାବାସୀ ନିଶ୍ଚୟ ଦେବେ। ବିଜୁ ଜନତା ଦଳ ଚାଷୀଙ୍କ ସାଥିରେ ସବୁବେଳେ ଅଛି। ଚାଷୀଙ୍କ ହକ୍ ପାଇଁ ସବୁସ୍ତରରେ ଦଳ ତା'ର ସ୍ୱର ଶାଣିତ କରିବ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### କ୍ଷେତରେ ଖସିପଡ଼ିଲା...

କଂସର ନିକଟବର୍ତ୍ତୀ ଗାଡିଆଟୋଲା ଅଞ୍ଚଳର ଏକ କ୍ଷେତରେ ବିମାନର ଜରୁରୀକାଳୀନ ଅବତରଣ କରିଥିଲେ। ଅବତରଣ ବେଳେ ପାଖରେ ଥିବା ଏକ ଗଛ ଡାଳରେ ପିଟି ହୋଇଯିବାରୁ ବିମାନର ଡାହାଣ ଅଂଶ ଭାଙ୍ଗି ଯାଇଥିଲା। ପରେ ବିମାନଟି ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଖସି ପଡ଼ିଥିଲା। ପରେ ସତର୍କତା ମୂଳକ ଭାବରେ ସମସ୍ତ ଚ୍ୟାନେଲକୁ ସକ୍ରିୟ କରାଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରି ତଦନ୍ତ ଆରମ୍ଭ କରିଥିଲା। ଆହତମାନଙ୍କ ମଧ୍ୟରେ ପାଇଲଟ୍ କ୍ୟାପ୍ଟେନ୍ ନବୀନ ଖଡାଙ୍ଗା, କ୍ୟାପ୍ଟେନ୍ ତରୁଣ ଶ୍ରୀବାସ୍ତବ, ଯାତ୍ରୀ ସୁଶାନ୍ତ କୁମାର ବିଶ୍ୱାଳ, ଅନିତା ସାହୁ, ସୁନୀଲ ଅଗ୍ରୱାଲ୍ ଓ ସବିତା ଅଗ୍ରୱାଲ୍ ଥିବା ଜଣାପଡ଼ିଛି। ସମସ୍ତଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ବିପଦମୁକ୍ତ ଥିବା ଜଣାପଡ଼ିଛି। ପୁଲିସ, ଅଗ୍ନିଶମବିଭାଗ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଡିଆଇଜି ବ୍ରଜେଶ ରାଏ ଓ ଏସ୍‌ପି ନିତେଶ ୱାଧୱାନୀ ପରିସ୍ଥିତିର ସମୀକ୍ଷା କରିଛନ୍ତି। ବେସାମରିକ ବିମାନ ଚଳାଚଳ ବିଭାଗର ଏକ ବିଶେଷଜ୍ଞ ଦଳ ଦୁର୍ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ଯାନ୍ତ୍ରିକ ତ୍ରୁଟି ପାଇଲଟଙ୍କୁ ଏକ କ୍ଷେତରେ ଅବତରଣ କରିବାକୁ ବାଧ୍ୟ କରିଥିଲା ବୋଲି ଜଣାପଡ଼ିଛି।

ଅପରପକ୍ଷେ, ଏହି ଘଟଣାରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ୨ଜଣ ଅଧିକାରୀଙ୍କୁ ରାଉରକେଲା ପଠାଯାଇଛି। ଡିଜିସିଏ ଏକ ଟିମ୍ ଖୁବ୍‌ଶୀଘ୍ର ରାଉରକେଲାରେ ପହଞ୍ଚିବ। ବିସ୍ତୃତ ତଦନ୍ତ ପାଇଁ ଏଏଆଇବି ରବିବାର ସୁଦ୍ଧା ପହଞ୍ଚିବ। ସେହିପରି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟରେ ଏକ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯିବା ସହ ଏହାକୁ କାର୍ଯ୍ୟକ୍ଷମ କରାଯାଇଛି। କଣ୍ଟ୍ରୋଲ ରୁମ୍‌ର ଲ୍ୟାଣ୍ଡଲାଇନ୍ ନମ୍ବର ୦୬୭୪-୨୫୯୬୧୨୮ ହୋଇଥିଲା ବେଳେ ମୋବାଇଲ୍ ୯୮୬୧୦୯୬୩୭୧ ରହିଛି। ସେହିପରି ପ୍ରଶାସନ ପକ୍ଷରୁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ, ସ୍ଥାନୀୟ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହା ଉପରେ କଡ଼ା ନଜର ରଖିଛନ୍ତି ବୋଲି ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### 'ପ୍ରଥମେ କ୍ଲିନ୍‌ଚିଟ୍, ...

ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଥିଲା। ସେତେବେଳେ କ୍ରାଇମବ୍ରାଞ୍ଚ ଖୋଲା ହାତରେ ସିଲିକନ୍‌କୁ ମାର୍କ ଦେଇଥିଲା। ପରୀକ୍ଷା ପରିଚାଳନା ପାଇଁ ସିଲିକନ୍ ସମସ୍ତ ମାନଦଣ୍ଡ ପୂରଣ କରୁଛି ବୋଲି ଦର୍ଶାଇଥିଲା। କିନ୍ତୁ ସଂପୃକ୍ତ ସଂସ୍ଥା ଏବେ ଚାକିରି ବିକ୍ରିର ମୁଖ୍ୟ ସୂତ୍ରଧର ବୋଲି କ୍ରାଇମବ୍ରାଞ୍ଚ ରିପୋର୍ଟ ଦେଇଛି। ତେବେ ପୁଲିସ ନିଯୁକ୍ତି ଅନିୟମିତତା ମାମଲାର ତଦନ୍ତ କରୁଥିବା ସିବିଆଇ ଏବେ କେଲେଙ୍କାରୀରେ ସମ୍ପୃକ୍ତ ବଡ଼ବଡ଼ିଆଙ୍କ ନିକଟରେ ପହଞ୍ଚିପାରିବ କି ନାହିଁ, ତାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସିଲିକନ୍‌କୁ ପରୀକ୍ଷା ପରିଚାଳନା ପାଇଁ ବଛାଯିବା ପୂର୍ବରୁ ସଂସ୍ଥା ସଂପର୍କରେ କ୍ରାଇମବ୍ରାଞ୍ଚ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପରିବର୍ତ୍ତେ ଗୁଗୁଲ୍ ଓ କିଛି ନିର୍ଦ୍ଦିଷ୍ଟ ପୋର୍ଟାଲ ଉପରେ ନିର୍ଭର କରିଥିଲା। ସିସିଟିଏନ୍‌ଏସ୍ ଏବଂ ଆଇସିଜିଏସ୍ ଭଳି ଆପରାଧିକ ରେକର୍ଡଭୁକ୍ତ ପୋର୍ଟାଲରୁ ସିଲିକନ୍ ସଂପର୍କରେ କୌଣସି ଆପତ୍ତିଜନକ ତଥ୍ୟ ନମିଳିବାରୁ କ୍ରାଇମବ୍ରାଞ୍ଚ ଆଖିବୁଜା କ୍ଲିନ୍‌ଚିଟ୍ ଦେଇ ଦେଇଥିଲା। ସେହିପରି, ପ୍ରତିଦ୍ୱନ୍ଦ୍ୱୀ ସଂସ୍ଥାଙ୍କଠାରୁ 'ସିଲିକନ୍' ବାବଦରେ ଭିତିରିଆ ତଥ୍ୟ ସଂଗ୍ରହ କରିବା ପରିବର୍ତ୍ତେ ଖୋଦ୍ 'ସିଲିକନ୍'ର ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କୁ କମ୍ପାନୀ ବାବଦରେ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଥିଲା। ଖାଲି ସେତିକି ନୁହେଁ, ରେଜିଷ୍ଟ୍ରାର୍ ଅଫ୍ କମ୍ପାନୀଠାରୁ ଫୋନ୍ ଯୋଗେ ସିଲିକନ୍‌ର ତଥ୍ୟ ସଂଗ୍ରହ କରିଥିଲା। କ୍ରାଇମବ୍ରାଞ୍ଚର ଏହି ବେପରୁଆ ଅନୁସନ୍ଧାନ ଯୋଗୁଁ ହଜାର ହଜାର ନିଯୁକ୍ତି ଆଶାୟୀଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଗଲା। କୌତୂହଳର କଥା ହେଲା, କେଳେଙ୍କାରୀ ପଦାକୁ ଆସିବା ପରେ ଏବେ ସେଇ କ୍ରାଇମବ୍ରାଞ୍ଚ 'ସିଲିକନ୍'କୁ ମୁଖ୍ୟ ଖଳନାୟକ ଦର୍ଶାଇଛି। ସୂଚନାନୁଯାୟୀ, ସିଲିକନ୍ ୨୦୦୯ ମସିହାରେ କମ୍ପାନୀ ଆକ୍ଟରେ ପଞ୍ଜୀକୃତ ହୋଇଥିଲା। ଏହାର କାର୍ଯ୍ୟାଳୟ ପଟିଆ ଡିଏଲ୍‌ଏଫ୍ ସାଇବର୍ ସିଟିରେ ରହିଥିଲା। ସିଲିକନ୍ ସଫ୍ଟୱେୟାର୍ ସଲ୍ୟୁସନ୍ ପ୍ରଦାନ କରୁଥିଲା। ଏହା ସହ ସିଲିକନ୍ ଏଣ୍ଟରପ୍ରାଇଜେସ୍ ଗ୍ରେଡ୍ ଆଇଟି ସେବା ବିଭିନ୍ନ ସରକାରୀ ଅନୁଷ୍ଠାନକୁ ପ୍ରାଦାନ କରୁଥିଲା। ଉକ୍ତ ସଂସ୍ଥା ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଅରୁଣାଚଳ ପ୍ରଦେଶ ଏବଂ ଦିଲ୍ଲୀ ସମେତ ଏକାଧିକ ରାଜ୍ୟରେ ପରିଚାଳନା କରୁଥିଲା। ଆଗରୁ ଏକାଧିକ ପରୀକ୍ଷା ମଧ୍ୟ ପରିଚାଳନା କରିଛି।

### ମମତାଙ୍କ ବିରୋଧରେ...

ଇଡି ଆଜି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ତେବେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ତାଙ୍କ ଦଳ ଟିଏମ୍‌ସିର ନିର୍ବାଚନ ରଣନୀତି ଫାଇଲ ଚୋରି କରିବା ଲାଗି ଇଡି ଚଢ଼ଉ କରିଥିଲା। ଏହା ସଂପୂର୍ଣ୍ଣ ରୂପେ ରାଜନୈତିକ ଥିଲା ଏବଂ ଏହା ସହିତ କୋଇଲା ଦୁର୍ନୀତିର କୌଣସି ସଂପର୍କ ନାହିଁ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଆଜି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଓକିଲ ନୋଟିସ ପଠାଇଛନ୍ତି। ଏଥିରେ ୭୨ ଘଣ୍ଟା ମଧ୍ୟରେ ନିଜ ଅଭିଯୋଗର ପ୍ରମାଣ ଦେବା ଲାଗି ମମତାଙ୍କୁ କୁହାଯାଇଛି। ଏହି ସମୟ ମଧ୍ୟରେ ଯଦି ମମତା ଏହାର ଜବାବ ନ ଦିଅନ୍ତି, ସେ ତାଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିବେ ବୋଲି ଶୁଭେନ୍ଦୁ ଧମକ ଦେଇଛନ୍ତି। ଗତ ୮ ତାରିଖରେ ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଇଡି ଚଢ଼ଉ ପ୍ରତିବାଦରେ କୋଲକାତାରେ ଏକ ରାଲିକୁ ସମ୍ବୋଧନ କରିବା ବେଳେ ମମତା କୋଇଲା ଦୁର୍ନୀତି ପ୍ରସଙ୍ଗ ଉଠାଇ ଶୁଭେନ୍ଦୁ ଅଧିକାରୀଙ୍କୁ ଟାର୍ଗେଟ୍ କରିଥିଲେ। କୋଇଲା ଘୋଟାଲାରେ କେନ୍ଦ୍ରୀୟ ନେତାଙ୍କ ସମ୍ପୃକ୍ତି ଥିବାର ପ୍ରମାଣ ପେନ୍‌ଡ୍ରାଇଭ୍‌ରେ ରହିଛି ବୋଲି ମମତା କହିଥିଲେ।

### ଖୋଲୁନି ଓଏସ୍‌ଏସ୍‌ସି...

ଧିମା ହେଉଥିବାରୁ ଆଶାୟୀମାନେ ଆବେଦନ କରିପାରୁ ନାହାନ୍ତି। ଦିନ ସମୟରେ ଆଦୌ ଖୋଲୁ ନ ଥିବାରୁ ଅନେକ ଆଶୟୀ ରାତି ଉଜାଗର ରହି ଆବେଦନ କରୁଛନ୍ତି। ପରୀକ୍ଷା ଫି' ଦାଖଲ ବେଳେ ଭଗବାନଙ୍କୁ ଭରଷା କରିବାକୁ ବାଧ୍ୟ ହେଉଛନ୍ତି। ୱେବସାଇଟ୍ ଧିମା କାରଣରୁ ଅନେକ ସମୟରେ ଆକାଉଣ୍ଟରୁ ଟଙ୍କା କଟିଗଲେ ମଧ୍ୟ ପେମେଣ୍ଟ ଦାଖଲ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ସେହିପରି ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଆରଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର୍ ସମେତ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ଗତ ୭ ତାରିଖରୁ ଆବେଦନ ଆରମ୍ଭ ହୋଇଛି। ମାତ୍ର, ଏହି ୱେବସାଇଟ୍ ମୂଳରୁ ହିଁ ଖୋଲୁ ନଥିବାରୁ ବାରମ୍ବାର ପ୍ରୟାସ ସତ୍ତ୍ୱେ ଆଶାୟୀମାନେ ଆବେଦନ କରିପାରୁ ନାହାନ୍ତି। ପାଖାପାଖି ବର୍ଷେ ପରେ କେବଳ ସ୍ନାତକ ପଢୁଆଙ୍କ ନିଯୁକ୍ତି ବାହାରିଥିବା ବେଳେ ଆବେଦନ ହେଉ ନଥିବାରୁ ଆଶାୟୀମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଆବେଦନ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ପାଇଁ ତୁରନ୍ତ ୱେବସାଇଟ୍‌କୁ ଠିକ୍ କରିବା ସହ ଆବେଦନ ଅବଧି ବୃଦ୍ଧି କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

## ପି. ସାଇ ପ୍ରସାଦଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

ଭୁବନେଶ୍ୱର,୧୦।୧(ସମିସ): ରାୟଗଡ଼ା ଜିଲ୍ଲା ରାୟଗଡ଼ା ମ୍ୟୁନିସିପାଲିଟି ଅନ୍ତର୍ଗତ ରୋହିତ କଲୋନୀର ପି. ସାଇ ପ୍ରସାଦଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛି ବିଜେଡି। ଏନେଇ ଦଳ ପକ୍ଷରୁ ଶନିବାର ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

**PUBLIC NOTICE**

It is herewith informed that, I the undersigned being the absolute recorded owner as per Mutation ROR in respect of Mutation Khata No. 1988/1873, Plot No 8819/9813, Area Ac0.090 decimal. with Status – Stitiban, Kisam –Gharabari (Homestead) under Mouza- Ghatikia , PS-Chandaka in Khurda District. That due to negligence the original Regd. Sale Deed No.9507 Dt.22.12.1988 under Revenue Mouza- Ghatikia executed in favour of Mr. Gurudutta Ray, Mr. Debadutta Ray and Mr. Prabhudutta Ray, S/o Late Baikunthnath Ray as the previous link document was misplaced somewhere from my custody in the locality of Ghatikia, area at Bhubaneswar and as I am unable to trace/find the same despite my best efforts. Neither I nor my family members have not created any type of mortgage/charge/lien with any bank or financial institutions by depositing the said document/s in respect of the property as mentioned above. That the Punjab National Bank, Bapuji nagar Branch, Bhubaneswar have in principle agreed to sanctioned to advance a housing loan in favour of Bhumika Ray, D/o Mr. Gurudutta Ray against the security of above said immovable property and if any individual, Bank, Financial Institution is holding the said document/s in original as security for any mortgage/loan granted, they are requested to inform the **Punjab National Bank, Bapuji Nagar Branch, Bhubaneswar (Mob. No.7978840128)** within 15 days from the date of Publication of notice/advertisement relating to the above property.

**Bhumika Ray, D/o Mr. Gurudutta Ray**
**Plot No.-1504, At.-Mahanadi Vihar, PO.-Nayabazar,**
**PS.-Chauliaganj, District- Cuttack-753004, Odisha**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 03, dated 03.01.2026, I, LAXMISWAR MAJHI, S/o - Tiro Majhi, Residences of Village - Mentry, PO - Mentry, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed the name of my Son from DEBENDRA MAJHI to DHARMENDRA KUMAR MAJHI. Henceforth, he shall be known as DHARMENDRA KUMAR MAJHI for all purposes.

**Sd/- Laxmiswar Majhi**

**AFFIDAVIT**

I, Madhab Chandra Meher, aged about 39 years, S/o- Mohan Meher, resident of Ulunda, Po- Ulunda, Ps-Ulunda, Dist-Subarnapur, Odisha, Pin-767062, do hereby declare by this affidavit No.87, dtd- 10/01/2026, that now onwards I shall be known as **MADHABA CHANDRA MEHER** for all future purposes.

**AFFIDAVIT**

I, Zubeda Begum, aged about 68 years, W/o-Mohammed Ashraff Saheb, resident of Sunari Sahi, Po- Nabarangpur, Ps- Nabarangpur, Dist-Nabarangpur, Odisha, Pin- 764059, do hereby declare by this affidavit No. 86, dtd- 10/01/2026, that now onwards I shall be known as **JUBEDA BEGUM** for all future purposes.

**AFFIDAVIT**

I, Pravati Chaini, W/o-Pabitra Mohan Chaini, resident of Birat Bazar, Charbatia, Choudwar, Dist- Cuttack, Pin-754028, Odisha, do hereby declare by this affidavit No. 332, dated-10/01/2026, that now onwards I shall be known as **PRABHATI CHAINI** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Rayagada, no. 01, dated. 02.01.2026, I TILAI MINYAKA, W/o - Lala Minyaka, D/o - Lambudhar Mandiga , currently residing At - Bandikar, PO - Burja, PS - Laxmipur, Dist-koraput, Pin-765013 declare that SANJI MANDIGA and TILAI MINYAKA is one and same person. Henceforth, I shall be known as **TILAI MINYAKA** for all purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର CAOCRSPBBS-39-2025
ତା.05.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ଝାଡ଼ୁପୁଡ଼ି-ଇଛାପୁରମ ରେଳ ଷ୍ଟେସନ ମଧ୍ୟରେ ରେଲୱେ ଚେନେଜ୍ 631/22-24 ଠାରେ ଲେଭେଲ କ୍ରସିଙ୍ଗ-333 ପରିବର୍ତ୍ତେ 2 X 18.0 ମିଟର କମ୍ପୋଜିଟ୍ ଗର୍ଡର + 1 X 60.0 ମିଟର କ୍ୟାମେଲ୍ ବ୍ୟାକ୍ ଗର୍ଡର ଷ୍ଟାନର ରୋଡ୍ ଓଭର ବ୍ରିଜ୍ (ROB) ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 66,48,28,422.08, EMD : ₹ 34,74,200/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.02.2026ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକଯୋଗେ/ପାଠ୍ୟ କରିଥିବା ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚିତ୍ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B.G ଏବଂ G1ର ଦାଖଲ ସହିତ, ଟେଣ୍ଡର କାଗଜପତ୍ର ଭାଗ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

PR-226/CI/25-26
ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର

**LOST**

I, **Nandkumar Nana Khatake,** aged about 52years, S/o: Nana Khatake, At: Biswanath Lane, Balu Bazar, PO: Chandinichowk, PS.: Lalbag, Dist.: Cuttack, Odisha and Permanent resident At: Khatake Vasti, PO/PS: Lingivare, Sangli, Maharashtra-415315, I am the owner of the property bearing Khata No.: 767/7792, Plot No.: 1009/5273 of an Area: Ac.0.027dec., Kissam: Gharabari, Khata No.: 767/7797, Plot No.: 1007/4245 of an Area: Ac.0117, Kissam No.: 767/7793, Plot No.: 1009 of an Area: Ac.0.018dec., Kissam: Gharabari & Khata No.: 767/8312, Plot No.: 1007/5844 of an Area: Ac.0.0052 dec., Kissam: Gharabari of Mouza: Sribantapur, PS: Cuttack Sadar, Tahasil: Baranga, Dist.: Cuttack. That, the said link documents i.e. sale deed vide No. 11831800962 on dtd. 05.07.2018 in favour of Pabitra Ku. Sahoo, ROR bearing Khata No.: 767/1333 of Pabitra Ku. Sahoo, Sale Deed vide No. 11832303241 on dtd. 27.09.2023 in favour of Chandramani Rout, ROR bearing Khata No. 767/2682 of Chandramani Rout, Sale Deed vide No. 11831600834 on dtd. 25.06.2016 of Sudarsan Dhal, ROR bearing Khata No. 767/1124 of Sudarsan Dhal, Sale Deed vide No. 11832303230 on dtd. 27.09.2023 of Chandramani Rout, ROR bearing Khata No. 767/2683 of Chandramani Rout, Sale Deed vide No. 11831900294 on dtd. 08.02.2019 of Dillip Ku. Kar, Sale Deed vide No. 11832401051 on dtd. 21.03.2024 of Chandramani Rout & ROR bearing Khata No. 767/2316 of Chandramani Rout were lost somewhere from my custody and despite all diligent search by me the same could not be found. The loan and even thereafter till any claims of the Bank arising out of this declaration are fully settled. I have not taken any loan from any bank. Any person claiming any interest or title in the property or otherwise having any objection can make representation to Contact Adv. Fagu Samal-9438670857 within 15 days of this notice.



## ଜାନୁଆରୀ ୧୪ରେ 'ବାପାଙ୍କ ସ୍ୱପ୍ନ'

ଜାନୁଆରୀ ୧୪ ମକର ସଂକ୍ରାନ୍ତି ଅବସରରେ ସୁଧାକର ପିକଚର୍ସ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ ହେବ ନୂଆ କ୍ଷୁଦ୍ର ସିନେମା 'ବାପାଙ୍କ ସ୍ୱପ୍ନ'। ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ଲେଖିଛନ୍ତି ମନୋରଞ୍ଜନ ରାଉଳ। ସନ୍ତୋଷ ନାୟକ ଗୀତ ରଚନା କରିଥିବା ବେଳେ ସଂଗୀତରେ ଅଛନ୍ତି ଶାନ୍ତନୁ ନାୟକ। ଏଥିରେ ପପି ସନ୍ତୁକା ମୁଖ୍ୟ ଚରିତ୍ରରେ ଅଛନ୍ତି। ସତ୍ୟବ୍ରତ ଓଝା, କନକଲତା ମଧ୍ୟ ଅଭିନୟ କରିଛନ୍ତି। ସେହିପରି ସିନେମାରେ ନୂଆ ମୁହଁ ମନୋଜ କୁମାର ପ୍ରଧାନଙ୍କୁ ସୁଧାକର ପରିଚିତ କରାଇଛନ୍ତି। ସିନେମାଟିର କାହାଣୀକୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି।

## 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ହେବ ଆକର୍ଷଣୀୟ



ଜୀ ସାର୍ଥକରେ ପ୍ରସାରିତ ହେଉଛି 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଟିଲ୍ ମାଷ୍ଟର୍ସ'। ପ୍ରଥମ ଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରେଟିମାନଙ୍କୁ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ିଛି ଏହି ଡାନ୍ସ ରିଆଲିଟି ଶୋ। ଏଥର ୧୦ ଜଣ ସେଲିବ୍ରିଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସ ଦୁଇଟି ଦଳ ଗଠନ କରିଛନ୍ତି। ଯାହାର ନାମ ହେଲା 'ରଙ୍ଗବତୀ ୨. ୦' ଆଉ 'ଲଟକମଣି ୨.୦'। ଯେଉଁମାନେ ହାଇ ଭୋଲଟେଜ୍, ରୋମାଣ୍ଟିକ୍, ଫେଷ୍ଟିଭାଲ୍, କମେଡି, ଆଇଟମ୍ ନମ୍ବର ଏବଂ ଅନ୍ୟାନ୍ୟ ରୋମାଞ୍ଚକର ଥିମ୍ ରାଉଣ୍ଡରେ ପ୍ରତିଯୋଗିତା କରି ଦର୍ଶକଙ୍କ ମନ ଜିତିଛନ୍ତି। ଯେଉଁଥିପାଇଁ ଜୀ ସାର୍ଥକ ଟିମ୍ ତା'ର ସମସ୍ତ ଦର୍ଶକଙ୍କୁ ଧନ୍ୟବାଦ ଜଣାଇଛି। ସେଲିବ୍ରେଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଜଂଳି, ସୁଶ୍ରୀ, ପିହୁ, ସୋନାଲିସା, ସୁଲଗ୍ନା, ହିତେସା ଓ ମାନସୀ ପ୍ରତ୍ୟେକ ଏପିସୋଡ୍‌ରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ନିଜର ଲିଟିଲ୍ ମାଷ୍ଟର୍ସ ଯୋଡ଼ିମାନଙ୍କ ସହ ନିଜର ନୃତ୍ୟକଳା ଦ୍ୱାରା ଓଡ଼ିଶାର ଦର୍ଶକଙ୍କ ପାଇଁ ଆଣିଛନ୍ତି ଏକ ନୂତନ ଅନୁଭୂତି। ଏହି ଶୋ'କୁ ଲୋକପ୍ରିୟ ଆଙ୍କର ସୁଜିତ ପାଇକରାୟ ପରିଚାଳନା କରିବା ସହ ବିଚାରକଙ୍କ ପ୍ୟାନେଲରେ ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ର ଅଛନ୍ତି। ରାଜୁ ଦାସଙ୍କ କମେଡି ତଡ଼କା ଦର୍ଶକଙ୍କୁ ଦେଇଛି ସମ୍ପୂର୍ଣ୍ଣ ନୂଆ ଅନୁଭୂତି।



## ସାମନ୍ଥାଙ୍କ ଆକ୍ସନ

ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ 'ମା ଇନ୍‌ତି ବଙ୍ଗାରାମ୍'ର ଟିଜର୍ ରିଲିଜ୍ ହୋଇଛି। ଏହି ଟିଜର୍‌ରେ ସାମନ୍ଥାଙ୍କ ଦମ୍‌ଦାର ତଥା ଭୟାନକ ଆକ୍ସନ ଦୃଶ୍ୟ ଦେଖିବାକୁ ମିଳିଛି। ବଡ଼ ବଡ଼ ଭୟଙ୍କର ଆକ୍ସନ ଦୃଶ୍ୟକୁ ବେଶ ସହଜରେ କରିଥିବା ଟିଜର୍‌ରେ ନଜର ଆସିଛନ୍ତି। ଏହାକୁ ଦେଖି ଦର୍ଶକେ ସାମନ୍ଥାଙ୍କର ଖୁବ୍ ପ୍ରଶଂସା କରୁଛନ୍ତି। ଏହି ଫିଲ୍ମର ଟିଜର ତଥା ଟ୍ରେଲରର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଭାଇରାଲ ହେଉଛି। ଅନ୍ୟପଟେ ସିନେମାର ଟିଜର୍‌ରୁ ଫିଲ୍ମକୁ ନେଇ ଅଧିକ ଉତ୍ସୁକତା ଦର୍ଶକଙ୍କ ମଧ୍ୟରେ ବୃଦ୍ଧି ପାଇଛି।

## ଫେବୃଆରୀରେ 'ଓ ରୋମିଓ' ରିଲିଜ୍

ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କ ଆଗାମୀ ନୂଆ ସିନେମା 'ଓ ରୋମିଓ'ର ପୋଷ୍ଟର୍ ରିଲିଜ୍ ହୋଇଛି। ତେବେ ନିଜେ ଅଭିନେତା ଏହାର ପୋଷ୍ଟର୍ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଏହାସହିତ ଏହାର ରିଲିଜ୍ ତାରିଖ ସମ୍ପର୍କରେ କହିଛନ୍ତି। ସେହିପରି ସିନେମାର ପୋଷ୍ଟର୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏହି ସିନେମାରେ ଶାହିଦ୍‌ଙ୍କ ସହିତ ତୃପ୍ତୀ ଡିମରି, ନାନା ପାଟେକର, ଅବିନାଶ ତିୱାରୀ, ତମନ୍ନା ଭାଟିଆ, ବିକ୍ରାନ୍ତ ମେସି ଦିଶା ପଟାନି ଏବଂ ଫରିଦା ଜଲାଲ ନଜର ଆସିବେ। ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ଫେବୃଆରୀ ୧୩ରେ ପ୍ରେକ୍ଷାଳୟକୁ ଆସିବ।





## ଖୁସିଙ୍କ ବ୍ରେକ୍‌ଅପ୍

ଶ୍ରୀଦେବୀଙ୍କ ସାନ ଝିଅ ଖୁସି କପୁରଙ୍କ ବ୍ରେକ୍‌ଅପ୍ ହୋଇଛି। ସେ ଦୀର୍ଘ ସମୟ ହେବ ବେଦାଙ୍ଗ ରୈନାଙ୍କ ସହିତ ସମ୍ପର୍କରେ ଥିଲେ। ହେଲେ ଏବେ ଚର୍ଚ୍ଚା ହେଉଛି ଦୁହିଁଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଛି। ଦୁହେଁ ଏକାଠି 'ଆର୍ଚିଜ୍'ରେ କାମ କରିଥିଲେ। ଏହି ସିନେମାରୁ ହିଁ ଦୁହେଁ ବଲିଉଡ୍‌କୁ ଡେବ୍ୟୁ କରିଥିଲେ। ସେହିପରି ଏହି ସିନେମାରୁ ଦୁହେଁ ସମ୍ପର୍କରେ ଥିବା ଆଲୋଚନା ହେଲା। ଦୁଇ ବର୍ଷ ମଧ୍ୟରେ ଦୁହିଁଙ୍କୁ ଏକାଠି ଅନେକ ଇଭେଣ୍ଟ, ପାର୍ଟି ଏବଂ ପାରିବାରିକ ଉତ୍ସବରେ ଦେଖିବାକୁ ବି ମିଳିଥିଲା। ଅବଶ୍ୟ ବ୍ରେକ୍‌ଅପ୍‌କୁ ନେଇ ବେଦାଙ୍ଗ ଓ ଖୁସି ଏଯାଏଁ କିଛି କହି ନାହାନ୍ତି।

## ନାଗିନ୍-୭'ରେ ପ୍ରିୟଙ୍କା



ଟେଲିଭିଜନର ଲୋକପ୍ରିୟ ଶୋ' 'ନାଗିନ୍'ର ୬ଟା ସିଜନ୍‌କୁ ଦର୍ଶକୀୟ ଆଦୃତି ମିଳିଛି। ଏବେ ଆସିବାକୁ ଯାଉଛି ଏହାର ସିଜନ୍-୭। ତେବେ 'ନାଗିନ୍-୭'ରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ପ୍ରିୟଙ୍କା ଚାହର ଚୌଧରୀ। ଏଥିରେ ତାଙ୍କୁ ଇଚ୍ଛାଧାରୀ ନାଗିନ୍ ଚରିତ୍ରରେ ଦେଖିବାକୁ ମିଳିବ। ଏହି ଶୋ'ରେ ସାମିଲ ହୋଇ ସେ ଗର୍ବ ଅନୁଭବ କରୁଥିବା କହିଛନ୍ତି। ସେହିପରି ପ୍ରିୟଙ୍କା ଏହି ଚରିତ୍ର ଲାଗି ଖୁବ୍ ପରିଶ୍ରମ କରୁଥିବା କହିଛନ୍ତି। ତାଙ୍କ ମତରେ, ଜଣେ କଳାକାର ଭାବେ ସବୁବେଳେ ନିଜ ଅଭିନୟ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ। ତା'ସହ କାହାରି ସହିତ ନିଜକୁ ତୁଳନା ନ କରି ଅନ୍ୟମାନଙ୍କ ସମାଲୋଚନାରେ ପ୍ରଭାବିତ ହେବା କଥା ନୁହେଁ। ସେହିପରି ତୁଳନାକୁ ସବୁବେଳେ ସକାରାତ୍ମକ ଭାବେ ଗ୍ରହଣ କରିବା ଦରକାର ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରିୟଙ୍କାଙ୍କ ସମେତ ଈଶା ସିଂହ, ସାହିଲ, ବିହାନ ବର୍ମା, ପ୍ରତୀକ୍ଷା ରାୟ, ନିବେଦିତା ପଲ୍ ପ୍ରମୁଖ ନଜର ଆସିବେ।

## "ଅଭିନୟ ମୋ ପେଶା ଓ ନିଶା"

### ସୌମ୍ୟ ସ୍ୱରୂପ ପାଢ଼ୀ, ଅଭିନେତା

ଅଭିନୟ ଗଣତନ୍ତ୍ର ସଦୃଶ। ଏହା ଦର୍ଶକମାନଙ୍କର, ଦର୍ଶକମାନଙ୍କ ଦ୍ୱାରା ଏବଂ ଦର୍ଶକମାନଙ୍କ ପାଇଁ। ଏହି ମନ୍ତ୍ରକୁ ପାଥେୟ କରିଛନ୍ତି ଅଭିନେତା ସୌମ୍ୟ ସ୍ୱରୂପ ପାଢ଼ୀ। ଫୁଲବାଣୀରେ ତାଙ୍କର ଜନ୍ମ। ବ୍ରହ୍ମପୁରରେ ସେ ବଡ଼ ହୋଇଛନ୍ତି। ଶ୍ରଦ୍ଧାରେ ସମସ୍ତେ ତାଙ୍କୁ ବୁନୁ ଡାକନ୍ତି। ତେବେ ଭବିଷ୍ୟତରେ କ୍ରିକେଟର୍ ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ହେଲେ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ଅଭିନୟ ଜଗତକୁ। ବିଟେକ୍ ପଢ଼ିବା ସମୟରେ ସେ ଅଭିନେତା ଅଜିତ ଦାସଙ୍କ ଥିଏଟର୍‌ରେ ଯୋଗ ଦେଲେ। 'ଏକା', 'ସାହାଯ୍ୟକାରିଣୀ' ଆଦି ନାଟକରେ ଅଭିନୟ କରିଛନ୍ତି। ପରେ ଏକ ରିଆଲିଟି ଶୋ' ମାଧ୍ୟମରେ ଧାରାବାହିକକୁ ଏଣ୍ଟ୍ରି କରିଥିଲେ। ଟେଲି ସିନେମାରେ ବି ସେ କାମ କରିଛନ୍ତି। ଏବେ 'ମୋ ସିନ୍ଦୂରର ଅଧିକାର'ରେ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଛନ୍ତି। ସୌମ୍ୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।



**ଅଭିନେତା ହେବାକୁ କାହିଁକି ମନ ବଳାଇଲେ?**

● କ୍ରିକେଟ୍ ଖେଳ ପ୍ରତି ଦୁର୍ବଳତା ରହିଥିଲା। ଏଥିରେ କ୍ୟାରିୟର୍ ନଥିବା ଚିନ୍ତା କରି ବିଟେକ୍ ପଢ଼ିବା ସମୟରେ ସ୍ୱର୍ଗତ ଅଜିତ ସାର୍‌ଙ୍କ 'ଅଜିତ୍ ନାଟ୍ୟ ସଂସ୍ଥା'ରେ ଅଭିନୟ ପାଇଁ ତାଲିମ ନେଇଛି। ତାଙ୍କ ମାର୍ଗଦର୍ଶନରେ ବିଭିନ୍ନ ମଞ୍ଚରେ ଡ୍ରାମା କରିବାକୁ ସୁଯୋଗ ପାଇଛି। ପରେ 'ତରଙ୍ଗ' ଚ୍ୟାନେଲ୍‌ରେ 'ବିଗ୍ ବ୍ରେକ୍' ରିଆଲିଟି ଶୋ'ରେ ଯୋଗ ଦେଇଥିଲି। ଏହି ପ୍ଲାଟଫର୍ମ ଆଗକୁ ଯିବାକୁ ମୋତେ ସୁଯୋଗ ଦେଲା। 'ତ୍ରିଲୋଚନୀ ଗୌରୀ' ମୋର ପ୍ରଥମ ଧାରାବାହିକ। ଏଥିରେ ଡାକ୍ତର ଶଙ୍କର ଚରିତ୍ର ପାଇଁ ମୋତେ ଶ୍ରେଷ୍ଠ ନବାଗତ ପୁରସ୍କାର ମିଳିଥିଲା।

**ନାୟକରୁ ହଠାତ୍ ଖଳନାୟକ କାହିଁକି ସାଜିଲେ?**

● 'ତ୍ରିଲୋଚନୀ ଗୌରୀ' ପରେ 'ରାଜଯୋଗ'ରେ ଖଳନାୟକ ସିଦ୍ ଭାବେ ନଜର ଆସିଥିଲି। ନାୟକ ଆଉ ଖଳନାୟକ ଉଭୟ କାହାଣୀର ମୁଖ୍ୟ ଚରିତ୍ର। ଏହି ଭୂମିକା ନିଭାଇବାକୁ କିଛି ଚରିତ୍ରକୁ ଗଭୀର ଭାବେ ତର୍ଜମା କଲି। ବଡି ଲାଙ୍ଗୁଏଜରେ ପରିବର୍ତ୍ତନ ଆଣିଥିଲି। ମୁଁ ଜଣେ ମଞ୍ଚ ଅଭିନେତା ହୋଇଥିବାରୁ ମୂଳଦୁଆ ସୁଦୃଢ଼ ଥିଲା। ଖଳନାୟକ ଚରିତ୍ର କରିବାକୁ ସମସ୍ୟା ହୋଇ ନ ଥିଲା। ଏଥିରେ ମୁଁ ଘରର ସାନ ପୁଅ ଥିଲି। ପ୍ରେମର ପ୍ରତିଶୋଧ ନେବାକୁ ଖଳନାୟକ ସାଜିଛି। ଦର୍ଶକଙ୍କୁ ଖଳନାୟକ ଚରିତ୍ରଟି ବହୁତ ପସନ୍ଦ ଆସିଥିଲା। ଏଥିପାଇଁ ଶ୍ରେଷ୍ଠ ଖଳନାୟକ ଭାବେ ସମ୍ମାନିତ ହୋଇଥିଲି।

**'ସିନ୍ଦୂରର ଅଧିକାର'ରେ ଆପଣଙ୍କ ଭୂମିକା?**

● ଏଥିରେ ମୁଁ ବିବେକ ଭୂମିକାରେ ଅଭିନୟ କରୁଛି। ହିରୋଇନ୍‌ର ଭାଇ ହୋଇଥିବାରୁ ମୁଁ ମୋ ଭଉଣୀକୁ ଲଢ଼ିବା ଓ ନ୍ୟାୟ ଦେବାକୁ ସର୍ପୋଟ କରୁଛି।

**ସ୍ମରଣୀୟ ମୁହୂର୍ତ୍ତ?**

● ରାଜଯୋଗ ଧାରାବାହିକ ସରିବାର ଦିନକ ପରେ ଟେଲି ସିନେମା 'ସ୍ୱୟମ୍ବର' ସୁଟିଂ ଆରମ୍ଭ ହୋଇଥିଲା। ମୁଁ ଭାଗ୍ୟଶାଳୀ ଯେ ଏମିତି ଏକ ସୁଯୋଗ ମିଳିଥିଲା। ବହୁତ ଖୁସି ଥିଲି। ଖଳନାୟକ ପରେ ଦର୍ଶକ ପୁଣି ନାୟକ ଭୂମିକାକୁ ଆପଣାଇଥିଲେ।

**ଅଭିନୟ କରି କେବେ ଥକି ପଡ଼ିଛନ୍ତି କି?**

● ଯେଉଁ କାମ ଖୁସି ଦିଏ ସେଥିରେ ଥକ୍କିବାର ପ୍ରଶ୍ନ ଉଠୁନାହିଁ। ମୋ ଗୁରୁ ମୋତେ ଶିଖାଇଛନ୍ତି ଯେ, କାମ ପ୍ରତି ଭଲ ପାଇବା ଥିଲେ କଷ୍ଟ ଜଣାପଡ଼େନି। ତେଣୁ ଅଭିନୟ ମୋ ପାଇଁ ନିଶା ଆଉ ପେଶା।

**ଆଗାମୀ ଯୋଜନା?**

● ଇଚ୍ଛା ଅଛି ବଡ଼ ପରଦା ପାଇଁ ଅଭିନୟ କରିବି। ଏଥିପାଇଁ ବ୍ୟକ୍ତିଗତ ଭାବେ ମୋ' ନିଜକୁ ପ୍ରସ୍ତୁତ କରୁଛି। ସୁଟିଂ ଭିତରେ ଅଭ୍ୟାସ ଜାରି ରହିଛି। ଆଉ ଗୋଟେ କଥା କହିବାକୁ ଚାହିଁବି, ଦର୍ଶକ ପରଦାରେ ମୋତେ ପ୍ରଥମେ ଦେଖିବା ସମୟରେ ଯେତିକି ଉତ୍ସାହିତ ଥିଲେ, ସେହି ଭଲ ପାଇବା ସବୁବେଳେ ଥାଉ। ଦର୍ଶକ ମୋ' ପାଇଁ ଭଗବାନ।

**ସୁଟିଂ ନଥିଲେ କ'ଣ କରନ୍ତି?**

● ସୁଟିଂ ନଥିଲେ। ମୁଁ କ୍ରିକେଟ ଖେଳେ। ଗାଁ'ର ଫାର୍ମ ହାଉସକୁ ଯାଏ। ଫିଟ୍ ରହିବାକୁ ପ୍ରକୃତି କୋଳରେ ସମୟ ବିତାଇଏ। ମାମା ସହିତ ସମୟ ଅତିବାହିତ କରେ। ପୌରାଣିକ ବିଷୟବସ୍ତୁ ରାମାୟଣ, ମହାଭାରତ, ଗୀତା ପଢ଼େ। କାରଣ ଆମ ଜୀବନର ସବୁ ସମସ୍ୟାର ସମାଧାନ ଭଗବଦ୍ ଗୀତାରେ ରହିଛି।

**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଯଦି ଜଣେ ଅଭିନୟରେ ନିଖୁଣ ହେବାକୁ ଚାହୁଁଛି ତାକୁ ପ୍ରଥମେ ରାମାୟଣ ଓ ମହାଭାରତ ବିଷୟରେ ଗଭୀର ଜ୍ଞାନ ଆହରଣ କରିବା ଦରକାର। ମୂଳଦୁଆକୁ ସୁଦୃଢ଼ କରିବା ନିହାତି ଦରକାର। ଭଲ କଳାକାର ତ ସମସ୍ତେ ହୋଇପାରିବେ। ହେଲେ ପ୍ରଥମେ ଭଲ ମଣିଷ ହୁଅନ୍ତୁ। କଳାକାରଟି ଅଭିନୟ ଦର୍ଶକଙ୍କ ପାଇଁ କରେ। ଦର୍ଶକ ଏହାକୁ କିପରି ଗ୍ରହଣ କରୁଛନ୍ତି ତାହା ମଧ୍ୟ ଗୁରୁତ୍ୱ ବହନ କରେ।

**ପରଦା ପଛର କାହାଣୀ**

## ଖାରଜ କାହାଣୀରୁ ହିଟ୍ ଫିଲ୍ମ

ଫିଲ୍ମରେ ସ୍କ୍ରିପ୍ଟ ବା କାହାଣୀର ହାତଲେଖା ଖାରଜ ବା ଅମନୋନୀତ ହେବା ସାଧାରଣ କଥା। ବଲିଉଡ୍‌ର ସ୍କ୍ରିପ୍ଟ ବାରମ୍ବାର ଖାରଜ ହେବା ପରେ ମଧ୍ୟ ଅନେକ ଫିଲ୍ମ ତିଆରି ହୋଇଛି। ହେଲେ ରିଜେକ୍ଟ ସ୍କ୍ରିପ୍ଟ ପଛରେ ପ୍ରଯୋଜକମାନେ ଟଙ୍କା ଖର୍ଚ୍ଚ କରିବାକୁ ପସନ୍ଦ କରନ୍ତିନି। ତେବେ ୭୦ ଦଶକରେ ଏକ ଫିଲ୍ମ ଥିଲା, ଯାହାର କାହାଣୀ ବାରମ୍ବାର ରିଜେକ୍ଟ ହେବା ପରେ ମଧ୍ୟ ଫିଲ୍ମ ସୁପରହିଟ୍ ହୋଇଥିଲା। ଏହି ଫିଲ୍ମଟି ଥିଲା ୭ ଫେବୃଆରୀ ୧୯୭୬ ମସିହାରେ ମୁକ୍ତିଲାଭ କରିଥିବା 'କାଳିଚରଣ'। ଏଥିରେ ଶତ୍ରୁଘ୍ନ ସିହ୍ନା, ରୀନା ରାୟ, ପ୍ରେମନାଥ ଅଜିତ୍, ମଦନପୁରୀ ଏବଂ ଡ୍ୟାନି ଡେନଜୋଙ୍ଗପା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମର ନିର୍ଦ୍ଦେଶନା ସୁବାଷ ଘାଇ ଦେଇଥିଲେ। ଫିଲ୍ମର କାହାଣୀ ସୁବାଷ ଘାଇ, ଭରତ ବି, ଭଲ୍ଲା ଲେଖିଥିବାବେଳେ, ଏହାର ଡାଏଲଗ୍ ଜୈନେନ୍ଦ୍ର ଜୈନ ଲେଖିଥିଲେ। ପ୍ରକାଶ ମେହରା, ଯୈଶ୍ ଚୋପ୍ରାଙ୍କ ଭଳି ନାମୀଦାମୀ ପ୍ରଯୋଜକଙ୍କୁ କାହାଣୀ ଶୁଣାଇଥିଲେ। କିନ୍ତୁ କେହି ହେଲେ ଏହି ଫିଲ୍ମରେ ଟଙ୍କା ନିବେଶ କରିବାକୁ ଚାହୁଁ ନ ଥିଲେ। ପରବର୍ତ୍ତୀ ସମୟରେ ପ୍ରଯୋଜକ ଏନ୍.ଏନ୍. ସିପି ତାଙ୍କୁ ଭେଟିବାକୁ ଡାକିଥିଲେ। ତାଙ୍କୁ ଏହି ଖାରଜ କାହାଣୀଟି ପସନ୍ଦ ଆସିଥିଲା। ସିପି ଚାରିଦିନ ପରେ ପୁଣି ଥରେ ଏହି ସ୍କ୍ରିପ୍ଟ ଶୁଣିଥିଲେ। ଆଉ ଫିଲ୍ମର ନିର୍ଦ୍ଦେଶନା ସୁବାଷ ଘାଇ ଦେବେ ବୋଲି କହିଥିଲେ। ସେହିପରି ସୁବାଷ ଏଥିରେ ଅଭିନୟ କରିବା ପାଇଁ ଅଭିନେତା ଶତ୍ରୁଘ୍ନ ସିହ୍ନାଙ୍କ ନାଁ ନେଇଥିଲେ। ସେହି ସମୟରେ ସେ ଖଳନାୟକ ଭୂମିକାରେ ଅଭିନୟ କରୁଥିଲେ। ତେଣୁ ସେ ଏହି ଫିଲ୍ମକୁ ଛାଡ଼ିବାକୁ ଭାବିଥିଲେ। କିନ୍ତୁ ସିପି ଏଥିପାଇଁ ତାଙ୍କୁ ମାର୍କେଟ୍ ଅନୁଯାୟୀ ଅଧିକ ଟଙ୍କା ଦେଇଥିଲେ। ଫଳରେ ସେ ଏହି ଫିଲ୍ମ କରିବାକୁ ରାଜି ହୋଇଥିଲେ। ଫିଲ୍ମ ସମେତ ଏଥିରେ ଥିବା ଗୀତ ଏବଂ ସଂଳାପ ମଧ୍ୟ ସୁପରହିଟ୍ ହୋଇଥିଲା। ତେବେ ଆଶ୍ଚର୍ଯ୍ୟର କଥା ବାରମ୍ବାର ଖାରଜ ହୋଇଥିବା କାହାଣୀକୁ ନେଇ ନିର୍ମିତ ଫିଲ୍ମ 'କାଳିଚରଣ' ହିଟ୍ ହୋଇଥିଲା।



**ରୋହିତ-କୋହଲି ମୁଖ୍ୟ ଆକର୍ଷଣ**

# ଭାରତ-ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍ ଆଜିଠାରୁ

ଭଦୋଦରା,୧୦।୧(ଏଜେନ୍ସି):

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ଘରୋଇ ଭାରତ ମଧ୍ୟରେ ଆସନ୍ତାକାଲିଠାରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଅନ୍ତର୍ଜାତୀୟ କ୍ରିକେଟରେ ଖେଳାଯାଉଥିବା ୩ଟି ଫର୍ମାଟ ମଧ୍ୟରୁ ଏହି ଫର୍ମାଟର ବିଶେଷ ଗୁରୁତ୍ୱ ନାହିଁ। ଏଥିରେ କିନ୍ତୁ ଗତ ଏକ ଦଶନ୍ଧି ଧରି ଭାରତୀୟ କ୍ରିକେଟ ଦଳର କେନ୍ଦ୍ରବିନ୍ଦୁ ସାଜିଥିବା ବିରାଟ କୋହଲି ଏବଂ ରୋହିତ ଶର୍ମା ଭାରତ ପକ୍ଷରୁ ଏହି ସିରିଜ୍ ଖେଳୁଛନ୍ତି। ଉଭୟ ଖେଳାଳି ହିଁ ଏହି ଫର୍ମାଟରେ ସାଜିଛନ୍ତି ମୁଖ୍ୟ ଆକର୍ଷଣ। ଦୀର୍ଘ ୨୨ ଦିନ ପରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଯାଉଛି। ଭାରତୀୟ କ୍ରିକେଟ ଲାଗି ବାଣିଜ୍ୟିକ ସଂସ୍ଥାଗୁଡ଼ିକ ଯେଉଁ କ୍ଷତି ସହିଛନ୍ତି ତାହାକୁ ପୂରଣ କରିବା ଲାଗି ଜୋରରେ ଲାଗି ପଡ଼ିଛନ୍ତି। ଏଭଳି ସ୍ଥିତିରେ ନ୍ୟୁଜିଲାଣ୍ଡ ଏକ ଦୁର୍ବଳ ଦଳ ସହ ଏହି ସିରିଜ୍ ଖେଳିବାକୁ ଆସିଛି। ନ୍ୟୁଜିଲାଣ୍ଡ ସିନିଅର ଦଳରେ ସ୍ଥାନ ପାଇବାକୁ ସଂଘର୍ଷ କରୁଥିବା ୩୫ ବର୍ଷୀୟ ଅଲରାଉଣ୍ଡର ମାଇକେଲ ବ୍ରେସ୍‌ୱେଲ ଦଳର ନେତୃତ୍ୱ ନେଉଛନ୍ତି। ଦୁଇବର୍ଷ ପୂର୍ବେ ହାଇଦରାବାଦ୍‌ରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ ବ୍ରେସ୍‌ୱେଲ ୧୪୦ ରନ୍ କରି ହାରିଯାଉଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଜିତାଇଥିଲେ। ଏହା ପରେ ସେ କେବଳ ବୋଲିଂରେ କିଛିଟା କମାଲ ଦେଖାଇଛନ୍ତି। ଏହି ଦଳରେ ସ୍ଥାନ ପାଇଥିବା ୧୫ଖେଳାଳିଙ୍କ ମଧ୍ୟରୁ ୮ଜଣ ଭାରତରେ ଖେଳିବାର ଅଭିଜ୍ଞତା ନାହିଁ। ୨ଜଣ ଖେଳାଳି ଅନ୍ତର୍ଜାତୀୟ ପଦାର୍ପଣ କରିନାହାନ୍ତି। ଜଣେ ଖେଳାଳି ଆଦୌ ଦିନିକିଆ ମ୍ୟାଚ୍ ଖେଳିନାହାନ୍ତି। ୫ଜଣ ଖେଳାଳି ୧୦ରୁ କମ୍ ମ୍ୟାଚ୍ ଖେଳିଛନ୍ତି। ସିନିଅର ଏବଂ ନିୟମିତ ଖେଳାଳିଙ୍କ ମଧ୍ୟରୁ ମିଚେଲ ସାଣ୍ଟନର, ମ୍ୟାଟ ହେନେରୀ ଓ ମାର୍କ ଚାପ୍‌ମ୍ୟାନ୍ ଆହତ ସମସ୍ୟାରୁ ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ୱିଲିୟମ ଓ'ରୁର୍କୀ ଓ ନାଥାନ ସ୍ମିଥ୍ ଏଯାଏ ଫିଟ୍ ହୋଇନାହାନ୍ତି। ବାପା ହେବାକୁ ଯାଉଥିବାରୁ ଟମ୍ ଲାଥମ ଛୁଟିରେ ଅଛନ୍ତି। ତାରକା ଖେଳାଳିଙ୍କୁ ନ୍ୟୁଜିଲାଣ୍ଡ କ୍ରିକେଟ ରିଟେନ କରିନାହିଁ। ସାଉଥ୍‌ଆଫ୍ରିକା-ଟି୨୦ ଖେଳୁଥିବାରୁ କେନ୍ ୱିଲିୟମସନଙ୍କୁ ଏହି ସିରିଜ୍‌ରୁ ବାଦ୍ ଦିଆଯାଇଛି। ଏହା ସତ୍ତ୍ୱେ ଦିନିକିଆ କ୍ରିକେଟରେ ନ୍ୟୁଜିଲାଣ୍ଡ କ୍ରମାଗତ ୯ଟି ମ୍ୟାଚରେ ଅପରାଜେୟ ରହିଛି। ଆଉ ଗୋଟିଏ ମ୍ୟାଚ୍ ଜିତିଲେ ଭ୍ରମଣକାରୀ ଦଳ ରେକର୍ଡ କରିବ।



**ଖେଳ ଆରମ୍ଭ: ଅପରାହ୍ଣ ୧ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

ଅନ୍ୟପକ୍ଷରେ ଘରୋଇ ଦଳ ଭାରତ ଦିନିକିଆ କ୍ରିକେଟରେ ବେଶ ଶକ୍ତିଶାଳୀ। ଏହି ଦଳରେ ବିଶ୍ୱର ଦୁଇ ସୁପରଷ୍ଟାର 'ରୋ-କୋ' ବା ରୋହିତ ଶର୍ମା ଓ ବିରାଟ କୋହଲି ଖେଳୁଛନ୍ତି। ଇଂଲଣ୍ଡରେ ଟେଷ୍ଟ ଅଧିନାୟକ ଭାବେ ଦମ୍‌ଦାର ଡେବ୍ୟୁ କରିଥିବା ଶୁବମନ ଗିଲ୍ ଆହତ ହେବା ଫଳରେ ନିୟମିତ ଖେଳିପାରି ନାହାନ୍ତି। ଏବେ ଫିଟ୍ ହୋଇ ଦଳର ନେତୃତ୍ୱ ନେବାକୁ ଫେରିଛନ୍ତି। ଫର୍ମ ହରାଇବା କାରଣରୁ ତାଙ୍କୁ ଟି-୨୦ ବିଶ୍ୱକପ୍ ଓ ଟି-୨୦ ସିରିଜ୍‌ରୁ ବାଦ୍ ଦିଆଯାଇଛି। ଏବେ ଦିନିକିଆ ସିରିଜ୍ ତାଙ୍କ ଲାଗି ଚ୍ୟାଲେଞ୍ଜ ହୋଇଛି। ଏଥିରେ ସେ ଉଭୟ ଫର୍ମ ଓ ନେତୃତ୍ୱର ପ୍ରମାଣ ଦେବାକୁ ପ୍ରସ୍ତୁତି କରିଛନ୍ତି। ଗିଲ୍‌ଙ୍କ ପରି ଦଳର ଉପଅଧିନାୟକ ଶ୍ରେୟସ ଆୟର ମଧ୍ୟ ଆହତ ସମସ୍ୟାରୁ ମୁକୁଳିବା ପରେ ବିଜୟ ହଜାରେ ଟ୍ରଫି ଖେଳି ନିଜକୁ ମ୍ୟାଚ୍ ଫିଟ୍ ପ୍ରମାଣିତ କରିଛନ୍ତି। ଏଣୁ ଉଭୟ ଅଧିନାୟକ ଓ ଉପ ଅଧିନାୟକଙ୍କ ଲାଗି ଏହି ସିରିଜ୍ ବେଶ ଗୁରୁତ୍ୱ ବହନ କରୁଛି। ଦଳର ଆଉ ଦୁଇଜଣ ପ୍ରମୁଖ ଖେଳାଳି ତଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦିନିକିଆ ସିରିଜ୍ ଲାଗି ମନୋନୀତ କରାଯାଇନାହିଁ। ବୁମ୍‌ରାଙ୍କ ସ୍ଥାନରେ ସିରାଜ ଦଳରେ ଖେଳିବା ନିଶ୍ଚିତ। ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଅନ୍ୟ ଦୁଇ ପେସ୍‌ର ଭାବେ ଦଳରେ ସ୍ଥାନ ପାଇବେ।

**ରେକର୍ଡ**

୨୦୨୪ରେ ନ୍ୟୁଜିଲାଣ୍ଡ ହୁଏତ ଭାରତକୁ ଟେଷ୍ଟ କ୍ରିକେଟରେ କ୍ଲିନ୍ ସୁଇପ୍ କରିଛି, କିନ୍ତୁ ଦିନିକିଆରେ ଏହି ଦଳର ରେକର୍ଡ ବହୁତ ଖରାପ। ଭ୍ରମଣକାରୀ ଦଳ ଭାରତରେ ଗୋଟିଏ ହେଲେ ଦିନିକିଆ ସିରିଜ୍ କିମ୍ବା ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇନାହିଁ। ଅନ୍ୟପକ୍ଷରେ ଭାରତ ଗତ ଦୁଇବର୍ଷରେ କ୍ରମାଗତ ୨୦ଟି ମ୍ୟାଚ୍‌ରେ ଟସ୍ ହାରିବା ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଗତ ସିରିଜ୍‌ରେ ଟସ୍ ଜିତି ଏହି ନକରାତ୍ମକ ରେକର୍ଡକୁ ଅତିକ୍ରମ କରିଛି। ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ନ୍ୟୁଜିଲାଣ୍ଡ ଦଳ ମ୍ୟାଚ୍‌କୁ ପ୍ରତିଯୋଗିତାମୂଳକ କରାଇବ ବୋଲି ଆଶା କରାଯାଉଛି।

**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ୍ (ୱିକେଟରକ୍ଷକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ।

**ବେଞ୍ଚ:** ଯଶସ୍ୱୀ ଜୟସ୍ୱାଲ, ଋଷଭ ପନ୍ତ, ପ୍ରସିଦ୍ଧ କ୍ରିଷ୍ଣା ଓ ନୀତୀଶ କୁମାର ରେଡ୍ଡୀ।

**ନ୍ୟୁଜିଲାଣ୍ଡ:** ଡେଭନ କନୱେ (ୱିକେଟରକ୍ଷକ), ନିକ୍ କେଲୀ, ୱିଲ ୟଙ୍ଗ୍, ଡାରିଲ ମିଚେଲ, ହେନରୀ ନିକୋଲସ, ଗ୍ଲେନ ଫିଲିପ୍ସ, ମାଇକେଲ ବ୍ରେସ୍‌ୱେଲ (ଅଧିନାୟକ), ଜାକାରୀ ଫୋକ୍ସ, କାଏଲ ଜାମିସନ, ମାଇକେଲ ରେ, ଆଦିତ୍ୟ ଅଶୋକ।

**ବେଞ୍ଚ :** ମିଚେଲ ହେ, ଜେଡେନ ଲେନ୍ନକ୍ସ, କ୍ରିଷ୍ଟିଆନ କ୍ଲାର୍କ, ଜୋଶ କ୍ଲାର୍କସନ।

**ପିଚ୍ ଓ ପରିବେଶ**

କୋଟାମ୍ବି ଷ୍ଟାଡିୟମ୍‌ରେ ପୁରୁଷ ବିଭାଗର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜିତ ହେବାକୁ ଯାଉଛି। ଏଠାରେ ଦୁଇଟି ମହିଳା ଦିନିକିଆ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଛି। ଏଠିକାର ପିଚ୍ ପେସ୍ ବୋଲରଙ୍କୁ ସୁହାଇଛି। ମହିଳା ବିଭାଗର ଏଠାରେ ଖେଳାଯାଇଥିବା ଉଭୟ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ୧୦୦ରୁ ଊର୍ଦ୍ଧ୍ୱ ରନ୍ ବ୍ୟବଧାନରେ ବିଜୟୀ ହୋଇଛି। କିନ୍ତୁ ଟସ୍ ଜିତିବା ପରେ ଚେଜ୍ କରିବାକୁ ଦଳ ପସନ୍ଦ କରିବେ। ଏଠାରେ ପ୍ରଚୁର କାକର ପଡ଼ୁଛି। ଏଣୁ ଦ୍ୱିତୀୟରେ ବ୍ୟାଟିଂ କରୁଥିବା ଦଳ ଲାଗି ଏହା ବେଶ ସହାୟକ ହେବ। ସବୁଠାରୁ ବଡ଼ କଥା ହେଲା ଦେଶ ସାରା ଶୀତ ଲହରୀ ଚାଲିଥିଲାବେଳେ ଏଠାରେ ତାପମାତ୍ରା ୨୦ରୁ ଅଧିକ ଡିଗ୍ରି ରହିଛି। ଏଣୁ ମୁକାବିଲା ଲାଗି ଏଠିକାର ପରିବେଶ ବେଶ ଉପଯୋଗୀ ହେବ।

**ଦିନିକିଆ ଖେଳସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ବରୋଦା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |

**ମହିଳା ପ୍ରିମିୟର ଲିଗ୍**

## 'ଜାଏଣ୍ଟସ'ର ପ୍ରଥମ ବିଜୟ

ନଭି ମୁମ୍ବଇ, ୧୦।୧(ଏଜେନ୍ସି): ଜର୍ଜିଆ ୱେଆରହାମ୍‌ଙ୍କ ଅଲରାଉଣ୍ଡ ସଫଳତା ଓ ଅଧିନାୟିକା ଆଶଲେ ଗାର୍ଡନର (୬୩)ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଶନିବାର ଖେଳାଯାଇଥିବା ୨୦୨୬ ମହିଳା ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ ମାତ୍ର ୧୦ ରନ୍‌ରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଏହା ଫଳରେ ଗୁଜରାଟ ମହିଳା ପ୍ରିମିୟର ଲିଗ୍‌ରେ ଖେଳିଥିବା ପ୍ରଥମ ମ୍ୟାଚ୍ ଓ ଏହି ଷ୍ଟାଡିୟମ୍‌ରେ ୪ର୍ଥ ମ୍ୟାଚ୍‌ରୁ ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ମାତ୍ର ୧୦ ବଲ୍‌ରୁ ଅପରାଜିତ ୨୭ ଓ ୪ ଓଭରରେ ୩୦ ରନ୍ ଦେଇ ୨ଟି ୱିକେଟ ନେଇଥିବା ଗୁଜରାଟର ୱେଆରହାମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ମହିଳା ପ୍ରିମିୟର ଲିଗ୍ ଇତିହାସରେ ଏହି ମ୍ୟାଚ୍‌ରେ ଦ୍ୱିତୀୟ ସର୍ବାଧିକ ସ୍କୋର ୪୦୪ ରନ୍ ସଂଗୃହୀତ ହୋଇଛି।

ଏହି ମ୍ୟାଚ୍‌ରେ ଗୁଜରାଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୦୭ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ଗାର୍ଡନର ୪୧ବଲ୍‌ରେ ୬ ଚୌକା ଓ ୩ଛକା ସହ ୬୫, ଅନୁସ୍କା ଶର୍ମା ୩୦ ବଲ୍‌ରୁ ୪୪, ସୋଫି ଡିଭାଇନ୍ ୨୦ ବଲ୍‌ରୁ ୩୮ ରନ୍ କରିଥିଲେ। ଜବାବରେ ୨୦୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୟୁପି ୱାରିୟର୍ଜ ଫୋଏବି ଲିଚ୍‌ଫିଲ୍ଡଙ୍କ ଲଢୁଆ ୭୮ (୪୦ବଲ୍, ୮ଚୌକା, ୫ଛକା) ରନ୍ ସତ୍ତ୍ୱେ ଦଳ ସମାନ ସଂଖ୍ୟକ ଓଭର ଖେଳି ୮ ୱିକେଟରେ ୧୯୭ ରନ୍ କରିଥିଲା। ଅଧିନାୟିକା ମେଗ୍ ଲାନିଙ୍ଗ୍ ୩୦, ଆଶା ଶୋଭନାଙ୍କ ଅପରାଜିତ ୨୭ ଓ ଶ୍ୱେତା ସେରାୱତ୍‌ଙ୍କ ୨୫ ରନ୍ ମଧ୍ୟ କିଛି କାମ ଦେଇ ନଥିଲା। ଗୁଜରାଟ ପକ୍ଷରୁ ରେଣୁକା ସିଂ ଠାକୁର, ସୋଫି ଡିଭାଇନ୍ ଓ ୱେଆରହାମ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ।

## କ୍ୟାପିଟାଲ୍ସକୁ ହରାଇଲା ଇଣ୍ଡିଆନ୍ସ

ନଭି ମୁମ୍ବଇ,୧୦।୧(ଏଜେନ୍ସି): ନାତାଲି ସିଭର-ବ୍ରଣ୍ଟ ଓ ଅଧିନାୟିକା ହରମନପ୍ରୀତ କୌର ଅର୍ଦ୍ଧଶତକ ଓ ନାତାଲି କ୍ୟାରୀ ଓ ଆମେଲିଆ କେର୍‌ଙ୍କ ଚତୁର ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍‌ର ତୃତୀୟ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସ ୫୦ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ମୁକାବିଲାରେ ପ୍ରଥମ ବିଜୟ ହାସଲ କରିଛି। ଏଠାରେ ସିଭର-ବ୍ରଣ୍ଟ ୪୬ ବଲ୍‌ରୁ ୧୩ ଚୌକା ସହ ୭୦ ଓ ହରମନପ୍ରୀତ୍ ୪୨ ବଲ୍‌ରୁ ୮ ଚୌକା ଓ ୩ ଛକା ସହ ଅପରାଜିତ ୭୪ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୯୫ ରନ୍ କରିଛି। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯ ଓଭରରେ ୧୪୫ ରନ୍ କରିଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ଚିନେଲେ ହେନରୀ କିଛିଟା ଲଢୁଆ ବ୍ୟାଟିଂ କରି ସର୍ବାଧିକ ୫୬ ରନ୍ କରିଥିଲେ। ଅନ୍ୟ ତାରକା ଖେଳାଳିଙ୍କ ମଧ୍ୟରେ ଶେଫାଳି ବର୍ମା ୮, ଲୌରା ୱଲଭାର୍ଟ ୯, ଅଧିନାୟିକା ଜେମିମା ରୋଡ୍ରିଗ୍ୱେଜ୍ ୧ ଓ ମାରିଜାନ କାପ୍ ୧୦ ରନ୍ କରିଥିଲେ। ମୁମ୍ବାଇର ପେସ୍ ବୋଲର ନିକୋଲା କ୍ୟାରୀ ଓ ଆମେଲିଆ କେର୍ ୩ଟି ଲେଖାଏଁ ଓ ସିଭର-ବ୍ରଣ୍ଟ ୨ଟି ୱିକେଟ ପାଇଥିଲେ।

## ଅଭ୍ୟାସ ବେଳେ ପନ୍ତ ଆହତ

ଭଦୋଦରା,୧୦।୧(ଏଜେନ୍ସି): ଭାରତୀୟ ଦଳର ୱିକେଟରକ୍ଷକ ଋଷଭ ପନ୍ତ ଆଜି ବ୍ୟାଟିଂ ଅଭ୍ୟାସ କଲାବେଳେ ଆହତ ହୋଇଛନ୍ତି। ଥ୍ରୋୟର ତାଙ୍କୁ ବଲ ପକାଉଥିଲାବେଳେ ଗୋଟିଏ ବଲ ତାଙ୍କ ମଣିବନ୍ଧରେ ବାଜିଥିଲା। ଏଥିରେ ତାଙ୍କୁ ଭୀଷଣ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା କରାଯାଇଥିଲା। ହେଡ୍ କୋଚ୍ ଗୌତମ ଗମ୍ଭୀର ତାଙ୍କ ନିକଟରେ ଛିଡା ହୋଇ ଚିକିତ୍ସା ଦେଖିଥିଲେ। ଏହା ପରେ ସେ ପଡ଼ିଆ ଛାଡିଥିଲେ। ନିକଟରେ ଫିଟ୍ ହେବା ପରେ ପନ୍ତ ବିଜୟ ହଜାରେ ଟ୍ରଫି ଖେଳିଥିଲେ। କିନ୍ତୁ ସେ ଫର୍ମରେ ନ ଥିଲେ ମଧ୍ୟ ତାଙ୍କୁ ଦ୍ୱିତୀୟ ୱିକେଟରକ୍ଷକ ଭାବେ ଦଳରେ ସାମିଲ କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଖେଳି ନ ଥିବାରୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆରେ ସ୍ଥାନ ପାଇଛନ୍ତି।

**■ ମାଲେସିଆ ଓପନ୍**

## ସେମିରେ ଅଟକିଲା ସିନ୍ଧୁଙ୍କ ବିଜୟ ଯାତ୍ରା

କ୍ୱାଲାଲୁମ୍ପୁର, ୧୦।୧ (ଏଜେନ୍ସି): ମାଲେସିଆ ଓପନ୍‌ରେ ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ବିଜୟ ଯାତ୍ରା ସେମିଫାଇନାଲରେ ଅଟକି ଯାଇଛି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସିନ୍ଧୁ ୧୬-୨୧, ୧୫-୨୧ ସିଧାସଳଖ ଗେମରେ ଚାଇନାର ୱାଙ୍ଗ ଝିୟିଙ୍କ ନିକଟରୁ ହାରିଯାଇଛନ୍ତି। ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ୱାଙ୍ଗ'ଙ୍କ ବିରୋଧରେ ସିନ୍ଧୁ ଚାପକୁ ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଏହି ପରାଜୟସହ ମାଲେସିଆ ଓପନରୁ ଭାରତର ଅଭିଯାନ ଶେଷ ହୋଇଛି। ଗତକାଲି ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ କ୍ୱାର୍ଟର ଫାଇନାଲରୁ ହାରି ବିଦାୟ ନେଇଥିଲେ।

## କୋଚ୍ ଜେଲେଜ୍ନିଙ୍କଠାରୁ ଅଲଗା ହେଲେ ନୀରଜ

ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ତଥା ଭାରତର ଷ୍ଟାର ଆଥଲେଟ ନୀରଜ ଚୋପ୍ରା ତାଙ୍କ କୋଚ୍ ଜାନ ଜେଲେଜ୍ନିଙ୍କଠାରୁ ଅଲଗା ହୋଇଛନ୍ତି। ନୀରଜ ଓ ୫୯ ବର୍ଷୀୟ ଚେକ ଗଣରାଜ୍ୟର ଜେଲେଜ୍ନି ମିଳିତ ଭାବେ ଏକ ବିବୃତ୍ତି ଜାରି କରି ଏହି ସୂଚନା ଦେଇଛନ୍ତି। ଜାନଙ୍କ ସହ କାମ କରିବା ଫଳରେ ସେ ବହୁତ ନୂଆ ଚିନ୍ତାଧାରା ଦ୍ୱାରା ମୋ ଆଖି ଖୋଲିଦେଇଥିଲେ। ନୂଆ ଟେକନିକ, ରିଦିମ୍ ଓ ଗତିକୁ ନେଇ ସେ ଯେଉଁଭଳି କାମ କରନ୍ତି ତାହା ଅବିଶ୍ୱସନୀୟ। ଆମେ ଏକାଠି କରିଥିବା ପ୍ରତ୍ୟେକ ସେସନରୁ ମୁଁ ବହୁତ କିଛି ଶିଖିବାକୁ ପାଇଲି ବୋଲି ନୀରଜ ତାଙ୍କ ବିବୃତ୍ତିରେ କହିଛନ୍ତି। ପ୍ରକାଶଯୋଗ୍ୟ ଜେଲେଜ୍ନି କେବଳ ଗୋଟିଏ ସିଜନ ଅର୍ଥାତ ୨୦୨୫ରେ ନୀରଜଙ୍କ କୋଚ୍ ଦାୟିତ୍ୱ ତୁଲାଇଥିଲେ। ଜେଲେଜ୍ନିଙ୍କ ଅଧିନରେ ନୀରଜଙ୍କ ପ୍ରଦର୍ଶନ ମିଶ୍ରିତ ରହିଥିଲା। ଦୋହା ଡାଇମଣ୍ଡ ଲିଗରେ ସେ ଦମ୍‌ଦାର ପ୍ରଦର୍ଶନ କରି ୯୦ ମିଟର ମାର୍କ ଅତିକ୍ରମ କରିଥିଲେ। ଯାହା ତାଙ୍କ କ୍ୟାରିୟରର ପ୍ରଥମ ୯୦ ମିଟର ଥିଲା।

## ଆଇସିସି ଉତ୍ତରକୁ ବାଂଲାର ଅପେକ୍ଷା

ଢାକା,୧୦।୧(ଏଜେନ୍ସି): ଭାରତରେ ଟି-୨୦ ବିଶ୍ୱକପ୍ ନ ଖେଳିବାକୁ ଓ ଭେନ୍ୟୁ ପରିବର୍ତ୍ତନ କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ଆଇସିସିକୁ ଯେଉଁ ଅନୁରୋଧ କରିଥିଲା ତାହାର ଉତ୍ତର ଏଯାଏ ମିଳିନାହିଁ। ଯାହା ଫଳରେ ବୋର୍ଡର ସଭାପତି ଅମିନୁଲ ଇସ୍‌ଲାମ ତାଙ୍କ ଦଳ ବିଶ୍ୱକପ୍‌ରେ ଭାଗନେବ କି ନାହିଁ ସନ୍ଦେହରେ ରହିଛନ୍ତି। ଭାରତରେ ନିଜ ଖେଳାଳିଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସେଠାରେ ଖେଳିବାକୁ ନ ଯିବା ଲାଗି ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ବୋର୍ଡର କିଛି କରିବାର ଦକ୍ଷତା ନାହିଁ। କେବଳ ଆଇସିସି ଉପରେ ନିର୍ଭର କରିବା ଛଡ଼ା ଆଉ କିଛି ଉପାୟ ନାହିଁ। ବୋର୍ଡର ଜଣେ ଡାଇରେକ୍ଟର ତମିମ୍ ଇକବାଲଙ୍କୁ ଭାରତୀୟ ଏଜେଣ୍ଟ କହିବା ଘଟଣା ବାଂଲାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସେ ଏହି ମନ୍ତବ୍ୟଲାଗି ଭୁଲ କ୍ଷମାପ୍ରାର୍ଥନା କରିଛନ୍ତି। ତାଙ୍କୁ ମଧ୍ୟ ବୋର୍ଡ ଓ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଜାତୀୟ କନିଷ୍ଠ ଅସିଚାଳନା ଉଦ୍‌ଯାପିତ**

## ଏସ୍‌ଏସ୍‌ସିବି, ହରିୟାଣା ଚାମ୍ପିଅନ




ଭୁବନେଶ୍ୱର,୧୦।୧(ସମିସ): କଟକରେ ଚାଲିଥିବା ଜାତୀୟ କନିଷ୍ଠ ଅସିଚାଳନା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୁଷ ବିଭାଗରେ ଏସ୍‌ଏସ୍‌ସିବି ଓ ମହିଳା ବିଭାଗରେ ହରିୟାଣା ସର୍ବାଧିକ ପଏଣ୍ଟ ପାଇ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ପୁରୁଷ ବିଭାଗରେ ହରିୟାଣା ଓ ମହିଳା ବିଭାଗରେ ମଣିପୁର ରନର୍ସ ଅପ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କର୍ମକର୍ତ୍ତା ଏବଂ ଆୟୋଜକ ଓଡ଼ିଶା ଅସିଚାଳନା ସଂଘର କର୍ମକର୍ତ୍ତାମାନେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ସଂଗଠନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ଏଆଇଏଫ୍‌ଏଫ୍ ଏଲିଟ୍ ୟୁଥ୍ ଲିଗ୍: ଜାମ୍‌ସେଦ୍‌ପୁର ଏଫ୍‌ସି ବିଜୟୀ

ଭୁବନେଶ୍ୱର,୧୦।୧(ସମିସ): କ୍ୟାପିଟାଲ ଫୁଟବଲ ପଡ଼ିଆରେ ଆଜି ଅନୁଷ୍ଠିତ ଏଆଇଏଫ୍‌ଏଫ୍ ଏଲିଟ ୟୁଥ୍ ଲିଗ୍‌ର ମ୍ୟାଚ୍‌ରେ ଜାମସେଦ୍‌ପୁର ଏଫସି ୨-୦ ଗୋଲରେ ଫାଓ ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୌମିକ ଦାସ ଓ ସତ୍ୟଜିତ ଦାସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଓଡ଼ିଶା ଭିତ୍ତିକ ଦଳ ଫାଓ ଏକାଡେମୀ କୌଣସି ଗୋଲ ସ୍କୋର କରିପାରି ନ ଥିଲା।

## ଆହାନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟିକଲେ ଶାଜ୍‌ଫା

ଭୁବନେଶ୍ୱର,୧୦।୧(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଅଲ୍‌ଓଡ଼ିଶା ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଯୁବ ଖେଳାଳି ସେକ୍ ଶାଜ୍‌ଫା ୱାନିଆ ମହିଳା ଏକକ ସେମିଫାଇନାଲରେ ଟପ୍ ସିଡ୍ ଆହାନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବା ସହ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ସେ ପ୍ରିଶା ସାହୁଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ପ୍ରିଶା ୯-୨ ପଏଣ୍ଟରେ ସାନଭିକ୍ ମହାନ୍ତିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବିଭାଗ ଫାଇନାଲରେ ମଧ୍ୟ ଶାଜ୍‌ଫାଙ୍କ ସହ ପ୍ରିଶାଙ୍କର ମୁକାବିଲା ହେବ। ଏହି ବିଭାଗ ସେମିଫାଇନାଲରେ ସୁଶ୍ରୀ କର୍ମକାରଙ୍କୁ ଶାଜ୍‌ଫା ଓ ସଂରଚନା ଦାସଙ୍କୁ ପ୍ରିଶା ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ଖେଳାଯିବାକୁ ଥିବା ପୁରୁଷ ବିଭାଗ ସେମିଫାଇନାଲରେ ଆଦିତ୍ୟ ଶତପଥୀଙ୍କ ସହ କମଲେଶ ରଥ ଓ ଆହାନ ମିଶ୍ରଙ୍କ ସହ ମହମ୍ମଦ୍ ଫର୍ଦିନଙ୍କର ମୁକାବିଲା ହେବ। ୩.୫୦ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ରବିବାର ଶେଷ ହେବ।

**ଅଲଓଡ଼ିଶା ଉତ୍କଳ ଓପନ ଟେନିସ**




## ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ଆରମ୍ଭ




ଭୁବନେଶ୍ୱର,୧୦।୧(ସମିସ): ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆଜିଠାରୁ ୭୪ଟ ଟିମ୍‌କୁ ନେଇ ଆରମ୍ଭ ହୋଇଛି ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା। ଏହି ପ୍ରତିଯୋଗିତାକୁ ଓସିଏ ସିନିଅର ସିଲେକ୍ସନ କମିଟି ଚେୟାରମ୍ୟାନ ସୌରଜିତ ମହାପାତ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ରେଭେନ୍‌ଶା କୁଳପତି ପ୍ରଫେସର ଧର୍ମବ୍ରତ ମହାପାତ୍ର, ରେଜିଷ୍ଟ୍ରାର କାହ୍ନୁଚରଣ ମଲିକ ଅତିଥିଭାବେ ଉପସ୍ଥିତ ଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ ଡ. ଅଞ୍ଜନ କୁମାର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଆଜି ରେଭେନ୍‌ଶା ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ସରଳା ବିର୍ଲା, ଫକିର ମୋହନ, ହେମଚାନ୍ଦ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛନ୍ତି। କିଟ୍ କ୍ରିକେଟ ଗ୍ରାଉଣ୍ଡରେ ରାଞ୍ଚି ଓ ବିର୍ଲା ଗ୍ଲୋବାଲ, ଏମ୍‌ଜିଏମ୍ ଗ୍ରାଉଣ୍ଡରେ ପଣ୍ଡିତ ରବିଶଙ୍କର, ବିଏନ୍ ମଣ୍ଡଳ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛନ୍ତି।

**ମହିଳା ହକି ଇଣ୍ଡିଆ ଲିଗ୍**

## ପାଇପର୍ସ ଚାମ୍ପିଅନ, ଟାଇଗର୍ସ ରନର୍ସଅପ୍

ରାଞ୍ଚି,୧୦।୧(ଏଜେନ୍ସି):




ଏସ୍‌ଜି ପାଇପର୍ସ ମହିଳା ହକି ଇଣ୍ଡିଆ ଲିଗ୍‌ର ନୂଆ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସ୍ଥାନୀୟ ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ପାଇପର୍ସ ୩-୨ ସୁଟ୍‌ଆଉଟ ଗୋଲରେ ଶ୍ରାଚି ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରି ଟାଇଟଲ ସହ ୧.୫ କୋଟି ଟଙ୍କାର ପୁରସ୍କାର ଜିତିନେଇଛି। ରନର୍ସଅପ୍ ବେଙ୍ଗଲ ଟାଇଗର୍ସକୁ ଟ୍ରଫି ସହ ୧ କୋଟି ଟଙ୍କାର ପୁରସ୍କାର ମିଳିଛି। ଏହି ମ୍ୟାଚଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ନିର୍ଦ୍ଧାରିତ ଖେଳରେ ଉଭୟ ଦଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲେ। ଖେଳର ୧୫ତମ ମିନିଟ୍‌ରେ ବେଙ୍ଗଲ ଟାଇଗର୍ସ ପକ୍ଷରୁ ଲାଲରେମସିଆମି ଫିଲ୍ଡ ଗୋଲ ଜରିଆରେ ଦଳକୁ ଅଗ୍ରଣୀ କରାଇଥିଲେ। ସେହିପରି ଚତୁର୍ଥ କ୍ୱାର୍ଟରରେ ଅର୍ଥାତ୍ ୫୪ତମ ମିନିଟ୍‌ରେ ପାଇପର୍ସର ଯୁବ ଖେଳାଳି ପୀତି ଦୁବେ ମଧ୍ୟ ଫିଲ୍ଡ ଗୋଲ ଦେଇ ଖେଳକୁ ସମାନସ୍ତରକୁ ଆଣିଥିଲେ। ଏହା ଫଳରେ ମ୍ୟାଚ୍‌ର ମୀମାଂସା ଲାଗି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ପାଇପର୍ସ ୩ଟି ଗୋଲ ଦେଇ ବାଜି ମାରିନେଇଥିଲା। ଟାଇଗର୍ସ ସମଗ୍ର ମ୍ୟାଚ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ ମଧ୍ୟ ସୁଟ୍‌ଆଉଟରେ ୨ଟି ଗୋଲ ଦେବାକୁ ସମର୍ଥ ହୋଇଥିଲା।

ତୃତୀୟ ସ୍ଥାନ ଅଧିକାର କରିଥିବା ରାଞ୍ଚି ରୟାଲ୍ସକୁ ୫୦ ଲକ୍ଷ ଟଙ୍କା ପୁରସ୍କାର ମିଳିଛି। ଏହା ବ୍ୟତୀତ ପାଇପର୍ସର ଅଧିନାୟକ ନବନୀତ ରାଣା ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ଖେଳାଳିଙ୍କୁ ୨୦ ଲକ୍ଷ ଟଙ୍କା ପୁରସ୍କାର ପାଇଛନ୍ତି। ଏହା ବ୍ୟତୀତ ଚାମ୍ପିଅନ ଦଳର ବାଂଶୁରୀ ସୋଲାଙ୍କି ଶ୍ରେଷ୍ଠ ଗୋଲରକ୍ଷକ, ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ ଉଦୀୟମାନ ଖେଳାଳି, ବେଙ୍ଗଲ ଟାଇଗର୍ସର ଅଗଷ୍ଟିନା ଗୋର୍ଜେଲାନୀ ଟପ୍ ସ୍କୋରର ବିବେଚିତ ହୋଇ ୫ ଲକ୍ଷ ଲେଖାଏଁ ଟଙ୍କା ପାଇଛନ୍ତି।

**୧୫ ବର୍ଷରୁ କମ୍ ବାଳିକା କ୍ରିକେଟ**

## ଓଡ଼ିଶାର ବୃହତ୍ ବିଜୟ

ଭୁବନେଶ୍ୱର,୧୦।୧(ସମିସ): ନାଗପୁରରେ ଚାଲିଥିବା ବିସିସିଆଇ ୧୫ ବର୍ଷରୁ କମ୍ ବାଳିକା ୩୫ ଓଭର ବିଶିଷ୍ଟ ଦିନିକିଆ କ୍ରିକେଟ ପ୍ରତିଯୋଗିତାର ଆଜିର ମୁକାବିଲାରେ ଓଡ଼ିଶା ୭ ୱିକେଟରେ ଜମ୍ମୁ-କାଶ୍ମୀରକୁ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଅନ୍ୱେଷା ସ୍ୱାଇଁ ୪ଟି ଓ ରୋମି ପ୍ରଲୀପ୍ତା ମଲ୍ଲିକ ୨ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଜାମ୍ମୁ-କାଶ୍ମୀର ୧୧୭ ରନ୍ କରି ଅଲଆଉଟ ହୋଇଥିଲା। ଜାହ୍ନବୀ ରାଜପୁର ୨୮ ଓ ସାନ୍‌ମି ସୁନୀଲ ୧୫ ରନ୍ କରିଥିଲେ। ଜବାବରେ ଓଡ଼ିଶା ଦଳ ୨୬.୪ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ଅନ୍ୱେଷା ବ୍ୟାଟିଂରେ ମଧ୍ୟ କମାଲ ଦେଖାଇ ୪୭ ରନ୍ ଓ ଚିରଶ୍ରୀ ରାଉତ ୪୦ ରନ୍‌ରେ ଅପରାଜିତ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS